


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-348 ◆BHUBANESWAR ◆MONDAY ◆16 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୪୮ ◆ଭୁବନେଶ୍ୱର ◆ସୋମବାର ◆୧୬ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ADMISSION OPENS

+2 1ST YR Sc. (CHSE & CBSE) & NEET-2025-26

# TETRAHEDRON
## GROUP OF INSTITUTIONS

Tangi,Cuttack,
For Admission Contact :-
8093064522, 8093064525,9040363480, 7008222977

## NEET RESULTS -2025

| Marks | AIR | Category Rank | Name | Place | Mobile |
|---|---|---|---|---|---|
| 590 | AIR-2241 | 762 | SOURAV RANJAN | JAJPUR | M. : 9337135920 |
| 588 | AIR-2418 | 1329 | PRANAB KUMAR | CUTTACK | M : 9348405006 |
| 585 | AIR-2839 | 220 | AMIT ANSUMAN | JAJPUR | M : 8260552053 |
| 578 | AIR-3798 | 1414 | G.S TANISHA | BHADRAK | M : 6370203229 |
| 575 | AIR-4483 | 1714 | SOUMYA RANJAN | KENDRAPARA | M: 9853490176 |
| 574 | AIR-4690 | 113 | ASHUTOSH (SC) | SAMBALPUR | M : 9438110102 |
| 574 | AIR-4551 | 1743 | SUBHASANKAR | BALASORE | M. : 9556941413 |
| 572 | AIR-5040 | 1968 | ASHUTOSH | KENDRAPARA | M : 7735074814 |
| 571 | AIR-5170 | 2530 | SOMESH PRASAD | TALCHER, ANGUL | M. : 7849035336 |
| 568 | AIR-5836 | 2793 | SWARAJ | JAGATSINGHPUR | M. : 6372296215 |
| 567 | AIR-6281 | 2980 | MONALISHA | KEONJHAR | M. : 9938758948 |
| 567 | AIR-6262 | 590 | ANSUMAN | CUTTACK | M. :6372343040 |
| 565 | AIR-6808 | 2755 | RAJESH | JAJPUR | M : 6370895135 |
| 564 | AIR-7229 | 3377 | ARCHITA | CUTTACK | M. : 7978178553 |
| 564 | AIR-2241 | 762 | PRASANTA KU. | JAJPUR | M : 7894331492 |
| 562 | AIR-7733 | 755 | ASIS KU. | KEONJHAR | M : 9827856657 |
| 560 | AIR-6105 | 3362 | SUBHASHISH | JAJPUR | M. : 9040499246 |
| 559 | AIR-8790 | 4013 | SOVNA | JAJPUR | M : 7978917103 |
| 558 | AIR-8910 | 3673 | SATYARANJAN | CUTTACK | M. : 8249555100 |
| 555 | AIR-10001 | 4505 | KABIR | CUTTACK | M. :8917235240 |
| 553 | AIR-10868 | 4844 | IRA MOHANTY | JAJPUR | M. :9438174925 |
| 552 | AIR-11400 | 1844 | SURYASNAT | SALIPUR,CUTTACK | M. : 9439942163 |
| 552 | AIR-11200 | 4738 | SWATI SNIGDHA | BARIPADA | M. : 9040575691 |
| 551 | AIR-11844 | 5213 | SOUBHAGYA RANJAN | JAJPUR | M. : 9692767335 |
| 550 | AIR-12293 | 5263 | JAYASHREE | JAJPUR | M. : 7077298174 |
| 549 | AIR-12842 | 5591 | SANJIB KU. | CUTTCK | M. : 8658284937 |
| 549 | AIR-12780 | 1372 | PRADIPTA KU. | CUTTACK | M. :8338869928 |
| 549 | AIR-12748 | 5483 | R.S BHAKTI SWARUPA | CUTTACK(MAHANGA) | M. :9777746799 |
| 548 | AIR-13272 | 1436 | RUDRA NARAYAN | JAJPUR | M : 8908938985 |
| 548 | AIR-13018 | 1400 | RAJKUMAR | BHUBANESWAR | M. : 9692089794 |
| 548 | AIR-13377 | 5793 | AMIT KU. | JAJPUR | M : 9348601405 |
| 545 | AIR-14827 | 6475 | SUBHANKAR | JAJPUR | M. : 9310679902 |
| 544 | AIR-15048 | 6412 | AMIT KU. | CUTTACK | M. : 9692868645 |
| 542 | AIR-16115 | 6792 | RITIK NARENDRA | NAYAGARH | M. :7855924761 |
| 541 | AIR-16789 | 7429 | ANUPAMA | JAJPUR | M. :8260543757 |
| 541 | AIR-16951 | 7308 | JYOTIRANJAN | JAGATSINGHPUR | M. :9090317675 |
| 540 | AIR-17367 | 7698 | IPSITA | BARIPADA | M. : 7847007731 |
| 540 | AIR-17183 | 7614 | GYANARANJAN | JAJPUR | M. :8984012686 |
| 539 | AIR-18094 | 2014 | RAJENDRA | KENDRAPARA | M. :8249757722 |
| 539 | AIR-18150 | 7530 | SWARNAPRAVA | BHADRAK | M. : 9348538749 |
| 539 | AIR-17974 | 7990 | ASHUTOSH | JAJPUR | M. :9438213231 |
| 539 | AIR-18113 | 7518 | ARUP | ANGUL | M. : 8260114745 |
| 538 | AIR-18804 | 8370 | ASISH | KENDRAPARA | M. : 8093906398 |
| 538 | AIR-000 | 000 | ROHIT RASHMI | KHORDHA | M. : 9090478270 |
| 538 | AIR-18329 | 7603 | SARASWATA | CUTTACK | M. :9827707252 |
| 535 | AIR-20761 | 9399 | SACHITANANDA | KENDRAPARA | M. : 7978636315 |
| 535 | AIR-20362 | 8360 | PRAGYAN PARAMITA | | M. : 7008984646 |
| 534 | AIR-21361 | 9650 | DEBASMITA(SGS) | ANGUL | M. :7848987971 |
| 533 | AIR-22099 | 8971 | SUBHAM | BHADRAK | M. : 9937533036 |
| 532 | AIR-22673 | 2585 | LOKANTH | DHENKANAL | M. :8984711270 |
| 531 | AIR-23543 | 2705 | DEEPANKAR | JAJPUR | M. :7750878883 |
| 531 | AIR-23310 | 9394 | SUBHASHREE | JAJPUR | M. : 7077329698 |
| 531 | AIR-23105 | 2644 | SAIEED | JAJPUR | M. :8984303637 |

## OUR ACHIEVERS FOR AIIMS

| Marks | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURAI(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |

| 530+ MARKS | 520+ MARKS | 515+ MARKS | GOVT. MBBS | AIIMS | SCB |
|---|---|---|---|---|---|
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE

Qualifying & Scholarship Test for NEET :
22nd JUNE 2025 (Exam from 11am. to 2.00pm.)
FOR ONLINE REGISTRATION VISIT OUR WEBSITE :
https://neet.tetrahedroncoaching.com

**Course Fees According to NEET Score -2025**

- For Student Scoring 500 above : Free
- For Student Scoring 490 above : Rs. 10,000/- +(GST)
- For Student Scoring 480 above : Rs. 20,000/- +(GST)
- For Student Scoring 470 above : Rs. 30,000/- +(GST)
- For Student Scoring 460 above : Rs. 40,000/- +(GST)
- For Student Scoring 450 above : Rs. 50,000/- +(GST)
- For Student Scoring 425 above : Rs. 60,000/- +(GST)
- For Student Scoring 400 above : Rs. 65,000/- +(GST)
- For Student Scoring 350 above : Rs. 70,000/- +(GST)
- For Student Scoring 300 above : Rs. 75,000/- +(GST)

For very very poor student scoring 500+ in NEET 2025 Hostel fees also free

## OUR CHSE RESULTS -2025



581
ABINASH PANDA
R. NO. : 312CZ142
MOB. : 8926374475

| Marks | Name | R.NO. | Mobile |
|---|---|---|---|
| 578 | ANUNJAYA | 312CZ044 | M. : 9937820270 |
| 575 | HARAPRASAD | 312CZ052 | M. : 9777635809 |
| 574 | ANANYA ANUPRITA | 321CZ001 | M. : 6372522094 |
| 574 | ANANYA | 321CZ018 | M. : 9178552089 |
| 574 | PRIYADARSHINI | 321CZ020 | M. : 8456010982 |
| 574 | RUTUPURNA | 321CZ025 | M. : 8908000397 |
| 573 | ASHUTOSH | 312CZ009 | M. : 7008710810 |
| 573 | SWARNA PRAVA | 321CZ002 | M. : 9348538749 |
| 572 | SOUMYAK | 312CZ015 | M. : 6372996292 |
| 572 | SANDEEP | 312CZ021 | M. : 9438775289 |
| 571 | PRIYANKA | 321CZ016 | M. : 8328937059 |
| 570 | SWAYAM | 312CZ039 | M. : 9583495922 |

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120

ଆମର ମୁଖ୍ୟ strength ହେଉଛି ତ୍ରିଦେବ୍ ସାର୍‌ଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

**One Year NEET Coaching Starts from 23rd June & 30th June 2025**

# ମୋବାଇଲ ଚୋରିରୁ ତଣ୍ଟି ଚିପି ହତ୍ୟା; ୨ଗିରଫ

ଖପ୍ରାଖୋଲ,୧୫।୬(ସମିସ): ମୋବାଇଲ୍ ଚୋରିକୁ କେନ୍ଦ୍ର କରି ଯୁବକକୁ ତଣ୍ଟି ଚିପି ହତ୍ୟା। ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଥାନା ଦେଦର୍ହଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଅଜୟ ପ୍ରଧାନ ଓରଫ୍ ଅଜୁ। ଖପ୍ରାଖୋଲ ପୁଲିସ୍ ପାଟଣାଗଡ଼ ଡାକ୍ତରଖାନାରୁ ଅଜୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ୧୩୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଗ୍ରାମର କରାଦୁ ମାଝୀ(୪୫) ଓ ଧରମୁ ମାଝୀ (୪୦)।





ସୂଚନାନୁଯାୟୀ, ଶନିବାର ସଂଧ୍ୟା ପ୍ରାୟ ସାଢ଼େ ୮ଟା ବେଳେ ଅଜୁ ଗାଁ ନିକଟରେ ଥିବା ଏକ ଦେଶୀ ମଦ ଦୋକାନକୁ ଯାଇଥିଲେ। ସେଠାରେ ପୂର୍ବରୁ କରାଦୁ ଏବଂ ଧରମୁ ବସି ମଦ ପିଉଥିଲେ। ଅଜୁ କୌଶଳକ୍ରମେ ସେମାନଙ୍କ ପାଖରୁ ଗୋଟିଏ ମୋବାଇଲ୍ ଚୋରି କରି ଫେରାର୍ ହୋଇଯାଇଥିଲେ। ଏହା ଦେଖି କରାଦୁ ଓ ଧରମୁ ପିଛା କରି ତାଙ୍କୁ ପୋଖରୀ କୂଳ ଉପରେ ଧରି ପକାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଅଭିଯୁକ୍ତଦ୍ୱୟ ଅଜୟର ତଣ୍ଟି ଚିପି ହତ୍ୟା କରିବା ପରେ ତାଙ୍କୁ ପୋଖରୀକୁ ଠେଲି ଦେଇଥିଲେ। ନିକଟରେ ଶୌଚ କରୁଥିବା ପ୍ରଦୀପ ଏହା ଦେଖି ଅଜୟଙ୍କୁ ପାଣିରୁ ବାହାରକୁ ଆଣି ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।

## ଶିଆଳି ବେଳାଭୂମିରେ ଅଘଟଣ

# ଗୋଧୋଇବା ବେଳେ ଭାସିଗଲେ ୪

ଜଗତସିଂହପୁର/ଏରସମା,୧୫।୬(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଶିଆଳି ବେଳାଭୂମିରେ ଆଜି ଅପରାହ୍ଣରେ ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଇବାକୁ ଯାଇଥିବା ଜଣେ ଯୁବକ

**ଜଣେ ମୃତ, ୩ ଉଦ୍ଧାର**



ଅସାବଧାନତାବଶତଃ ଜୁଆରରେ ଭାସି ପ୍ରାଣ ହରାଇଛନ୍ତି। ମୃତ ଯୁବକଜଣକ ହେଲେ, ବାଲିକୁଦା ଥାନା ଅଧୀନ ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ଗୌତମ ପରିଜାଙ୍କ ପୁଅ ଦୀପ୍ତିରଞ୍ଜନ ପରିଜା ଓରଫ୍ ବବୁଲ (୨୨)।

ବାଲିକୁଦା ଥାନା ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ୬ ଜଣ ଯୁବକ ଆଜି ମଧ୍ୟାହ୍ନରେ ବାଇକ୍ ଯୋଗେ ଶିଆଳି ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ଜୁଆର ଆସିଥିଲା। ୪ ଜଣ ଯୁବକ ଜୁଆରରେ ଭାସି ଯାଇଥିବା ବେଳେ ୩ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ତେବେ ବବୁଲ ସମୁଦ୍ର ମଧ୍ୟକୁ ଚାଲି ଯାଇଥିଲେ। ଖବର ପାଇ ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ବବୁଲଙ୍କ କୌଣସି ପତ୍ତା ମିଳିନଥିଲା। କିଛି ଘଣ୍ଟା ପରେ ନିକଟସ୍ଥ ରାମତରା ନିକଟରେ ବବୁଲ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ଏରସମା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶିଆଳି ବେଳାଭୂମିରେ ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି କରାଯାଇଛି।

# ବଜ୍ରପାତରେ ଗଲା ୪ ଜୀବନ

କଳାବାଡ଼ିଆ/ନୂଆପଡ଼ା/କେନ୍ଦ୍ରାପଡ଼ା/ମହାକାଳପଡ଼ା/ତୁରୁମୁଙ୍ଗା,୧୫।୬(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଆଜି ୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଭୋଳାଗଡ଼ିଆ ଗ୍ରାମର ଭୀମ ମାର୍ଣ୍ଡି (୨୫), କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଗ୍ରାମର ଶୈଳେନ୍ଦ୍ରୀ ନାଏକ (୫୪), ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ବାରଫାଳିଆ ଗ୍ରାମର ବଳଦେବ ମାଝୀ (୪୩), ଓ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅନ୍ତର୍ଗତ ଷାଠିଏବାଟି ଗ୍ରାମର ପ୍ରଶାନ୍ତ ଦାସ (୪୫)।

ସୂଚନାନୁଯାୟୀ, ଭୋଳାଗଡ଼ିଆ ଗ୍ରାମର ଭୀମ ଓ ଜଗନ୍ନାଥ ମାର୍ଣ୍ଡି (୪୦) ଆଜି ଦିନ ପ୍ରାୟ ୧ଟା ବେଳେ ଗୋରୁ ଆଣିବା ପାଇଁ ଗୋହିରାପାଳ ଜାହିରାକୁ ଯାଇଥିବା ବେଳେ ହଠାତ୍ ବର୍ଷା, ପବନ ହୋଇଥିଲା। ଦୁହେଁ ଏକ ଗଛ ମୂଳେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହେବାରୁ ଏଥିରେ ଭୀମଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଜଗନ୍ନାଥଙ୍କୁ ବାଙ୍ଗରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସେହିପରି ଗ୍ରାମର ମାଇଦି ସୋରେନ (୨୬) ଓ ରାମଚନ୍ଦ୍ର ସୋରେନ (୭) ମଧ୍ୟ ବଜ୍ରପାତରେ ଆହତ ହୋଇଛନ୍ତି। ଦୁହିଁଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କେନ୍ଦୁଝର ଜିଲ୍ଲା ବାଉଁଶୁଳି ଗ୍ରାମର ଦିଲେଶ୍ୱର ନାଏକଙ୍କ ପତ୍ନୀ ଶୈଳେନ୍ଦ୍ରୀ ଆଜି ଅପରାହ୍ଣରେ ବାଡ଼ିପଟକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ପରିବାରଲୋକ ତାଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ପାଇକମାଳ ବ୍ଲକ୍, ବାରଫାଳିଆରେ ଆଜି ଅପରାହ୍ଣରେ ହଠାତ୍ ବର୍ଷା ହେବାରୁ ବଳଦେବ, ଧନସିଂ ଛତ୍ରିଆ (୩୦) ଓ ବୈକୁଣ୍ଠ ଛତ୍ରିଆ (୩୦) ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ଗଛ ଉପରେ ଏକ ବଜ୍ରପାତ ହେବାରୁ ବଳଦେବଙ୍କ ମୃତ୍ୟୁ ହୋଇଯାଇଥିଲା। ଧନସିଂ ଓ ବୈକୁଣ୍ଠଙ୍କୁ ନୂଆପଡ଼ା ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅନ୍ୟ ଏକ ଘଟଣାକ୍ରମେ, ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଚୌମୁହାଣି ଫେରିଘାଟରେ ଆଜି ମଧ୍ୟାହ୍ନରେ ବଜ୍ରପାତ ହେବାରୁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, ତେନ୍ତୁଳିକନ୍ଧା ଗ୍ରାମର ବାବାଜୀ ରାଉତ ଓ ମଙ୍ଗଳପୁର ପଞ୍ଚାୟତର ଦୁଷ୍ମନ୍ତ ରାଉତ। ସୂଚନାନୁଯାୟୀ, ସବୁଦିନ ଭଳି ଆଜି ମଧ୍ୟାହ୍ନରେ ପାରାଦୀପରୁ କାମ ସାରି ମହାକାଳପଡ଼ା ଅଞ୍ଚଳର ୩୦ଜଣ ଶ୍ରମିକ ଚୌମୁହାଣି ଫେରିଘାଟରେ ଡଙ୍ଗାରେ ନଦୀ ପାର୍ ହେଉଥିଲେ। ମଧ୍ୟାହ୍ନରେ ଡଙ୍ଗା ନଦୀ ଅତିକ୍ରମ କରି କୂଳଠାରୁ ମାତ୍ର ୩୦ଫୁଟ୍ ଦୂରରେ ଥିବା ବେଳେ ବ୍ରଜପାତ ହୋଇଥିଲା। ଏଥିରେ ପ୍ରଶାନ୍ତ, ବାବାଜୀ ଓ ଦୁଷ୍ମନ୍ତ ଆହତ ହୋଇଥିଲେ। ଡଙ୍ଗା କୂଳରେ ପହଞ୍ଚିବା ପରେ ସେମାନଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

## ସଂଦିଗ୍ଧଙ୍କୁ ଉଦ୍ଧାର ବେଳେ ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ






ତୁରୁମୁଙ୍ଗା, ୧୫।୬ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଳଙ୍ଗମୁଣ୍ଡା ସାହି ପୋଖରୀରୁ ପୁଲିସ୍ ଆଜି ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ, କଣ୍ଟିଆପଡ଼ା ଗ୍ରାମର ରୟା ବେହେରା(୫୪)। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ କର୍ମଚାରୀ। ରୟାଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ତାଙ୍କ ପୁଅ ମନୋରଞ୍ଜନ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖିଛି। ଏହାସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ରଜ ଛୁଟି ଅବସରରେ ରୟା ଗାଁକୁ ଆସିଥିଲେ। ଶନିବାର ରାତିରେ ସେ ପ୍ରଫୁଲ୍ଲ ମୁଣ୍ଡାଙ୍କ ଘରକୁ ଦେଶୀ ମହୁଲି ପିଇବାକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ତେବେ ଆଜି ସକାଳେ ତାଙ୍କ ଶବ

## ୪ ଅଟକ

ପୋଖରୀରେ ଭାସୁଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସ୍‌କୁ ଖବର ଦେଇଥିଲେ। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତିରେ ଅଗ୍ନିଶମ ବାହିନୀ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ଅପରପକ୍ଷେ, ରୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀ ପ୍ରଫୁଲ୍ଲ ମୁଣ୍ଡା, ନନ୍ଦ ମୁଣ୍ଡା ଓ ସରେନ ମୁଣ୍ଡାଙ୍କ ପରିବାରଲୋକଙ୍କୁ ଘର ଭିତରେ ବନ୍ଦ କରି ରଖିଥିଲେ। ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀ ପୁଲିସ୍‌କୁ ଗୋଡ଼ାଇବା ସହ ଅଟକ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଉଦ୍ଧାର କରି ଥାନାଙ୍କୁ ଆଣି ଘଟଣା ତଦନ୍ତ କରୁଛି।

## ■ ସରିଲା ଶ୍ରୀଅଙ୍ଗ ଫିଟା ନୀତି

# ଆଜି ଫୁଲୁରୀ ତେଲ ଲାଗି

ପୁରୀ,୧୫।୬ (ସମିସ): ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତସେବା। ମହାପ୍ରଭୁଙ୍କ ସେବାରେ ଲାଗିପଡ଼ିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ରବିବାର ଅଣସରର ଚତୁର୍ଥ ଦିବସ। ଏହି ଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢ଼ାଯାଇଛି। ଏହାକୁ ଶ୍ରୀଅଙ୍ଗଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥା'ନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ସୋମବାର ଶ୍ରୀଅଙ୍ଗରେ ଲାଗିହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡ଼ିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏ ବର୍ଷ ପୂର୍ବରୁ ମାଟିତଳେ ପୋତାଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

# ସ୍ୱାମୀର ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀ ମୃତ



ଭଦ୍ରକ,୧୫।୬(ସମିସ): ଜଣେ ୪ମାସର ଅନ୍ତସତ୍ତ୍ୱା ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଇଠା ମାରି ହତ୍ୟା କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଭଳି ଅଭାନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ ତାଳପଦା ଗାଁରେ। ଗତ ଶନିବାର ରାତିରେ ତାଳପଦା ଗାଁର ପଞ୍ଚାନନ ଜେନାଙ୍କ ବିବାହିତ ଝିଅ ମୋନାଲିସା ଜେନା(୨୬)ଙ୍କୁ ଅଧିକ ଯୌତୁକ ପାଇଁ ଏଭଳି ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତିହିଡି ପୁଲିସ ଏହି ଘଟଣାରେ ଏକ ମକଦ୍ଦମା (ନଂ ୨୧୧/୨୫) ରୁଜୁ କରି ମହିଳାଙ୍କ ସ୍ୱାମୀ ଶଙ୍କର୍ଷଣ ଜେନାକୁ ରବିବାର ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ତାଳପଦା ପଞ୍ଚାୟତ ତାଳପଦା ଗାଁର ପଞ୍ଚାନନ ଜେନାଙ୍କ ଝିଅ ମୋନାଲିସା ଜେନା ସେହି ପଞ୍ଚାୟତର ଶଙ୍କର୍ଷଣ ଜେନାଙ୍କୁ ୨୦୧୯ ମସିହାରେ ପ୍ରେମ ବିବାହ କରିଥିଲେ। ପରେ ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ନାନାଦି ଶାରୀରିକ ମାନସିକ ନିର୍ଯାତନା ଦେଇଆସୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଗତକାଲି ରାତ୍ରିରେ ମୋନାଲିସାଙ୍କ ସହ ତାଙ୍କ ସ୍ୱାମୀଙ୍କ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ଝଗଡ଼ାରେ ଉତ୍‌କ୍ଷିପ୍ତ ହୋଇ ମୋନାଲିସାଙ୍କ ପେଟକୁ ମାଡ଼ ମାରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୋନାଲିସାଙ୍କୁ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥି ନେଇ ମୋନାଲିସାଙ୍କ ପରିବାର ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ତିହିଡ଼ି ପୁଲିସ ସ୍ୱାମୀ ଶଙ୍କର୍ଷଣକୁ ଅଟକ ରଖିଛି। ତେବେ ଶ୍ୱଶୁରଘର ପକ୍ଷରୁ ମୋନାଲିସା ବିଷ ପିଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କାଳ ହେଲା ରଜ ମଉଜ

# ନଦୀରେ ବୁଡ଼ି ୨ ସାଙ୍ଗ ମୃତ



ବାରିପଦା, ୧୫।୬(ସମିସ): ରଜରେ ସାଙ୍ଗଙ୍କ ସହ ବଣଭୋଜି କରିବା ଓ ନଦୀରେ ଗାଧୋଇବା ସାଜିଲା କାଳ। ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରୁ ୨୦ କିମି ଦୂର ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ନିକଟ ପଳପଳା ନଦୀରେ ବୁଡ଼ି ରବିବାର ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ଭଞ୍ଜପୁର ଥାନା ଅଧୀନ ମୁର୍ଗାବାଡ଼ି ଅଞ୍ଚଳର ଅଙ୍କିତ କୁମାର ଭୁଜବଳ (୨୦) ଓ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦)।

ଉଭୟ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି। ରଜ ଛୁଟିରେ ଘରକୁ ଆସିଥିଲେ। ଆଜି ରଜ ସଂକ୍ରାନ୍ତି ଅବସରରେ ଅନ୍ୟ ୫ଜଣ ସାଙ୍ଗଙ୍କ ସହ ସେମାନେ ବଣଭୋଜି କରିବାକୁ ଲୁଲୁଙ୍ଗ ଯାଇଥିଲେ। ସେଠାରେ ସମସ୍ତେ ପଳପଳା ନଦୀକୁ ଗାଧେଇବାକୁ ଯାଇଥିଲେ। ୪ଜଣ ନଦୀ ଭିତରକୁ ପ୍ରବେଶ କରିଥିବା ବେଳେ ଅସାବଧାନତାବଶତଃ ପଥରରେ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳରାଶିକୁ ଚାଲିଯାଇଥିଲେ। ଉପରେ ଥିବା ୩ ସାଙ୍ଗ ୨ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅଂଶୁମାନ ଓ ଅଙ୍କିତ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ଦୁହିଁଙ୍କ ମୃତ୍ୟୁ ହୋଇସାରିଥିଲା। ଦୁହିଁଙ୍କ ଶବକୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ଆନ୍ଦୋଳନରେ ବନ କର୍ମଚାରୀ

# ସାରା ରାଜ୍ୟରେ ପାଟ୍ରୋଲିଂ ବନ୍ଦ

ଭୁବନେଶ୍ୱର,୧୫।୬(ସମିସ): ସାରା ରାଜ୍ୟରେ ବନ କର୍ମଚାରୀଙ୍କ ଆନ୍ଦୋଳନ। ରାଜ୍ୟର ସମସ୍ତ ବନାଞ୍ଚଳରେ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରମାନେ ପ୍ରତୀକାତ୍ମକ ଅନଶନ ସ୍ୱରୂପ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ୧୫ ତାରିଖଠାରୁ ସାରା ରାଜ୍ୟରେ ଜଙ୍ଗଲ ପାଟ୍ରୋଲିଂ ବନ୍ଦ ହୋଇଯାଇଛି। ଏହି ସମୟରେ ହାତୀ, ବାଘ ଓ ଅନ୍ୟ ବନ୍ୟଜନ୍ତୁମାନେ ଜନବସତିମୁହାଁ ହେଲେ ମଧ୍ୟ ବନ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବା ପାଇଁ ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଯାହାଫଳରେ ବନ ବିଭାଗର କ୍ଷେତ୍ର ସ୍ତରରେ ବର୍ତ୍ତମାନ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ୨୨ ତାରିଖ ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲିବା ସହ ଯଦି ଏହି ସମୟ ମଧ୍ୟରେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ୨୨ରୁ ସମୂହ ଛୁଟିରେ ଯିବାକୁ ବନ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି।



ସୂଚନା ଅନୁଯାୟୀ, ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ଏହାପୂର୍ବରୁ ମଧ୍ୟ ଶିକାରୀଙ୍କ ଗୁଳିରେ ବହୁ ବନକର୍ମଚାରୀ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଗତ ମେ' ୨୫ ତାରିଖରେ ଓଡ଼ିଶା ଅଣ-ଗେଜେଟେଡ୍ ବନସେବା ସଂଘର ଏକ ଜରୁରୀକାଳୀନ ବୈଠକ ବସିଥିଲା। ବୈଠକରେ ବନ କର୍ମଚାରୀଙ୍କ ହତ୍ୟା ଘଟଣାକୁ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ସହ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ ନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଏହା ସହ ରାଜ୍ୟ ସରକାର ଏକ "ଫରେଷ୍ଟ କମିଶନ' ଗଠନ କରି ଓଡ଼ିଶା ବନ ବିଭାଗରେ ସଂରଚନା-ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ବିଚାର କରି, ସରକାରଙ୍କୁ ଦୁଇମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ବାବି କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ବନ/କ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ୍ ଭଳି 'ସାଲାରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାକୁ ଦାବି କରାଯାଇଥିଲା। ମାତ୍ର ସରକାର ଏଥିପ୍ରତି କୌଣସି ପଦକ୍ଷେପ ନ ନେବା ପରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ୩ ଦଫା ଦାବି ସମ୍ବନ୍ଧରେ ସରକାର ଜୁନ୍ ୮ ତାରିଖ ସୁଦ୍ଧା ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ସାମୂହିକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଆଧାରରେ ପ୍ରଥମେ ଜୁନ୍ ୯ରେ ପ୍ରତ୍ୟେକ ସର୍କଲ ଜୋନ୍ ତରଫରୁ ହେଡ୍‌କ୍ୱାର୍ଟର, ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରେ ଜୁନ୍ ୧୫-୨୧ ତାରିଖ

**■ ୨୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ**

**■ ୨୨ରୁ ସମୂହ ଛୁଟିରେ ଯିବେ ବନ କର୍ମଚାରୀ**

ମଧ୍ୟରେ ଯଦି ସରକାର ଅବହେଳା କରନ୍ତି, ତେବେ ପ୍ରତୀକାତ୍ମକ ଅନଶନ ସ୍ୱରୂପ ସମସ୍ତ ସଭ୍ୟସଭ୍ୟା କଳାବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ୧୫ ତାରିଖରୁ ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେଲେ ଜୁନ୍ ୨୨ ଠାରୁ ଦାବି ପୁରଣ ହେବା ପର୍ଯ୍ୟନ୍ତ ସଭ୍ୟ/ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

## ଓଡ଼ିଆରେ ନିଟ୍-ୟୁଜି ପରୀକ୍ଷା ଦେଲେ ମାତ୍ର ୧.୩୭%

# ଓଡ଼ିଆ ପ୍ରତି ଅନାଗ୍ରହୀ ଓଡ଼ିଶା ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୫।୬(ସମିସ): ଡ଼ାକ୍ତରୀ ପଢ଼ିବାପାଇଁ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ଓଡ଼ିଆ ଛାତ୍ରଛାତ୍ରୀ ରାଜି ହେଉ ନାହାନ୍ତି । ନିଟ୍ ୟୁଜି ପରୀକ୍ଷାରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ବିକଳ୍ପ ରହିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ସରକାର ବିଭିନ୍ନ ପାଠ୍ୟକ୍ରମକୁ ଜାତୀୟ ଶିକ୍ଷାନୀତି ଆଧାରରେ ଆଞ୍ଚଳିକ ଭାଷା ଓଡ଼ିଆରେ ଅନୁବାଦ କରିବାକୁ ପଦକ୍ଷେପ ନେଉଥିବାବେଳେ ଓଡ଼ିଆ ଭାଷାରୁ ଛାତ୍ରଛାତ୍ରୀମାନେ ମୁହଁ ମୋଡ଼ିବା ଚିନ୍ତା ବଢ଼ାଇଛି।

ଚଳିତବର୍ଷ ଓଡ଼ିଶାରୁ ସମୁଦାୟ ୬୧,୧୧୧ ପିଲା ନିଟ୍-ୟୁଜି ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୫୯,୨୩୮ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରାୟ ୫୩% ଅର୍ଥାତ୍ ୩୧,୬୭୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରାୟ ୬୦ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ବା ୮୧୨ ଜଣ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ଯାହା ସର୍ବକାଳୀନ ସର୍ବନିମ୍ନ ବୋଲି ଜଣାପଡ଼ିଛି। ୨୦୧୭ ମସିହାରୁ ଓଡ଼ିଆ ଭାଷାରେ ନିଟ୍-ୟୁଜି ପରୀକ୍ଷା ହେଉଛି। ପ୍ରଥମ ୩ବର୍ଷ ଓଡ଼ିଆ

**ଓଡ଼ିଆରେ ପାଠ୍ୟପୁସ୍ତକ ଅଭାବ ଓ ଶିକ୍ଷାଦାନ ପ୍ରମୁଖ ପ୍ରତିବନ୍ଧକ**

ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏପରିକି ପ୍ରାୟ ୫୦% ଲେଖାଏଁ ଓଡ଼ିଆରେ ପରୀକ୍ଷା ଦେଉଥିଲେ। ୨୦୧୯ ମସିହାରେ ୩୧,୪୯୦ ପିଲା ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଏହାପରେ କ୍ରମାଗତ ଭାବେ ଓଡ଼ିଆ ପ୍ରତି ଅନାଦର ବଢୁଛି। ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ପ୍ରାୟ ହଜାରେ ଲେଖାଏଁ ପିଲା ଓଡ଼ିଆରେ ପରୀକ୍ଷା ଦେଉଥିବାବେଳେ ୨୦୨୪ରେ ୧୩୧୨ ଜଣ ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଏହି ଗ୍ରାଫ୍ ଆହୁରି ତଳମୁହାଁ ହେବା ସହ ୮୧୨ରେ ପହଞ୍ଚିଛି।

ଓଡ଼ିଆ ଭାଷାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମିବାରେ ଓଡ଼ିଆ ପାଠ୍ୟକ୍ରମ ଓ ଶିକ୍ଷାଦାନର ଘୋର ଅଭାବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଡ. ଶରତ କରଙ୍କ କହିବା ଅନୁଯାୟୀ, ଓଡ଼ିଆ ଭାଷାରେ ଡ଼ାକ୍ତରୀ ପାଠ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ପାଠ୍ୟପୁସ୍ତକ ନାହିଁ। ମୁଖ୍ୟତଃ ଓଡ଼ିଶାର ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କୋଚିଂ ସେଣ୍ଟରରେ ମଧ୍ୟ ଓଡ଼ିଆ ଭାଷାରେ ପଢ଼ାଯାଉ ନାହିଁ। ଫଳରେ ଇଂରାଜୀରେ ପଢ଼ିଥିବା ପିଲା ଓଡ଼ିଆରେ ପରୀକ୍ଷା ଦେବାକୁ ଆଗ୍ରହୀ ହେଉ ନାହାନ୍ତି। ଅପରପକ୍ଷରେ ଓଡ଼ିଆରେ ପରୀକ୍ଷା ଦେଇ ସଫଳତା ପାଉଥିବା ଛାତ୍ରଛାତ୍ରୀଙ୍କ ସଫଳ କାହାଣୀଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉନାହିଁ। ଏଣୁ ଅନ୍ୟ ଛାତ୍ରଛାତ୍ରୀମାନେ ଓଡ଼ିଆ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିପରି ଗୁଗୁଲ୍ ଟ୍ରାନ୍ସଲେସନ୍ ଅନ୍ୟତମ କାରଣ ବୋଲି ମଧ୍ୟ ମତ ପ୍ରକାଶ ପାଉଛି। ଡ଼ାକ୍ତରୀ ପାଇଁ ଯେଉଁ ହାତଗଣତି ପାଠ୍ୟପୁସ୍ତକ ରହିଛି ସେସବୁକୁ ଗୁଗୁଲ୍ ଟ୍ରାନ୍ସଲେଟର୍ ପକାଇ ପ୍ରସ୍ତୁତ କରାଯାଇଛି। ଫଳରେ ଓଡ଼ିଆ ଲିପିରେ ଲେଖା ହୋଇଥିଲେ ମଧ୍ୟ ଭାବାର୍ଥ ବୁଝାପଡୁନାହିଁ। ପରୀକ୍ଷାରେ ମଧ୍ୟ ଟ୍ରାନ୍ସଲେସନ୍ ହୋଇ ପ୍ରଶ୍ନ ଆସୁଥିବାରୁ ବହୁ ପ୍ରଶ୍ନ ବୁଝାପଡୁନାହିଁ। ଯେଉଁଠି ଓଡ଼ିଆ ଭାଷା ବୁଝି ନ ହେବ ବା ଭାବାର୍ଥରେ ସାମଞ୍ଜସ୍ୟ ଥିବ ତାହେଲେ ଇଂରାଜୀ ଭାଷାରେ ପଢ଼ିଥିବା ପ୍ରଶ୍ନକୁ ସଠିକ୍ ବୋଲି ଧରାଯିବ ବୋଲି ଉଲ୍ଲେଖ ରହୁଛି। ଏଣୁ ଓଡ଼ିଆରେ ପରୀକ୍ଷା ଦେଇ ଅସୁବିଧାରେ ପଡ଼ିବା ଅପେକ୍ଷା ମୂଳରୁ ଇଂରାଜୀ ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ପସନ୍ଦ କରୁଛନ୍ତି। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ଓ ନିୟମିତ ଶିକ୍ଷାଦାନ ହେଲେ ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ଉପରଠଉରିଆ: କଂଗ୍ରେସ

ଭୁବନେଶ୍ୱର,୧୫।୬(ସମିସ): ଯାଜପୁର ଜିଲ୍ଲାରେ ହଇଜା ଚିହ୍ନଟ ହେବା ଏବଂ ରାଜ୍ୟର ୮ଟି ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବେ ଚୁପ୍ ବସିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଉପରଠଉରିଆ ଭାବେ ଯାଜପୁର ଜିଲ୍ଲା ଗସ୍ତ କରି ତାଙ୍କ ପାରିବାପଣିଆ ଦେଖାଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର ୭ଦିନ ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ମନେପଡ଼ିଲା। ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ଆଜି ଏଭଳି ଢଙ୍ଗରେ ସରକାରଙ୍କ ଉପରେ ବର୍ଷିଛି ରାଜ୍ୟ ଯୁବ କଂଗ୍ରେସ।

ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ୧୦ରୁ ଅଧିକ ଲୋକ ଏହି ରୋଗରେ ଜୀବନ ହାରିଥିବାବେଳେ ଶତାଧିକ ଲୋକ ପ୍ରଭାବିତ ଅଛନ୍ତି। ରାଜ୍ୟ ସରକାର ଏ ଦିଗରେ ପୂର୍ବରୁ ଉପଯୁକ୍ତ ଧ୍ୟାନ ଦେଲେ ନାହିଁ। ଯାହାଫଳରେ ଯାଜପୁରରେ ଦେଖାଦେଇଥିବା ଝାଡ଼ାବାନ୍ତି ଆଜି ଭଦ୍ରକ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଖୋର୍ଦ୍ଧା ଭଳି ଜିଲ୍ଲାକୁ ବ୍ୟାପିଲାଣି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଃ ବାଃ ନେବାର ଡିଣ୍ଡିମ ପିଟୁଥିବାବେଳେ ଆଜିର ଦିନରେ ରାଜ୍ୟରେ ହଇଜା ଭଳି ରୋଗ ବ୍ୟାପୁଛି। ଏଭଳି ପରିସ୍ଥିତି କାହିଁକି ଆସିଲା, ରାଜ୍ୟ ସରକାର ତା'ର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରୀ ସାମଲ ଦାବି କରିଛନ୍ତି।

ଶ୍ରୀ ସାମଲ ଆହୁରି କହିଛନ୍ତି ଯେ ଏହି ରୋଗ ବ୍ୟାପିଥିବା ଜିଲ୍ଲାଗୁଡ଼ିକୁ ସରକାର ତୁରନ୍ତ ଚିକିତ୍ସକ ଦଳ ପଠାଇ ରୋଗ ନିୟନ୍ତ୍ରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ପ୍ରଭାବିତ ଜିଲ୍ଲାରେ କେନ୍ଦ୍ରୀୟ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ରକୁ ଦର୍ଶାଉଛି। ଆଜିର ଦିନରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଅପରାଗ ବୋଲି ରାଜ୍ୟ ସରକାର ପ୍ରମାଣିତ କରିଥିବା ଶ୍ରୀ ସାମଲ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।



୪୦୦ ମ୍ୟାଚ୍ କ୍ଲବ୍‌ରେ ମନ୍‌ପ୍ରୀତ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-348 ♦BHUBANESWAR ♦MONDAY ♦16 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୮ ♦ଭୁବନେଶ୍ୱର ♦ସୋମବାର ♦୧୬ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦






# ଦୁଃଖଦ

## ପୁଣେରେ ପୋଲ ଭୁଶୁଡ଼ି ୫ ମୃତ; ୩୦ ନିଖୋଜ

■ **ପୁଣେ, ୧୫।୬ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ନିକଟରେ ଆଜି ଇନ୍ଦ୍ରାୟଣୀ ନଦୀ ଉପରେ ନିର୍ମିତ ଏକ ପୁରୁଣା ପୋଲ ଭୁଶୁଡ଼ି ପଡ଼ିବାରୁ ୨୦ରୁ ୩୦ ଜଣ ବ୍ୟକ୍ତି ଭାସିଯାଇଛନ୍ତି । ଏଥିରେ ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାଭିସ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି । ପାଣିର ସ୍ରୋତ ପ୍ରଖର ହୋଇଥିବା ଦୃଷ୍ଟିରୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି । ଉଦ୍ଧାର ପାଇଥିବା ଲୋକମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । ଯାନବାହନ ପାଇଁ ଏହି ପୋଲକୁ ବନ୍ଦ ରଖାଯାଇଥିଲେ ମଧ୍ୟ ବନ୍ୟା ପାଣି ଦେଖିବା ଲାଗି ୨୦ରୁ ୩୦ ଜଣ ଲୋକ ଏହି ବିପଦସଙ୍କୁଳ ପୋଲ ଉପରେ ଭିଡ଼ ଜମାଇଥିଲେ । ଏହି ସମୟରେ ପୋଲ ଭୁଶୁଡ଼ି ପଡ଼ିଥିଲା । ବନ୍ୟା ପାଣିର ପ୍ରଖର ସ୍ରୋତରେ ସେମାନେ ଭାସିଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଥିଲା । ୧୩ ଜଣ ଉଦ୍ଧାର ହୋଇଥିଲେ ମଧ୍ୟ ପୋଲ ଉପରେ କେତେ ଲୋକ ଥିଲେ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନାହିଁ । ତେଣୁ ନଦୀରେ ଉଦ୍ଧାର ଅଭିଯାନ ଜାରି ରହିଛି । ପ୍ରକାଶଥାଉକି କିଛି ଦିନ ତଳେ ସରକାର ଏହି ବିପଦଶଙ୍କୁଳ ଏହି ପୋଲ ଉପରେ ଯାତାୟତକୁ ବାରଣ କରିଥିଲେ ।

## କେଦାରନାଥରେ ଖସିପଡ଼ିଲା ହେଲିକପ୍ଟର୍; ୭ ମୃତ

■ **ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):** ଉତ୍ତରାଖଣ୍ଡର ଗୌରିକୁଣ୍ଡ ଜଙ୍ଗଲରେ ଆଜି ସକାଳେ ଏକ ହେଲିକପ୍ଟର ଦୁର୍ଘଟଣାରେ ପାଇଲଟଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି । ହେଲିକପ୍ଟର ଆଜି ସକାଳ ୫ଟା ୧୭ ମିନିଟରେ କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ବେଳେ ଖରାପ ପାଗ ଯୋଗୁଁ ଜଙ୍ଗଲ ଭିତରେ ଖସିପଡ଼ିଥିଲା । ହେଲିକପ୍ଟର ଉଡ଼ିଲା ବେଳକୁ କିଛି ଦେଖାଯାଉନଥିଲା ଏବଂ ପାଗ ମଧ୍ୟ ଅନୁକୂଳ ନଥିଲା । ଏହାସତ୍ତ୍ୱେ ପାଇଲଟ ଗୁପ୍ତକାଶୀ ଆଡ଼କୁ ଅଗ୍ରସର ହୋଇଥିଲେ । ଖବର ପାଇ ଏନ୍‌ଡିଆର୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ ଯାଇଛନ୍ତି । ଏହି ଦୁର୍ଘଟଣା ପରେ ଚାର ଧାମ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ହେଲିକପ୍ଟର ସେବାକୁ ବନ୍ଦ କରିଦିଆଯାଇଛି । ଉତ୍ତରାଖଣ୍ଡରେ ଗତ ୬ ସପ୍ତାହ ମଧ୍ୟରେ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ଯେ ଏଭଳି ପ୍ରତିକୂଳ ପାଗରେ ହେଲିକପଟର ଉଡ଼ାଇବାରେ ପାଇଲଟଙ୍କର ପୂର୍ବ ଅଭିଜ୍ଞତା ଥିଲା । କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ । ତେବେ ହେଲିକପ୍ଟର ଉଡ଼ାଣ ପାଇଁ ଯେଉଁ ଗାଇଡଲାଇନ୍ସ ରହିଛି ତାହାର ଅନୁପାଳନ ଲାଗି ସେ ହେଲିକପ୍ଟର ସେବା ଯୋଗାଉଥିବା ସଂସ୍ଥା ଏବଂ ପାଇଲଟମାନଙ୍କୁ ପରାମର୍ଶ ଦେଇଛନ୍ତି ।


# ବାଡ଼ିବୁଢ଼ୀ ନେଲାଣି ୧୮ ମୁଣ୍ଡ

## କେନ୍ଦ୍ରାପଡ଼ାକୁ ମାଡ଼ିଲା ଝାଡ଼ାବାନ୍ତି

- କଣାସ ଘଟଣାରୁ କିଛି ଶିଖିଲେନି ରାଜ୍ୟ ସରକାର
- ଝାଡ଼ାବାନ୍ତି ବ୍ୟାପିବା ପଛରେ ଦୂଷିତ ପାନୀୟ ଜଳ
- ଫୁରସତ୍ ମିଳିବା ପରେ ପ୍ରଭାବିତ ଅଞ୍ଚଳରେ ମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୬ (ସମିସ):** ବାଡ଼ିବୁଢ଼ୀ ମାତିଛି । ଯାଜପୁରରୁ ଆରମ୍ଭ କରି ଗୋଟିକ ପରେ ଗୋଟିଏ ଜିଲ୍ଲାରୁ ମୁଣ୍ଡ ଗୋଟାଉଛି । ପ୍ରଥମେ ଯାଜପୁରରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି କେନ୍ଦୁଝର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ାକୁ ବ୍ୟାପିଛି । ସେହିପରି ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଆସିଛି । ଅବିଭକ୍ତ କଟକ ଓ ଅବିଭକ୍ତ ପୁରୀ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହେବାକୁ ବସିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆରମ୍ଭରୁ ଘଟଣାକୁ ଗୁରୁତ୍ୱ ନ ଦେବାର ପରିଣାମ ଏବେ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ିଛି । ଯାଜପୁର ଜିଲ୍ଲାର ଡ଼ାକ୍ତରଖାନାଗୁଡ଼ିକରେ ଝାଡ଼ାବାନ୍ତି ରୋଗୀ ଭର୍ତ୍ତି ହୋଇ ଯାଇଛନ୍ତି ଓ ପ୍ରତିଦିନ ରୋଗୀ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଯାଜପୁର, କେନ୍ଦୁଝର, ଭଦ୍ରକ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୧୮ରେ ପହଞ୍ଚିଲାଣି । ଏହାକୁ ରୋକିବାରେ ▶ପୃଷ୍ଠା-୭

## ଅବହେଳାକୁ ନେଇ ନବୀନଙ୍କ କ୍ଷୋଭ




- ଚକିତ ଓ ବିଚଳିତ କରିଛି ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା
- ଲୋକଙ୍କ ଜୀବନକୁ ବିପଦକୁ ନ ଠେଲିବାକୁ ପରାମର୍ଶ

■ **ଭୁବନେଶ୍ୱର, ୧୫।୬ (ସମିସ):** ଯାଜପୁର ଜିଲ୍ଲାରେ ଡାଇରିଆ ସଂଗୀନ ସ୍ଥିତି ସୃଷ୍ଟି କରିଥିବା ବେଳେ ରବିବାର ସୁଦ୍ଧା ରାଜ୍ୟର ୮ ଜିଲ୍ଲା ଏଥିରେ ପ୍ରଭାବିତ ହୋଇଛି । ଡ଼ାଇରିଆ ଓ କଲେରା ମୁକାବିଲା କ୍ଷେତ୍ରରେ ପ୍ରଶାସନର ବିଳମ୍ବିତ ପଦକ୍ଷେପ ଏବଂ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି । ଅନ୍ୟପକ୍ଷରେ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବ୍ୟାପୁଥିବା ଡ଼ାଇରିଆକୁ ନେଇ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ କରିଛନ୍ତି । ରାଜ୍ୟରେ ହଇଜା ବ୍ୟାପୁଥିବାବେଳେ ସରକାର ଏହାକୁ ହାଲୁକାରେ ନେବା ସମସ୍ତଙ୍କୁ ଚକିତ ଓ ବିଚଳିତ କରିଥିବା ଉଲ୍ଲେଖ କରି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦେଇଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ରାଜ୍ୟରେ ହଇଜା ଲୋକଙ୍କ ଜୀବନକୁ ସଙ୍କଟରେ ପକାଇଲାଣି । ଦୀର୍ଘ ବର୍ଷ ଧରି ଯାହା ରାଜ୍ୟରେ ଦେଖିବାକୁ ମିଳି ନ ଥିଲା ତାହା ଏବେ ▶ପୃଷ୍ଠା-୭

# ଘମାଘୋଟ ଲଢ଼େଇ

## ଇରାନରେ ୭୮ , ଇସ୍ରାଏଲରେ ୧୩ ମୃତ



- ଥରୁଛି ତେହେରାନ୍, ତେଲ-ଆଭିଭ୍
- ଯୁଦ୍ଧବିରତି ଖୁବ୍‌ଶୀଘ୍ର: ଟ୍ରମ୍ପ

■ **ତେହରାନ, ୧୫।୬(ଏଜେନ୍ସି):** ଗତ ଶୁକ୍ରବାର ଇରାନ ଉପରେ ଇସ୍ରାଲର ପ୍ରଚଣ୍ଡ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି । ତିନି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଜୋରଦାର ଆକ୍ରମଣ ଚଳାଇଛନ୍ତି । ଆକ୍ରମଣରେ କେବଳ ସାମରିକ ପ୍ରତିଷ୍ଠାନ ନୁହେଁ, ତୈଳ ବିଶୋଧନାଗାର ଏବଂ ଆବାସିକ ଅଞ୍ଚଳକୁ ମଧ୍ୟ ଟାର୍ଗେଟ କରାଯାଇଛି । ଗତକାଲି ଇରାନର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ଇସ୍ରାଏଲ ଉପରେ ଜବାବୀ ହମଲା କରିଛି । ଇରାନ ମଧ୍ୟ ଇସ୍ରାଏଲର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି । ଇସ୍ରାଏଲ ପକ୍ଷରୁ ଏହି ସୂଚନା ଦେଇ କୁହାଯାଇଛି ଯେ ଗତ ରାତି ତମାମ ଇରାନ ପକ୍ଷରୁ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଆଜି ସନ୍ଧ୍ୟାର ଇରାନ ପୁଣି ଥରେ ଇସ୍ରାଏଲ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିବା ଜଣାପଡ଼ିଛି । ଇରାନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଇସ୍ରାଏଲ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଉଗ୍ର ରୂପ ଧାରଣ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି ଏବଂ ଯୁଦ୍ଧ ଖୁବଶୀଘ୍ର ବନ୍ଦ ହୋଇଯିବ । ଏହାସହିତ ଇରାନକୁ ସେ ଧମକ ଦେଇ କହିଛନ୍ତି ଯେ ଆମେରିକାର କୌଣସି ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଇରାନକୁ ଧ୍ୱଂସ କରିବା ଲାଗି ତାଙ୍କ ଦେଶ ସମସ୍ତ ଶକ୍ତି ଖଟାଇବାକୁ ପଛାଇବ ନାହିଁ ।

ଯୁଦ୍ଧ ମଇଦାନରୁ ମିଳିଥିବା ସୂଚନା ଅନୁଯାୟୀ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ ଏବଂ ଏୟାର ଡିଫେନ୍ସ ସିଷ୍ଟମ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି । ଏଥିରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ବରିଷ୍ଠ ସେନା ଅଧିକାରୀ ଏଥିରେ ସାମିଲ ଅଛନ୍ତି । ▶ପୃଷ୍ଠା-୭

## ମୌସୁମୀକୁ ଟାଣିଲା ଘୂର୍ଣ୍ଣିବଳୟ

■ **ଭୁବନେଶ୍ୱର, ୧୫।୬ (ସମିସ):** ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମୌସୁମୀ ସକ୍ରିୟ ହେବାକୁ ପାଗ ଅନୁକୂଳ ହୋଇଛି । ତେଣୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନ୍ୟ କିଛି ଜିଲ୍ଲାକୁ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି । ଫଳରେ ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ ମୌସୁମୀ ବର୍ଷା ହୋଇପାରେ ବୋଲି ଅକଳନ କରାଯାଇଛି । ମୌସୁମୀ ଅଗ୍ରସର ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି । ସୋମବାର ବିଶେଷ କରି ଉତ୍ତର, ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଜିଲ୍ଲା ମାନଙ୍କରେ ଅଧିକ ବର୍ଷା ନେଇ ଅନୁମାନ କରାଯାଇଛି । ଏହି ସମୟରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼ ଜିଲ୍ଲାର ଗୋଟିଏ ୨ଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟାରେ ଛତ୍ରପୁରରେ ୩୭, କେନ୍ଦୁଝରରେ ୩୨, ଅନୁଗୁଳ ୨୧, ଖୋର୍ଦ୍ଧା ୧୮, ବୌଦ୍ଧ ୧୬, ପୁରୀ ଓ ନୟାଗଡ଼ରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି ।

## ଯାଜପୁରରେ ପୁଣି ଗଲା ୨ ଜୀବନ

### ପ୍ରଶାସନ ଉପରୁ ଭରସା ତୁଟିଲା; ଗାଁ ଗାଁରେ ପୂଜାପାଠ ଆରମ୍ଭ

- ପ୍ରଭାବିତ ପରିବାର ସଦସ୍ୟଙ୍କୁ ଦିଆଯିବ ଇଞ୍ଜେକ୍ସନ

■ **ଯାଜପୁର ୧୫।୬ (ସମିସ):** ଯାଜପୁର ଜିଲ୍ଲାରେ ହଇଜା କମିବା ବଦଳରେ କାୟା ବିସ୍ତାର କରିବାରେ ଲାଗିଛି । ପ୍ରତିଦିନ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରତିଦିନ ନୂଆନୂଆ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତକାଲି ରାତି ୧୧ଟାରୁ ରବିବାର ସକାଳ ୮ଟା ସୁଦ୍ଧା ଜିଲ୍ଲାରେ ମୋଟ ୨୨୫ ଜଣ ଚିକିତ୍ସିତ ହେଉଥିଲେ । ତେବେ ଆଜି ୯୬ ଜଣ ନୂଆ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ସନ୍ଧ୍ୟା ସୁଦ୍ଧା ୫୭ ଜଣ ଡିସଚାର୍ଜ ହୋଇଛନ୍ତି ଏବଂ ୨୫୮ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି । ଆଜି ସକାଳୁ ଜିଲ୍ଲାର ୨ ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେମାନେ ହେଲେ, ଯାଜପୁର ବ୍ଲକ ଖଇରାବାଦ ଗାଁର ଜୟନ୍ତୀ ସାହୁ ଏବଂ କମଳପୁର ଗାଁର ଜଟାଧାରୀ ସାହୁ । ଉଭୟ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେହିପରି ଜିଲ୍ଲା ବାହାରେ କେତେକ ଘରୋଇ ଡାକ୍ତରଖାନାରେ ମଧ୍ୟ କେତେକ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ▶ପୃଷ୍ଠା-୭

## ୨୦ରେ ଖୋଲିବ ସ୍କୁଲ୍

■ **ଭୁବନେଶ୍ୱର, ୧୫।୬ (ସମିସ):** ପ୍ରାୟ ଦୁଇ ମାସର ଛୁଟି ପରେ ଆସନ୍ତା ୨୦ ତାରିଖରେ ଖୋଲିବ ସ୍କୁଲ୍ । ଏଥିପାଇଁ ୧୯ ତାରିଖରେ ବିଦ୍ୟାଳୟ ପରିସର ସଫାସୁତୁରା କରାଯିବ । ସ୍କୁଲର ବୈଦ୍ୟୁତିକ ସରଞ୍ଜାମ ଓ ବିଦ୍ୟୁତ୍ ସଂଯୋଗ ଯାଞ୍ଚ କରାଯିବ । ପାଣି ଟାଙ୍କି ସଫା କରାଯିବ ଓ ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ପରିଷ୍କାର କରାଯିବ । ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ, ଡ଼ାଲି ଓ ଅନ୍ୟ ଖାଦ୍ୟ ପଦାର୍ଥର ଯାଞ୍ଚ ହେବ ଓ ୨୦ ତାରିଖଠାରୁ ପାଠପଢ଼ା ଚାଲିବ । ଏଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ପୂର୍ବରୁ ଖରାଛୁଟି ହୋଇଥିଲା । ମେ ୬ରୁ ଛୁଟି କରିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଖରା ପାଇଁ ଏପ୍ରିଲ୍ ୨୩ ତାରିଖରୁ ଖରାଛୁଟି ଘୋଷଣା କରିଥିଲେ ସରକାର । ଫଳରେ ପ୍ରାୟ ୧୩ ଦିନ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା । ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ପୁନଃ ସକ୍ରିୟ ହେବାରୁ ଖରାଛୁଟି ବଢ଼ିବାର କୌଣସି ସମ୍ଭାବନା ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।


## ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ୬ ପଦ ପାଇଁ ୬୦ ଆଶାୟୀ

- ସମ୍ପ୍ରସାରଣରେ ମୋହନଙ୍କର ରହିବ ସର୍ବାଧିକ ଭୂମିକା
- ମନ୍ତ୍ରିମଣ୍ଡଳରେ ବୃଦ୍ଧି ପାଇବ ମହିଳାଙ୍କ ଭାଗିଦାରୀ
- ବିଦା ହେବେ ୩, ବଦଳିବ ଅନେକ ମନ୍ତ୍ରୀଙ୍କ ବିଭାଗ
- ସମ୍ପ୍ରସାରଣ ପରେ ନିଗମ ଓ ବୋର୍ଡ ଥଇଥାନ ପ୍ରକ୍ରିୟା

■ **ଭୁବନେଶ୍ୱର, ୧୫।୬ (ସମିସ):** ରାଜ୍ୟରେ ବିଜେପି ସରକାର ପ୍ରଥମ ବର୍ଷ ପୂରଣ କରିଛି । ବିନା ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳରେ ସରକାର ଯେନେତେନ ପ୍ରକାରେ ପ୍ରଥମ ବର୍ଷରଶାସନପୂରଣକରିନିଜପିଠିନିଜେଥାପୁଡ଼ଉଛନ୍ତି । ବର୍ତ୍ତମାନ ରାଜ୍ୟବ୍ୟାପୀ ସରକାର ନିଜର ପ୍ରଥମ ବର୍ଷ ଶାସନ ଉତ୍ସବ ପାଳନ କରୁଥିବା ବେଳେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି । ଏହି ଅବସରରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କୁ ପ୍ରଥମ ବର୍ଷ ଶାସନର ରିପୋର୍ଟ କାର୍ଡ ବିଧିବଦ୍ଧ ଭାବେ ପ୍ରଦାନ କରିବେ । ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ତେବେ ରଥଯାତ୍ରା ପୂର୍ବରୁ କି ବାହୁଡ଼ା ଯାତ୍ରା ପରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବ ତାହା ଚୂଡ଼ାନ୍ତ ହୋଇ ପାରିନାହିଁ । ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେମାନଙ୍କର ବାର୍ଷିକ ରିପୋର୍ଟ କାଡର୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛଛନ୍ତି । ସେହି ଆଧାରରେ କେଉଁମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ବଜାୟ ରଖିବେ ଓ କେଉଁମାନେ ବାଦ ପଡ଼ିବେ ତାହା ମୁଖ୍ୟମନ୍ତ୍ରୀ ସ୍ଥିର କରିବେ । ତେବେ ଏହି ସୂତ୍ରରୁ ମିଳିଥିବା ▶ପୃଷ୍ଠା-୭

## ଜଳଭଣ୍ଡାରକୁ ଡେଇଁ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା



■ **ନନ୍ଦପୁର, ୧୫।୬ (ସମିସ):** ପ୍ରେମରେ ବିଫଳ ହେବାରୁ ନାବାଳକ ପ୍ରେମୀଯୁଗଳ ଜଳଭଣ୍ଡାର ଭିତରକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଉଭୟଙ୍କର ହାତବନ୍ଧା ହୋଇଥିବା ଅବସ୍ଥାରେ ଶବ ଉଦ୍ଧାର ହୋଇଛି । ଘଟଣାଟି ଘଟିଛି, କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଅତଣ୍ଡା ଗ୍ରାମ ପଞ୍ଚାୟତର ବନୁର ଗ୍ରାମରେ । ଶନିବାର ସନ୍ଧ୍ୟାରେ ଏହି ନାବାଳକ ପ୍ରେମୀଯୁଗଳ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ସୂଚନାନୁସାରେ, ନାବାଳିକାଜଣଙ୍କ ସ୍ଥାନୀୟ ଏକ ହାଇସ୍କୁଲ୍‌ରେ ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ନାବାଳକଜଣଙ୍କ ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇବର୍ଷର ଛାତ୍ର । ▶ପୃଷ୍ଠା-୭

ସକାଳ THE SAKALA



## ଖଡ଼ିଆ ଜନଜାତିଙ୍କ ନିଆରା ରଜପର୍ବ

# ଦୋଳିଗୀତରେ ପରାଜିତ ଯୁବକଯୁବତୀଙ୍କ ବାହାଘର ହୁଏ ଚୂଡ଼ାନ୍ତ

ବାରିପଦା, ୧୫।୬(ସମିସ)



ସାରା ରାଜ୍ୟ ରଜପର୍ବକୁ ଧୁମଧାମରେ ପାଳନ କରୁଥିବା ବେଳେ ଏହିପର୍ବକୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଆଦିମ ଖଡ଼ିଆ ଜନଜାତିର ଅବିବାହିତ ଯୁବକଯୁବତୀମାନେ ସାରା ବର୍ଷ ଅପେକ୍ଷା କରିରହିଥାନ୍ତି। କାରଣ ଖଡ଼ିଆ ସମ୍ପ୍ରଦାୟରେ ରହିଛି ନିଆରା ପରମ୍ପରା। ପରମ୍ପରା ମୁତାବକ ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକଯୁବତୀ ରଜଦୋଳି ବାଦିଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଯେଉଁ ପୁଅ ଅନ୍ୟ ଝିଅକୁ ହରାଏ ଅବା ଯେଉଁ ଝିଅ ଅନ୍ୟ ପୁଅକୁ ହରାଏ ଉଭଙ୍କର ବିବାହ ସ୍ଥିର ହୋଇଥାଏ। ଉକ୍ତ ବିବାହ ପାରମ୍ପରିକ ରୀତିରେ ଜଗନ୍ନାଥଙ୍କ ଘୋଷଯାତ୍ରା ସମୟରେ ସମ୍ପନ୍ନ ହୋଇଥାଏ। ଜିଲ୍ଲାରେ ଆଦିବାସୀ ସଂସ୍କୃତି ଓ ରଜପର୍ବ ସମ୍ପୂର୍ଣ୍ଣ ନିଆରା। ରଜ ୩ ଦିନରେ ବାରିପଦା, ବଡ଼ସାହି, ବେତନଟୀ, ମୋରଡ଼ା, ରାସଗୋବିନ୍ଦପୁର, କପ୍ତିପଦା ଓ ଯଶିପୁର ଆଦି ବ୍ଲକର ଆଦିବାସୀ ଖଡ଼ିଆ ସମ୍ପ୍ରଦାୟର ଆବାଳବୃଦ୍ଧବନିତା ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ ହୋଇଉଠନ୍ତି। ରଜପର୍ବ ପାଳନ ପାଇଁ ଦୋଳିପଡ଼ିଆରେ ସମସ୍ତେ ଏକାଠି ହୋଇଥାନ୍ତି। ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକଯୁବତୀ ନିଜ ନିଜର ପାରମ୍ପରିକ ଦୋଳିବାଦୀ ଗୀତର ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଭାଗ ନିଅନ୍ତି। ତେବେ ଏହି ପ୍ରତିଯୋଗିତାରେ ଉଭୟ ଉଭୟଙ୍କୁ ହରାଇବାର ଚେଷ୍ଟା କରନ୍ତି। ଯୁବକମାନେ ଯୁବତୀଙ୍କୁ ହରାଇବାକୁ ଚେଷ୍ଟା ଆଉ ଯୁବତୀମାନେ ଯୁବକମାନଙ୍କୁ ହରାଇବାକୁ ଚେଷ୍ଟା। ଏଠାରେ ପ୍ରତିଯୋଗିତା ମୂଳକ ପରିବେଶ ସୃଷ୍ଟି ହୋଇଥାଏ। ହାରିଯିବାର ଭୟ ଆଉ ଜିତିବାର ଖୁସିରେ ଯୁବକମାନେ ଉତ୍ସାହିତ ଥିବା ବେଳେ ଯୁବତୀମାନେ ମଧ୍ୟ ନିଜ ପସନ୍ଦ ଥିବା ଯୁବକ ମାନଙ୍କୁ ହରାଇବା ପାଇଁ ଲାଗିଥାନ୍ତି। କାରଣ ହରାଇବା ମାନେ ହିଁ ପରମ୍ପରା ଅନୁସାରେ ବିବାହ ସ୍ଥିର ହୁଏ। ଏମାନେ ମଧ୍ୟ ଏସବୁ ପରମ୍ପରା ଓ ପ୍ରଥାକୁ ନେଇ ମାନସିକସ୍ତରରେ ଦୃଢ ରହିଥାନ୍ତି। ଆଦିବାସୀ ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟରେ ଏ ପ୍ରଥା ଓ ପରମ୍ପରା କାହି କେଉଁ କାଳରୁ ଚାଲି ଆସୁଛି। ଯୁବକ ଯୁବତୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ଏକାଠି ହୋଇଥାନ୍ତି ଆଖପାଖ ଗ୍ରାମର ଲୋକେ। ତେବେ ନିଜ ଗାଁର ଯୁବତୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ବେଳେ ଅନ୍ୟ ଗାଁରୁ ଯୁବକ ମାନେ ଭାଗନେବାକୁ ଆସିଥାନ୍ତି। ପ୍ରତିଯୋଗିତାରେ ବିବାହ ସ୍ଥିର ହେବା ପରେ ରଥଯାତ୍ରା ସମୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଖଡ଼ିଆ ସମ୍ପ୍ରଦାୟର ଲୋକେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ

### ରଥଯାତ୍ରାରେ ବିବାହ ସମ୍ପନ୍ନ ହୁଏ

ନିଜର ଆରାଧ୍ୟ ଦେବତା ବଡ଼ାମ ନାମରେ ପୂଜା କରିଥାନ୍ତି। ଏପରମ୍ପରା ଓ ପ୍ରଥାକୁ ଦେଖିବା ପାଇଁ ବାହାର ଗାଁରୁ ମଧ୍ୟ ଲୋକମାନଙ୍କ ଆସିଥାନ୍ତି। ଉତ୍ସବର ବାତାବରଣରେ ଦୋକାନବଜାର ମଧ୍ୟ ଖୋଲିଥାଏ। ଓଡ଼ିଆଙ୍କ ବାରମାସରେ ତେର ପର୍ବ ଆଉ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା। ତେବେ ଆଧୁନିକ ଯୁଗରେ ମଧ୍ୟ ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟର ଲୋକେ ଏଭଳି ପ୍ରଥା ଓ ପରମ୍ପରାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି, ତାହା ସବୁଠାରୁ ବଡ଼ କଥା ବୋଲି ଆଦିବାସୀ ଭାଷା ସଂସ୍କୃତି ଗବେଷକ ଡଃ ରାଜକିଶୋର ନାୟକ କହିଛନ୍ତି।

# ମା' ଆମ୍ବିଳିପାଟ ଦେବୀଙ୍କ ପାହାଡ଼ି ପୂଜା



- ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ
- ମାନସିକ ପୂଜା ପାଇଁ ଆସିଲା ଶହଶହ ଛେଳି କୁକୁଡ଼ା

**କଳାବାଡିଆ, ୧୫।୬(ସମିସ):** ବାଙ୍ଗିରିପୋଷି ବ୍ଲକ କଳାବାଡିଆ ଓ କୁମ୍ଭୀର ମୁଣ୍ଡାକଟା ପଞ୍ଚାୟତର ଠାକୁରାଣୀ ପାହାଡିରେ କେଉଁ ଆବାହକାଳରୁ ବିରାଜମାନ କରନ୍ତି ମା' ଆମ୍ବିଳିପାଟ ଦେବୀ। ପାହାଡ଼ରେ ୨୨ ମୌଜାର ଅଧିଷ୍ଠାତ୍ରୀ ଦେବୀଙ୍କ ପୂଜା କେବଳ ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି ଦିନ ହୋଇଥାଏ। ଅନ୍ୟଦିନଗୁଡ଼ିକରେ ପ୍ରତ୍ୟେକ ଗୁରୁବାର ଜଗନ୍ନାଥଖୁଣ୍ଟା ଗ୍ରାମମୁଣ୍ଡରେ ନିର୍ମିତ ପୀଠରେ ଦେହୁରୀଙ୍କ ଦ୍ୱାରା ଦେବୀ ପୂଜା ପାଇଥାନ୍ତି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ରଜ ସଂକ୍ରାନ୍ତି ଦିନ ପାହାଡି ପୂଜାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପାଇଁ ଭକ୍ତ ଶହ ଶହ ଛେଳି ଓ କୁକୁଡ଼ା ଦେବୀଙ୍କ ପୀଠରେ ଦେହୁରୀଙ୍କ ଦ୍ୱାରା ପୂଜା କରାଇଥିଲେ। ପରେ ପୀଠରୁ ଅନତୀ ଦୂରରେ ବଳି ପଡ଼ିଥିବା ଦେଖିବାକୁ ମିଳିଥିଲା। କିଛି ଭକ୍ତ ଦେବୀଙ୍କ ଉଦ୍ଦେଶ୍ୟରେ ଛେଳି ଛାଡ଼ି ଦେଇଥିଲେ। କମିଟି ତରଫରୁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା। ୨୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ବସିବା ସହିତ ଭଜନ କୀର୍ତ୍ତନରେ ପରିବେଶ କମ୍ପି ଉଠିଥିଲା। କିମ୍ବଦନ୍ତୀ କହେ ଶହେ ବର୍ଷ ପୂର୍ବେ ଦେବୀ ପ୍ରତ୍ୟେକ ଦିନ ପୂଜା ପାଉଥିଲେ ପାହାଡ଼ ଉପରେ। ତେବେ ଦିନେ ଦେହୁରୀ ଖଣ୍ଡା ଛାଡ଼ିଆସି ପୁଣି ଫେରିଗଲା ବେଳକୁ ଦେବୀ ରାଗିଯାଇ ଖଣ୍ଡା ଫୋପାଡ଼ି ଦେଇଥିଲେ। ସେହି ଦିନଠାରୁ ଖଣ୍ଡା ପଡ଼ିଥିବା ସ୍ଥାନ ଅର୍ଥାତ୍ ଜଗନ୍ନାଥଖୁଣ୍ଟା ଗାଁ ମୁଣ୍ଡରେ ମା' ପୂଜା ପାଉଛନ୍ତି।

## ହଜିଗଲାଣି ରଜଦୋଳିର ପରମ୍ପରା

**କୁଆମରା, ୧୫।୬(ସମିସ):** ବାରମାସର ତେରପର୍ବ ମଧ୍ୟରେ ରଜପର୍ବ ନିଆରା। ଏବେ ରଜପର୍ବରେ ଗାଁ ଗଣ୍ଡାମାନଙ୍କରେ ପୂର୍ବ ପରମ୍ପରା ବଦଳିଗଲାଣି। ଗାଁ ଦାଣ୍ଡ କିମ୍ବା ଆମ୍ବତୋଟାରେ ଦେଖିବାକୁ ମିଳୁନାହିଁ ଦୋଳି କିମ୍ବା ଶୁଣିବାକୁ ମିଳୁ ନାହିଁ ବନସ୍ତେ ଡାକିଲା ଗଜ। ଫଳରେ ରଜମଉଜ ଫିକାପଡ଼ି ଯାଉଥିବାର ଦେଖିବାକୁ ମିଳୁଛି। ତେବେ ନୂଆଲୁଗା ପିନ୍ଧି ଦୋଳି ଝୁଲିବା ଓ ଏହାର ମଜାନେବା ଯୁବକଯୁବତୀଙ୍କ ପାଇଁ ଥିଲା ନିଆରା। ମାତ୍ର ଏହି ଗଣପର୍ବକୁ ଲୋକେ ଧିରେଧିରେ ଭୁଲି ଏବେ ମୋବାଇଲ ଓ ଟିଭି ଦେଖିବାର ବ୍ୟସ୍ତ। ପୂର୍ବରୁ ଗାଁ ଗଣ୍ଡାରେ ବାଗୁଡ଼ି ଖେଳର ପ୍ରତିଯୋଗିତା ଓ ଆମ୍ବଗଛ ମୂଳରେ ତାସ ଖେଳର ମଜା ନେଉଥିଲେ। ପୁଣି ଗାଁ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ରାମା ବେଶ ଲୋକମାନଙ୍କୁ ଆକୃଷ୍ଟ କରୁଥିଲା। ଗାଁ ଛାଡ଼ି ସହରରେ ବସବାସ କରୁଥିବା ଲୋକେ ନିଜ ଗାଁକୁ ଆସି ମଜା ନେଉଥିଲେ। ମାତ୍ର ଦିନକୁ ଦିନ ଏସବୁ କାର୍ଯ୍ୟକ୍ରମ ଲୋପପାଇ ଗଲାଣି। ଆଉ ଗାଁ ଗଣ୍ଡାମାନଙ୍କରେ ରଜଦୋଳି ବନ୍ଧା ହେଉଥିବାର ଦେଖିବାକୁ ମିଳୁ ନାହିଁ କି ଗୀତ ଶୁଣିବାକୁ ମିଳୁ ନାହିଁ।

## ଶୁକ୍ଳି ପୁରପଲ୍ଲୀରେ ରଜମଉଜ



**ଖୁଣ୍ଟି, ୧୫।୬(ସମିସ):** ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ଅସଂଖ୍ୟ ସାମାଜିକ, ଆଧ୍ୟାତ୍ମିକ ଓ କିମ୍ବଦନ୍ତୀଭିତ୍ତିକ ପର୍ବପର୍ବାଣୀ ମଧ୍ୟରେ ଗଣପର୍ବ ରଜ ସ୍ୱତନ୍ତ୍ର ସ୍ଥାନ ଦାଖଲ କରିଛି। ରଜ ସଂକ୍ରାନ୍ତି ମିଥୁନ ମାସରେ ପଡୁଥିବାରୁ ଏହାକୁ ମଧ୍ୟ ମିଥୁନ ସଂକ୍ରାନ୍ତି କୁହାଯାଏ। ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢ଼ ମାସର ପ୍ରଥମ ଦିନଟି ରାଜସଂକ୍ରାନ୍ତି ଓ ତା' ପର ଦିନକୁ ଭୂମିଦାହ ବୋଲି କୁହାଯାଏ। ଚତୁର୍ଥ ଦିନ ବସୁମତୀ ସ୍ନାନ ଅର୍ଥାତ ସୂର୍ଯ୍ୟ ଦେବତା ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କଲେ ଧରଣୀରାଣୀ ରଜସ୍ୱଳା ହୋଇ କୃଷିକର୍ମ ପାଇଁ ପ୍ରଜନନକ୍ଷମ ହୁଏ। ଶାସ୍ତ୍ରୀୟ ମତଥିବାରୁ ମାଟି ମାଆକୁ ରାଜସ୍ୱଳା ନାରୀ ପରି ହଳଦୀ ପାଣିରେ ଗାଧୋଇଦେଇ ସିନ୍ଦୁର, କଜ୍ଜ୍ୱଳ ଲଗାଇ ଦିଆଯାଏ। କୃଷି ପ୍ରଧାନ ଆମ ରାଜ୍ୟର ଏହି ଅନନ୍ୟ କୃଷିଭିତ୍ତିକ ପର୍ବକୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆ ପରିବାର ବେଶ ଧୁମଧାମରେ ପାଳନ କରନ୍ତି। ଚଳିତ ବର୍ଷ ରଜ ପର୍ବ ପାଇଁ ଶୁକ୍ଳି ବ୍ଲକର ସମସ୍ତ ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ବିଶେଷ କରି ମହିଳା ଓ କୁମାରୀମାନେ ସଜବାଜ ହୋଇ ସ୍ୱାଦିଷ୍ଟ ରଜ ପାନ, ପିଠାପଣା ଖାଇବା ସହ ଗୀତଗାଇ ଦୋଳି ଖେଳୁଥିବାର ଦେଖିବାକୁ ମିଳିଛି। ରଜପର୍ବକୁ ଆବାଳବୃଦ୍ଧବନିତା ଖେଳ କୌତୁକ, ହସଖୁସି ଓ ଆନନ୍ଦ ପ୍ରମୋଦ ସହ ଉପଭୋଗ କରୁଥିବା ଦେଖିବାକୁ ମିଳିଛି।

## ମା'ତୁଳସୀର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ



**ବାରିପଦା, ୧୫।୬(ସମିସ):** ସ୍ଥାନୀୟ ମଧୁବନସ୍ଥିତ ଶ୍ରୀହରିବଲଦେବଜୀଉ ଶିଶୁ ମନ୍ଦିର ସଭାଗୃହରେ ଆଧ୍ୟାତ୍ମିକ ପତ୍ରିକା ମା' ତୁଳସୀର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ରାଇରଙ୍ଗପୁର କଲେଜର ଅଧ୍ୟକ୍ଷ ସୁନୀଲ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ହିମାଂଶୁ ଶେଖର ଦାସ ସଭାପତି, ପଣ୍ଡିତ ଭାଗବତ ପଣ୍ଡା ମୁଖ୍ୟଅତିଥି ଓ ବିଶିଷ୍ଟ ସାମ୍ବାଦିକ ଅକ୍ଷୟ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ହିମାଂଶୁ ଶେଖର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପତ୍ରିକାର ଶୁଭ ଉନ୍ମୋଚନ ହେବା ପରେ ଅନ୍ୟାନ୍ୟ ବକ୍ତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ଦୁର୍ଗାପୂଜା ସଂଖ୍ୟା ନିମନ୍ତେ ପତ୍ରିକାର ସମ୍ପାଦକ ଲେଖା ମଧ୍ୟ ଆହ୍ୱାନ କରିଥିଲେ। ସମାରୋହରେ ତୁଳସୀ ପରିବାରର ବହୁ ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିମଳ କୁମାର ମହାପାତ୍ର ଓ ଦେବବ୍ରତ ପାତ୍ର ସହଯୋଗ କରିଥିଲେ।

# ୩ଦଫା ଦାବି; କଳାବ୍ୟାଜ୍ ପିନ୍ଧିଲେ ବନ କର୍ମଚାରୀ



**ବାରିପଦା, ୧୫।୬(ସମିସ):** ବନ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ୩ଦଫା ସମ୍ବଳିତ ଦାବିନେଇ ରବିବାରରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ପ୍ରଦର୍ଶନ ଆରମ୍ଭ କରିଛନ୍ତି। ଓଡ଼ିଶା ଅଣଗେଜେଟେଡ଼ ବନ କର୍ମଚାରୀ ସଂଘର ବାରିପଦା ଜୋନ ଶାଖା ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ଖଗେଶ୍ୱର ସେଠିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ କୋଣସି ପଦକ୍ଷେପ ଗ୍ରହଣ ନକରିବାରୁ ଜୁନ ୧୫ ତାରିଖରୁ ୨୧ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ। ଏହା ସହିତ ଜୀବନ ପ୍ରତି ବିପଦ ଥିବା କୋଣସି ବିପଦପୂର୍ଣ୍ଣ କାର୍ଯ୍ୟ କରିବେ ନାହିଁ ବୋଲି କହିଛନ୍ତି। ଯାହାକୁ ନେଇ ବନ ବିଭାଗର କ୍ଷେତ୍ର କର୍ମଚାରୀ (ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜର) ପ୍ରମୁଖ କଳାବ୍ୟାଜ ପିନ୍ଧି ବାରିପଦା ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାମୁହିକ ଭାବେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ରଖିଥିବା ବେଳେ ଦାବି ପୂରଣ ନେଇ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାଁନ୍ତି। ଯାହାଫଳରେ ବନ କର୍ମଚାରୀମାନେ ବାରମ୍ବାର ଶିକାରୀଙ୍କ ଗୁଳିର ଶିକାର ହେଉ ଜୀବନ ଯାଉଛି। ଯାହାକୁ ନେଇ ସଂଘ ପକ୍ଷରୁ ଜରୁରୀ ବୈଠକ କରି ୩ଟି ଦାବି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଜୁନ ୨୧ ତାରିଖ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନେଇ କୋଣସି ପଦକ୍ଷେପ ଗ୍ରହଣ ନକରିଲେ ଜୁନ ୨୨ରୁ ବନ କର୍ମଚାରୀ ପ୍ରତି ଅବହେଳା ପ୍ରତିବାଦରେ ସାମୁହିକ ଛୁଟିରେ ରହି ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଦାବିପୂରଣ ହେବା ପର୍ଯ୍ୟନ୍ତ ବାରିପଦା ଫରେଷ୍ଟ ସର୍କଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରାଜ୍ୟ ସରକାରୀ ଅବହେଳାକୁ ନେଇ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ବନ କର୍ମଚାରୀଙ୍କ ଧର୍ମଘଟ

**ମହୁଲଡିହା, ୧୫।୬(ସମିସ):** ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ତରଫରୁ ୩ ଦଫା ଦାବି ପୂରଣ ପାଇଁ ସାରା ଓଡ଼ିଶାରେ କଳାବ୍ୟାଚ ପିନ୍ଧି ଆଜିଠାରୁ ପ୍ରତିବାଦ ଆରମ୍ଭ କରିଛନ୍ତି। ଠାକୁରମୁଣ୍ଡା ବ୍ଲକର ଠାକୁରମୁଣ୍ଡା ଓ ସାତକୋଶିଆ ୨ଟି ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ୧୫ ତାରିଖ କଳା ବ୍ୟାଚ ପରିଧାନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ ହୋଇଛି। ଏପରି ବିକ୍ଷୋଭ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଜାରି ରହିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। କର୍ମଚାରୀମାନେ ଗତ ୯ ତାରିଖଠାରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଶିକାରୀ ଗୁଳିରେ ସହିଦ ହୋଇଥିବା ପ୍ରହଲ୍ଲାଦ ପ୍ରଧାନଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ପ୍ରଦାନ ସହିତ ୧ କୋଟି ଟଙ୍କାର କ୍ଷତି ପୂରଣ। ଦ୍ୱିତୀୟରେ ଫରେଷ୍ଟ କମିଶନ ଗଠନ, ତୃତୀୟ ଦାବି ହେଉଛି ପୁଲିସ କର୍ମଚାରୀଙ୍କ ଭଳି ଦରମା ଓ ବୀମା ପ୍ରଦାନ କରିବା। ଦାବିପୂରଣ ନହେଲେ ୨୨ ତାରିଖ ଠାରୁ ଅଣ ଗେଜେଟେଡ଼ କର୍ମଚାରୀ ସମୂହ ଛୁଟି ନେଇ ପ୍ରତି ଆରସିସିଏଫ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସରକାର ମନୋମୁଖୀ ଭାବେ ବନ ବିଭାଗକୁ ଅବ୍ୟବସ୍ଥା ମଧ୍ୟରେ ରଖିଛନ୍ତି। ତଳ କର୍ମଚାରୀଙ୍କ କୌଣସି କଥାକୁ ବିଚାରକୁ ନନେବା ଫଳରେ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।



# ରଜରେ ବିଭିନ୍ନ ସ୍ଥାନରେ ଉଡ଼ାଯାତ୍ରା



କୁଆମରା, ୧୫।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଗୋପବନ୍ଧୁ ନଗର ବ୍ଲକର ଆରପଟା ପଞ୍ଚାୟତସ୍ଥିତ ପାଳଶା, ସାଇଁକୁଳା ପଞ୍ଚାୟତର ଭାନପୁର, କୁଆମରା ଓ ପଶୁଦା ଠାରେ ମାଆ ବାସୁଳୀ ଓ ମଙ୍ଗଳାଙ୍କ ପୀଠରେ ପାରମ୍ପରିକ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଡ଼ାଯାତ୍ରା ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ତିନିଦିନ ଧରି ପୃଥକ ସନ୍ଧ୍ୟାରେ କଣ୍ଟାପାଟ, ନିଆଁପାଟ, ଝୁଲାପାଟ କାର୍ଯ୍ୟ ଦାସୀ ଓ ଭକ୍ତାମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଚଳିତ ବର୍ଷ ମାନସିକ ଅନୁଯାୟୀ ଉକ୍ତ ଚାରୋଟି ସ୍ଥାନରେ ମୋଟ ୩୪ ଜଣ ଉପାସକ ନିଜ ନିଜ ପିଠିରେ କଣ୍ଟାଫୁଡ଼ା କାର୍ଯ୍ୟ କରିଥିଲେ। ପାଗ ଅନୁକୂଳ ଥିବାରୁ ସମସ୍ତ ସ୍ଥାନରେ ଭରପୁର ଜନସମାଗମ ଦେଖିବାକୁ ମିଳିଥିଲା। ପାଳଶା ଉଡ଼ାଯାତ୍ରାରେ ଭକ୍ତା ଭାବେ ରତ୍ନାକର ମଳିକ, ବରଜୁ ଦଳେଇ, ପ୍ରଭାସ ମାଝୀ ପ୍ରଭୃତି ମୁଖ୍ୟ ଦାସୀ ଭାବେ କାର୍ଯ୍ୟ କରିଥିବା ବେଳେ ସତ୍ୟନାରାୟଣ ରାୟବାବୁ, ଭାସ୍କର ବେହେରା, ରବୀନ୍ଦ୍ର ଦଳେଇ, ଜୟନ୍ତ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କୁଆମରା ଠାରେ ସୁଧାଂଶୁ ରାୟବାବୁ, ହିମାଂଶୁ ଜେନାଙ୍କ ତତ୍ତ୍ୱାବଧାନରେ ଦାସୀ ଭାବେ କୃଷ୍ଣ ଗୋପାଳ ସିଂହ, କିଶୋର ମଳିକ, ବାବୁ ଦେହୁରୀ, ମୀନା ଜେନା ପ୍ରଭୃତି କାମ ତୁଲାଇଥିଲେ। ସାଇଁକୁଳାରେ ସୁକାନ୍ତ ନାଏକ, ବଂଶୀଧର ମଳିକ, କୃଷ୍ଣ ବେହେରା, ହଗୁରୁ ନାଏକ, ବାବୁଲା ବାଗଙ୍କ ତତ୍ତ୍ୱାବଧାନରେ ଦାସୀ ଭାବେ ବସନ୍ତ ଦେହୁରୀ, ଶଶିଧର ଦେହୁରୀ, ମନ୍ମଥ ଦେହୁରୀ ପ୍ରମୁଖ ମୋଟ ୧୨ ଜଣ ଦାସୀ କାର୍ଯ୍ୟ ତୁଲାଇଥିଲେ। ପଶୁଦା ଠାରେ ରବୀନ୍ଦ୍ର ଦେହୁରୀ, ଧୁମା ଦେହୁରୀ, ଶୀବ ଦେହୁରୀ, ସନ୍ତୋଷ ମଳିକ ପ୍ରମୁଖ ମୋଟ ୧୪ ଜଣ ଦାସୀ ଓ ଭକ୍ତା ଉଡ଼ାଖୁଣ୍ଟରେ ଉଡ଼ିଥିଲେ। କମିଟି ପକ୍ଷରୁ ହେମନ୍ତ ସାହୁ, ଗୋବିନ୍ଦ କଟୁଆଳ, ପ୍ରଭାତ କଟୁଆଳ, ରବୀନ୍ଦ୍ର ଦାସ, ଅଜୟ ରାଉତ, ଅସୀତ ଲେଙ୍କା, ମନ୍ମଥ ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଦିବ୍ୟାଙ୍ଗ ଯୁବତୀ ୫ ମାସର ଅନ୍ତଃସତ୍ତ୍ୱା; ଜଣେ ଗିରଫ

**କୁଆମରା, ୧୫।୬(ସମିସ):** ଖୁଣ୍ଟା ଥାନା ଅଞ୍ଚଳର ଜଣେ ୨୨ ବର୍ଷିୟା ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ୫ ମାସର ଗର୍ଭବତୀ କରିଥିବା ମାମଲାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବଡ଼ସାହି ଥାନା ଅଞ୍ଚଳର ବାପୁନ ସିଂ (୨୮)। ସେ ଆରପଟା ଅଞ୍ଚଳରେ ପ୍ରାୟ ବର୍ଷେ ହେବ ରହି ନିଜକୁ ଗୁଣିଆ ବୋଲି କହି ବୁଲୁଥିଲା ଏବଂ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଠକୁଥିଲା। ଘଟଣା ବାବଦରେ ପୀଡ଼ିତାଙ୍କ ବାପା ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାପୁନକୁ ପୁଲିସ ଗିରଫ କରି ପଚରାଉଚରା ଚଳାଇଛି। ଏନେଇ ୧୭୭/୨୫ରେ ମାମଲା ରୁଜୁ କରିଥିବାର ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

## ଟୋଲଗଡ଼ିଆ ଛକରୁ ଶିରିଆପାଳ ନୂତନ ରାସ୍ତାରୁ ଉଠୁଛି ପିଚୁ

# ଦୋଷ ଲୁଚାଇବାଲାଗି ଫଳକରୁ ସୂଚନା ଲିଭାଇଦେଲେ!






ଶରତ, ୧୫।୬(ସମିସ)

କପ୍ତିପଦା ବ୍ଲକ ଅଧୀନ ଶରତ ଅଞ୍ଚଳର ଦେୱାନବାହାଲୀ ପଞ୍ଚାୟତ ଏବଂ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ରାସ୍ତାରୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଟୋଲଗଡ଼ିଆ ଛକରୁ ଶିରିଆପାଳ ଗ୍ରାମ ଏବଂ ରାଣୀପୋଖରୀ ଗାଁକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ପ୍ରକଳ୍ପଟି ୭୫୩. ୭୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଫଳକରୁ ଜଣାପଡ଼ିଛି। କିଛି ଅଂଶ ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ କିଛିଅଂଶ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ରାସ୍ତା ନିର୍ମାଣ ସମୟରେ ହିଁ ରାସ୍ତାର କିଛି ଅଂଶ ପିଚୁ ଉଠିଯାଇଥିବା ଦେଖାଯାଇଛି। ଏହି ରାସ୍ତା ଉପରେ କପ୍ତିପଦା, ବାଲେଶ୍ୱର, ଔପଦା, କୁପାରୀ ପ୍ରମୁଖ ଜାଗାମାନଙ୍କରୁ ଶରତ ବଜାରକୁ ଆସୁଥିବା ଯାତ୍ରୀମାନେ ନିର୍ଭରଶୀଳ। ତେବେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ନିମନ୍ତେ ନିର୍ମାଣ ହେଉଥିବା ଏହି ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସଠିକ ଭାବରେ ଆବଶ୍ୟକ ମସଲା ଓ ପିଚୁ ନ ପଡୁଥିବାରୁ ରାସ୍ତାର ଏମିତି ହୋଇଛି ଅବସ୍ଥା ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଦୋଷ ଲୁଚାଇବାକୁ ନିର୍ମାଣ ସଂସ୍ଥା ଫଳକରୁ ସୂଚନା ଲିଭାଇ ଥିବା ମଧ୍ୟ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଉକ୍ତ ପ୍ରକଳ୍ପର ସମୀକ୍ଷା କରିବା ସହିତ ସରକାରୀ ଅର୍ଥକୁ ବିକାଶ କାର୍ଯ୍ୟରେ ସଠିକ ଭାବରେ ଉପଯୋଗ କରିବା ନିମନ୍ତେ 'ଶରତ ବିକାଶ ମଞ୍ଚ' ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ନିବେଦନ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ଉଚିତ ପଦକ୍ଷେପ ନ ଗ୍ରହଣ କରିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ବିକାଶ ମଞ୍ଚ ତରଫରୁ ପ୍ରକାଶ କରାଯାଇଛି।

### ଉଚ୍ଚସ୍ତରୀୟ ତଦନ୍ତ ପାଇଁ 'ଶରତ ବିକାଶ ମଞ୍ଚ'ର ଦାବି



### ଜ୍ୱରରେ ଆକ୍ରାନ୍ତ ୩ ଦିଅଁ

# ଉପଚାର ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସ୍ୱତନ୍ତ୍ର ସେବାନୀତି



**ବାରିପଦା, ୧୫ା୬(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମାରେ ୩ଦିଅଁ ସ୍ନାନମଣ୍ଡପରେ ବିଜେକରି ୧୦୮ ଗରାପାଣିରେ ସ୍ନାନ କରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ପରମ୍ପରା ଅନୁସାରେ ଠାକୁରମାନଙ୍କୁ ଅଣସର ଘରକୁ ଅଣାଯାଇ ଚିକିତ୍ସା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଚିକିତ୍ସା ସମୟରେ ମହାପ୍ରଭୁମାନଙ୍କର ପୂଜା ବିଧିରେ ମଧ୍ୟ ସ୍ୱତନ୍ତ୍ରତା ରହିଛି। ପୁରୀରେ ଅଣସର ଘରେ ଠାକୁରମାନଙ୍କୁ କେବଳ ଦଇତାପତିମାନେ ସେବା କରୁଥିବା ବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ମୁଖ୍ୟ ପୂଜକମାନେ ବିଗ୍ରହମାନଙ୍କର ସମସ୍ତ ଗୁପ୍ତସେବା ନୀତି ସମ୍ପନ୍ନ କରୁଛନ୍ତି। ଏହି ସମୟରେ ମନ୍ଦିର ମଧ୍ୟରେ ପଟିଦିଅଁଙ୍କର ପୂଜା କରାଯାଉଛି। ପଟିଦିଅଁଙ୍କ ଦର୍ଶନ ପାଇଁ ଭକ୍ତମାନେ ହାତୀଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରୁଛନ୍ତି। ଅଣସର ଗୃହରେ ପୂର୍ଣ୍ଣିମା ପର ପଞ୍ଚମୀ ଦିନରେ ମୁଖ୍ୟ ଚିତ୍ରକାର ଠାକୁରମାନଙ୍କର ଚିକିତ୍ସା ପାଇଁ ପାଞ୍ଚଣ ଲାଗି ପୂଜକଙ୍କ ଦ୍ୱାରା କରାଇଥାନ୍ତି। ପୂର୍ବରୁ ସ୍ୱତନ୍ତ୍ର ରାଜଦରବାର ସମୟରେ ରାଜବୈଦ୍ୟଙ୍କ ଦ୍ୱାରା ଏହି ପାଞ୍ଚଣ ପ୍ରସ୍ତୁତ ହେଉଥିବା ବେଳେ ଏବେ ମୁଖ୍ୟ ଚିତ୍ରକରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ପାଞ୍ଚଣ ଔଷଧ ସାମଗ୍ରୀକୁ ସୁପକାର ଗୁପ୍ତଭାବେ ନୂତନ ମାଟିହାଣ୍ଡିରେ ପାଞ୍ଚଣ ପ୍ରସ୍ତୁତ କରନ୍ତି। ଏହି ପାଞ୍ଚଣ ପ୍ରସ୍ତୁତିରେ ଦଶମୂଳ, ଜାୟତ୍ରୀ, ଜାଇଫଳ, ଲବଙ୍ଗ, ଅଳେଇଚ, ଗୁଜୁରାତି, ଶୁଣ୍ଠି, ପିପଳି, ପାନମହୁରୀ, ଜୁଆଣୀ, ଧଣିଆଁ, ତେଜପତ୍ର, ବଡ଼ଅଳେଇଚ, ଡାଳଚିନି, ଗୋଲମରିଚ ଆଦି ପ୍ରାକୃତିକ ବନ୍ୟଜାତ ଦ୍ରବ୍ୟର ଗୁଣ୍ଡକୁ ସିଝେଇ ଔଷଧ ପ୍ରସ୍ତୁତ କରିବା ପରେ ଠାକୁରଙ୍କ ପଣ୍ଡାମାନେ ଠାକୁରମାନଙ୍କୁ ସ୍ନାନପୂର୍ଣ୍ଣିମାର ପଞ୍ଚମ ଦିନରେ ଏହା ଅର୍ପଣ କରିଥାନ୍ତି। ରବିବାର ସନ୍ଧ୍ୟାରେ ଠାକୁରଙ୍କୁ ପାଞ୍ଚଣ ଦିଆଯିବା ପରେ ମନ୍ଦିର ସମ୍ମୁଖରେ ଏହାକୁ ପାଇବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ଏହି ପାଞ୍ଚଣ ସେବନ କରାଯାଇଥାଏ; ସେ ବର୍ଷସାରା ଜ୍ୱରରେ ଆକ୍ରାନ୍ତ ହେଉ ନ ଥିବା ବିଶ୍ୱାସ ରହିଛି। ଏତଦବ୍ୟତୀତ ଠାକୁରମାନେ ଅସୁସ୍ଥ ଥିବାରୁ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ପାଲୁଅ ଖଣ୍ଡ

**ପାଞ୍ଚଣ ପାଇବା ପାଇଁ ଭକ୍ତଙ୍କ ଭିଡ଼**

ସହିତ କାଠିମୋହନ, ଗଜାମୁଗ, ଦହିଛେନା ଏବଂ ଗୁଡ଼ ଆଦି ଅର୍ପଣ କରାଯାଉଥିବା ବେଳେ ସନ୍ଧ୍ୟାରେ ଛେନାପଣା ଏବଂ ରାତ୍ରି ପହଡ଼ରେ ମଧ୍ୟ ପାଲୁଅ କାଠିମୋହନ ଆଦି ନୈବେଦ୍ୟ ଲାଗି ହେଉଛି। କିନ୍ତୁ ଏହି ସମୟରେ ପଟିଦିଅଁଙ୍କୁ ପୂର୍ବାହ୍ନରେ ଉଖୁଡ଼ା ମିଠେଇ ଓ ଦ୍ୱିପ୍ରହର ରାତିରେ ଅରୁଆ ଭାତ ଡାଲି ଭୋଗ ଠା' କରାଯାଉଛି। ଏହିସମୟରେ ଶ୍ରୀଜଗନ୍ନାଥ ଅସୁସ୍ଥ ଥିବାରୁ ମାତା ଲକ୍ଷ୍ମୀଙ୍କ ପାଖରେ କେବଳ ପଖାଳ ଭୋଗ ଅର୍ପଣ କରାଯାଇଥାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ସୋମବାର ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ନୀତି ହେବ ବୋଲି ଜଣାପଡ଼ିଛି।

### ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ୍

# ଫାଇନାଲରେ ରାଫେଲ ରକେଟ୍ସ



**ବାରିପଦା, ୧୫ା୬(ସମିସ):** ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମରେ ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ସେମିଫାଇନାଲ ମ୍ୟାଚ। ଏହି ମ୍ୟାଚ୍‌ରେ ରାଫେଲ ରକେଟ୍ସ ଦଳ ୫ ୱିକେଟରେ ଲାଲବଜାର ୱରିୟର୍ସ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱରିୟର୍ସ ୨୦ଓଭରରେ ୭ ୱିକେଟ ହରାଇ ୧୫୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଲକ୍ଷ୍ମୀଧର ସିଂ ୪୮ ରନ କରିଥିବା ବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ରାଫେଲ ରକେଟ୍ସ ୧୯. ୧ ଓଭରରେ ୫ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳ ପକ୍ଷରୁ ଅମିତ ପରିଡ଼ା ୪୭ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ହରିଶଙ୍କର ଘୋଷ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଏବଂ ବୁବୁ ସିହ୍ନା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ସୁଧାଂଶୁ ଶେଖର ଜେନା, ବଳବନ୍ତ ତୁଙ୍ଗ ଓ ସ୍ୱାଗତ ଜୀଉ ତଥା କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଏବଂ ମୁଖ୍ୟ ଆୟୋଜକ ଅମିତାଭ ଦାସ, ସହ ଆୟୋଜକ ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ



**ଶୁଳିଆପଦା, ୧୫ା୬(ସମିସ):** ଶୁଳିଆପଦା ବ୍ଲକ ଅଧୀନ ବାଘଡ଼ା ପଞ୍ଚାୟତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଅଭିଯୋଗ ବିଭାଗ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବାଘଡ଼ା ଗାଁ କଲ୍ୟାଣ ସମିତିର କିଛି ଲୋକଙ୍କୁ ଏହି ମଶାରୀ ଦିଆହୋଇଛି। ତାପରେ ସମୁଦାୟ ୧୮୪ଟି ଗାଁ କଲ୍ୟାଣ ସମିତି ଦ୍ୱାରା ସମସ୍ତ ଘରକୁ ଏହି ମଶାରୀ ଦିଆହବ। ମନ୍ତ୍ରୀ ଏହି ମଶାରୀର ସଦୁପଯୋଗ ବିଷୟରେ ସମସ୍ତଙ୍କୁ କହିଥିଲେ ଏବଂ ୨୦୩୦ ସୁଧା ଆମ ବ୍ଲକ ତଥା ଜିଲ୍ଲା ମ୍ୟାଲେରିଆ ମୁକ୍ତ ହେବ ସେ ବିଷୟରେ କହିଥିଲେ। ସଭାରେ ବିଡିଓ, ତହସିଲଦାର, ବ୍ଲକ ଚେୟାରମେନ, କୋଷ୍ଠା ମେଡିକାଲର ଡାକ୍ତର, ବିପିଏମ, ଭିବିଡିଟିଏସ, ବାମ, ବିଡିଏମ, ଏମଓ, ଫାର୍ମାସିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ଗଣ ଉପସ୍ଥିତ ଥିଲେ।

# ୨.୫୦ଲକ୍ଷରୁ ଉର୍ଦ୍ଧ୍ୱଙ୍କୁ ନୂତନ ଆବାସ ବଣ୍ଟନ ପାଇଁ ସର୍ବେକ୍ଷଣ

**ବାରିପଦା, ୧୫ା୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ୨ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ପରିବାରଙ୍କୁ ନୂତନ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଯୋଡ଼ିବା ପାଇଁ ସର୍ବେକ୍ଷଣ କରାଯାଉଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଜିଲ୍ଲାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨୨୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ପାଇଁ ଗୃହ ମଞ୍ଜୁରୀ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୦, ୯୦୦ରୁ ଅଧିକ ପରିବାରଙ୍କୁ ଗୃହ ମଞ୍ଜୁରୀ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ପ୍ରତି ବ୍ଲକରେ ବିକାଶ ବାହାନ ଯାତ୍ରା ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମଞ୍ଜୁରୀ ପାଇଁ ଯୋଗ୍ୟ ହିତାଧିକାରୀଙ୍କ



**'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଜିଲ୍ଲାକୁ ମିଳିଛି ୯୧କୋଟି**

ପାଖରୁ ଆବେଦନପତ୍ର ଗ୍ରହଣ କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନାରେ ମୟୂରଭଞ୍ଜ ଜିଲ୍ଲାରେ ବିଗତ ଆର୍ଥିକ ବର୍ଷରେ ୪୫ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଗୃହ ନିର୍ମାଣ ସମ୍ପନ୍ନ ହୋଇଥିଲା। ସେହିପରି ପିଏମ-ଜନମନ ଯୋଜନାରେ ଜିଲ୍ଲାରେ ୫୦୦ରୁ ଉର୍ଦ୍ଧ୍ୱ ପରିବାର ଗୃହ ନିର୍ମାଣ କରି ବସବାସ କରୁଛନ୍ତି। ଜିଲ୍ଲାରେ ଗ୍ରାମୀଣ ଅଞ୍ଚଳ ଉନ୍ନତି, ଶ୍ରମ ମୂଲ୍ୟ ଓ ରୋଜଗାର ଦୃଢ଼ କରିବାରେ ମନରେଗା ଅଗ୍ରଣୀ ଭୂମିକା ନିଭାଇଛି। ଗତ ଏକବର୍ଷରେ ଏହି ଯୋଜନା ଜିଲ୍ଲାର ଲକ୍ଷାଧିକ ପରିବାର ପାଇଁ ରୋଜଗାରର ଅବସର, ନିଶ୍ଚିତ ଆୟ ଓ ଗ୍ରାମସ୍ତରରେ ସ୍ଥାୟୀ ସମ୍ପଦ ସୃଷ୍ଟି କରିଛି। ଉକ୍ତ ଯୋଜନାରେ ୬.୫୧ ଲକ୍ଷ ପରିବାରକୁ କାମ ଦିଆଯାଇଛି ଓ ୧.୦୩ କୋଟିରୁ ଅଧିକ ଶ୍ରମଦିବସ ସୃଷ୍ଟି ହୋଇଛି। କାମ ପାଇଁ ୨୬୮.୬୨ କୋଟି ଟଙ୍କା ପ୍ରଦତ୍ତ ମଜୁରି ଗ୍ରାମାଞ୍ଚଳର ଅନେକ ପରିବାର ପାଇଁ ଆୟର ସ୍ଥାୟୀ ସ୍ରୋତ ହୋଇଛି। ଏହାସହିତ, ୧, ୧୧, ୯୬୪ ଟି କାମ ସମ୍ପୂର୍ଣ୍ଣ ହୋଇଛି, ଯାହାଦ୍ୱାରା ସ୍ଥାୟୀ ସମ୍ପଦ ସୃଷ୍ଟି ହେବା ସହିତ ଗ୍ରାମୀଣ ଜୀବିକା, କୃଷି ଓ ପ୍ରାକୃତିକ ସମ୍ପଦ ବ୍ୟବସ୍ଥାପନରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ମିଳୁଛି। ସେହିପରି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ମୟୂରଭଞ୍ଜ ଜିଲ୍ଲାକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ୯୦କୋଟି ୭୩ଲକ୍ଷ ୯୮ ହଜାର ଟଙ୍କା ହସ୍ତଗତ ହୋଇଛି। ଯୋଜନାରେ ରାସ୍ତା, ସେତୁ, ନାଳପୋଲ ଇତ୍ୟାଦି ଉନ୍ନତିକରଣ କାର୍ଯ୍ୟ କରାଯିବ ପାଇଁ ସରକାରଙ୍କର ନିର୍ଦ୍ଦେଶ ରହିଛି ବୋଲି ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି।

### ପ୍ରାଣୀ ସମ୍ପଦ ବିକାଶରେ ଗୋକୁଳ ମିଶନ

# ଜିଲ୍ଲାରେ ୩ ହଜାର ଚାଷୀଙ୍କୁ ସ୍ୱାବଲମ୍ବୀ ଲକ୍ଷ୍ୟ



**ବାରିପଦା, ୧୫ା୬(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରାଣୀପାଳନ ବିଭାଗ ଆନୁକୂଲ୍ୟରେ ସରକାରଙ୍କ ପ୍ରଣୀତ ଯୋଜନାରେ ଚାଷୀମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ ଜିଲ୍ଲାରେ ୯୬୦ଜଣ ଚାଷୀଙ୍କୁ ୯୬୦ଟି ଉନ୍ନତଧରଣର ଦୁଧିଆଳି ଗାଇ ଯୋଗାଇ ଦିଆଯାଇଛି। ଆଗକୁ ୨୦୪୦ ଚାଷୀଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି; ଯାହାକି ଜିଲ୍ଲାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀମାନେ ଉପକୃତ ହୋଇପାରିବେ। ମୁଖ୍ୟମନ୍ତ୍ରୀ କାମଧେନୁ ଅଧୀନ ଗୋ-ବୀମା ଯୋଜାନରେ ଚଳିତ ବର୍ଷ ୧୩୩୭୭ ଗୋମହିଷାଦିଙ୍କ ବୀମା ୮୫ ପ୍ରତିଶତ ରିହାତି ଦରରେ ପ୍ରଦାନ କରାଯାଇଛି। ସେହିପରି ୨୦୨୪-୨୫ ବର୍ଷରେ ପ୍ରାଣୀପାଳନ ବିଭାଗ ଦ୍ୱାରା ରାଜ୍ୟ ଓ ଓମ୍ପାଡିସି ଯୋଜନା ମାଧ୍ୟମରେ ଜିଲ୍ଲାରେ ୭୧୦ଜଣ ଚାଷୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ କୁକୁଡା ପାଳନ ମାଧ୍ୟମରେ ଏହି ସଂଖ୍ୟାରେ ୫ଲକ୍ଷ ୧୯ହଜାର ୫ଶହ ବୃଦ୍ଧି କରାଯାଇଛି। ଏହା ଜିଲ୍ଲାର ମାଂସ ଉତ୍ପାଦନରେ ଚଳିତ ବର୍ଷ ୭୮୦ ମେଟ୍ରିକ ଟନ ବୃଦ୍ଧି ପାଇଛି। ଛେଳି ପାଳନ ନିମନ୍ତେ ୨୮୭ ଜଣ ଚାଷୀ ଓ ଏସଏସଜି ଗ୍ରୁପକୁ ୪୩୯୬ଟି ମାଇଛେଳି ଓ ବୋଦା ପ୍ରଦାନ କରି ମୋଟ ୪୦୫୦ମାଇଛେଳି ପ୍ରଜନନ ଦ୍ୱାରା ୬୭୫୦ ଶାବକ ଛେଳି ଉତ୍ପାଦନ ହୋଇପାରିଛି। ଏହିଛେଳି ମଧ୍ୟରୁ ଉପଯୁକ୍ତ ୩୨୫୦ ଅଣ୍ଡିରା ଛେଳିଠାରୁ ମାଂସ ପାଇଁ ୮ମାସ ପରେ ପ୍ରାୟ ୬୫ କ୍ୱିଣ୍ଟାଲ ମାଂସ ଉତ୍ପାଦନ କରାଯାଇପାରିଛି। ସେହିପରି ଜିଲ୍ଲାର ୪୦ଜଣ ଚାଷୀଙ୍କୁ ୩୬୦ଟି ମାଇ ଧଳା ଘୁଷୁରୀ ପାଳନ କରି ୭୦ ମେଟ୍ରିକ ଟନ ମାଂସ ରାଜ୍ୟ ବାହାରକୁ ପଠାଯାଇଛି। ଜିଲ୍ଲାର ୨୦୨୧ଜଣ ଗରିବ ଚାଷୀଙ୍କ ବାଡିଅଗଣାରେ କୁକୁଡା ଓ ବତକ ପାଳନ ପାଇଁ ୯୧୭୬୦ଟି କୁକୁଡା ଓ ବତକ ଯୋଗାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚଳିତ ବର୍ଷ ୧୬୦ଚାଷୀ ଗୋମହିଁଷାଦି ପାଳନ କରି ୧୪୯ଟି ଉନ୍ନତ ଧରଣର ଗୋମହିଁଷାଦି ରାଜ୍ୟ ବାହାରୁ ଆଣି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ମାଇ ବାଛୁରୀ ପାଳନ ଯୋଜନାରେ ୧୯୮୩ଜଣ ଚାଷୀଙ୍କର ୨ଶହ ମାଇ ବାଛୁରୀଙ୍କୁ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଇଦିଆଯାଉଛି। ଜିଲ୍ଲାରେ ଖରିଫ ଓ ରବି ଋତୁରେ ୫୦୩୯ ଚାଷୀଙ୍କୁ ମୋଟ ୭୮୨୮ ଘାସ ବିହନପୁଡ଼ିଆ ଯୋଗାଇଦେଇ ୧୯୫୭ ଏକର ଜମିରେ ଚାଷ କରାଯାଇ ୧୨୨ଟନ ସବୁଜ ଗୋଖାଦ୍ୟ ଅମଳ କରାଯାଇଛି। ଅପରପକ୍ଷରେ ଚଳିତବର୍ଷ ଜିଲ୍ଲାରେ ଗୋମହିଁଷାଦି, କୁକୁଡା, ଛେଳି, ଘୁଷୁରି ପାଳନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

### ପଞ୍ଚମ ବାର୍ଷିକ ମର୍ଣ୍ଣିଂ ଫୁଟ୍‌ବଲ୍ ଲିଗ୍

# ଆଖଣ୍ଡଳମଣୀ ଦଳ ଚାମ୍ପିଅନ



**ବାରିପଦା, ୧୫ା୬(ସମିସ):** ସ୍ଥାନୀୟ ଷ୍ଟେସନ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ମର୍ଣ୍ଣିଂ ଫୁଟବଲ ଲିଗ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଆଖଣ୍ଡଳମଣି ଦଳ ଓ ଲକ୍ଷ୍ମୀନଗର ଫୁଟବଲ କ୍ଲବ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଖଣ୍ଡଳମଣି ଦଳ ୧-୦ ଗୋଲରେ ଲକ୍ଷ୍ମୀନଗର ଦଳକୁ ପରାସ୍ତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଷ୍ଟେସନ ଆଥେଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଗିରିଶ୍ ଚନ୍ଦ୍ର ଦାସ, ପୂର୍ବତନ ଉପବାଚସ୍ପତି ତଥା ଷ୍ଟେସନ ଆଥେଲେଟିକ୍ ଆସୋସିଏସନର ସଭାପତି ସାନନ୍ଦ ମାରାଣ୍ଡି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ନଗଦ ୧୦ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୭ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିବା ବେଳେ ତୃତୀୟ ସ୍ଥାନରେ ଥିବା ଏବିସି ତାଡକିଶୋଲ ଦଳ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ଛଉପଡ଼ିଆ ଦଳକୁ ୨ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଲିଗ୍ ଟୁର୍ଣ୍ଣାମେଣ୍ଟଟି ୪ ତାରିଖରୁ ଆରମ୍ଭ ହୋଇ ରଜ ସଂକ୍ରାନ୍ତିରେ ସମାପ୍ତ ହୋଇଥିଲା। ମୋଟ ୧୦ଟି ଦଳ ଏହି ଲିଗରେ ଅଂଶଗ୍ରହଣ କରିଥିଲେ। ଷ୍ଟେସନ ଆଥେଲେଟିକ ଆସୋସିଏସନର ଫୁଟବଲ୍ ସମ୍ପାଦକ ରାମ ହାଁସଦାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ପରିଚାଳିତ କରିଥିଲେ।

### ଓଡ଼ିଶାର ନିଆରା ରଜପର୍ବ

# ୪୦ ବର୍ଷଧରି ଗାଁରେ ବସୁମାତାଙ୍କ ମୂର୍ତ୍ତିପୂଜା

**କପ୍ତିପଦା, ୧୫ା୬(ସମିସ)**

କପ୍ତିପଦା ବ୍ଲକ ବଡ଼ଖଲାଡ଼ି ପଞ୍ଚାୟତ ସାନଖଲାଡ଼ି ଦୁର୍ଗାପୁର ଗାଁରେ ରଜପର୍ବ ଓଡ଼ିଶାରେ ନିଆରା। ଓଡ଼ିଶାରେ ରଜପର୍ବ ହେଉଛି କୃଷିଭିତ୍ତିକ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଞ୍ଜନ ଆସର ଏବଂ ସର୍ବାଧିକ ଲୋକପ୍ରିୟ ଉତ୍କଳୀୟ ସଂସ୍କୃତିର ଆନନ୍ଦ ଉଲ୍ଲାସ ଅବସର। ଆଜକୁ ପ୍ରାୟ ୪୦ ବର୍ଷ ପୂର୍ବରୁ ପଶ୍ଚିମବଙ୍ଗର ଜଣେ ମୂର୍ତ୍ତୀଶିଳ୍ପୀ ଦୁର୍ଗାପୁର ଗାଁରେ ବସୁମାତାଙ୍କ ମୂର୍ତ୍ତିପୂଜାର ପରମ୍ପରା ସୃଷ୍ଟି କରିଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ମାର୍ଣ୍ଡି ମୁଖ୍ୟ ପୁରୋଧା ଭାବେ ଏହାର ଦାୟିତ୍ୱ ନେଇଥିଲେ। ପରେ ଗ୍ରାମବାସୀ ଏହି ପରମ୍ପରାକୁ ବଜାୟ ରଖିଛନ୍ତି ଏବଂ ଏହା ଚାରିଦିନ ପାଳନ ହୋଇଥାଏ। ରଜ ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂମିଦାହ ବା ଭୂମିଦହନ ଏବଂ ଚତୁର୍ଥ ଦିନକୁ ବସୁମତୀ ସ୍ନାନ ଭାବରେ ପାଳନ କରାଯାଏ।



ଏହି ୪ଦିନରେ ବସୁମତୀ ମା' ରଜସ୍ୱଳା ବା ରଜବତୀ ହୋଇଥାନ୍ତି। ୪ଦିନ ଗ୍ରାମ ଓ ପାଖଆଖ ଗ୍ରାମର ଲୋକମାନେ କୃଷି କାର୍ଯ୍ୟ, ଆମିଷ ଭକ୍ଷଣ ବନ୍ଦ ରଖନ୍ତି। ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଯଜ୍ଞ, ହୋମ, ଭଜନ କୀର୍ତ୍ତନରେ ମାତି ରହିଥାନ୍ତି। ଏହି ସମୟରେ ଗାଁରେ ଝିଅ, ଝିଆଣି, ବନ୍ଧୁବାନ୍ଧବଙ୍କ ଭିଡ଼ ଜମେ। ପୂର୍ବକାଳରେ ବସୁମତୀ ମା'ଙ୍କୁ ସ୍ପର୍ଶ (କର୍ଷଣ) କରିବା ବାରଣ କରାଯାଇଥାଏ। ପୂର୍ବରୁ ଏହି ରଜ ତିନିଦିନ ବ୍ୟାପୀ ଲୋକମାନେ ଖାଲିପାଦରେ ଭୂମିକୁ ସ୍ପର୍ଶ କରୁନଥିଲେ। ଜରୁରି ଆବଶ୍ୟକତା ସ୍ଥଳେ ପାଦରେ ଗୁଆ ବା କଦଳୀ ଖୋଳପା ଲଗାଇ ଚାଲୁଥିଲେ। ଚତୁର୍ଥ ଦିନରେ ବସୁମତୀ ସ୍ନାନ ପୂଜା ଅନୁଷ୍ଠିତ ହୋଇଥାଏ। ଋତୁମତୀ ନାରୀ ଚତୁର୍ଥଦିନ ସ୍ନାନସାରି ଶୁଦ୍ଧ ହେବାପରି ବସୁମତୀ ମଧ୍ୟ ତିନିଦିନ ପର୍ଯ୍ୟନ୍ତ ଋତୁସ୍ରାବ ଜନିତ ଅଶୁଦ୍ଧ ଅବସ୍ଥାରେ ରହି ଚତୁର୍ଥ ଦିନ ସ୍ନାନ କର୍ମ ଦ୍ୱାରା ଶୁଦ୍ଧ ହୁଅନ୍ତି। ଏହାକୁ ବସୁମତୀ ସ୍ନାନ କୁହାଯାଏ।। ଯାହାକି ରଜପର୍ବର ଅନ୍ତକୁ ସୂଚିତ କରେ ଏବଂ ଏହାକୁ ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ ବା ମହାଲକ୍ଷ୍ମୀଙ୍କ ଗାଧୁଆ ଓ ଶୁଦ୍ଧସ୍ନାନ ରୂପେ ପ୍ରଖ୍ୟାତ। ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜ୍ଜ୍ୱଳ ଦେଇ ଧରଣୀ ମାତାଙ୍କ ସ୍ୱରୂପକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ, ଆମ୍ବଡ଼ାଳ ରଖି କ୍ଷୀରଦେଇ ସ୍ନାନ କରାଯାଏ। ଏଥିରେ ଗ୍ରାମର ଠାକୁରାଣୀ ବା ଗୃହର ଠାକୁରାଣୀଙ୍କୁ ସ୍ନାନ କରାଯାଏ। କର୍ମକାଣ୍ଡ ବିତ ବ୍ରାହ୍ମଣ ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଶୈଳବାଳା ନାୟକ ଓ ସରୋଜିନୀ ସାହୁ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅମ୍ବିକାସାହି 'ରଜ ମଉଜ'ର ୨ୟ ସନ୍ଧ୍ୟା



**ବାରିପଦା, ୧୫ା୬(ସମିସ):** ସ୍ଥାନୀୟ ଅମ୍ବିକାସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ୧୩ତମ 'ରଜ ମଉଜ' ଉତ୍ସବର ରବିବାର ଥିଲା ୨ୟ ସନ୍ଧ୍ୟା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଓଡ଼ିଆ ସିନେ ଜଗତର ମହାନାୟକ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ମନେ ପକେଇ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ବିଭିନ୍ନ ବର୍ଗର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବୁରାଡିଆଁ, ରଜ କୁଇନର ୨ୟ ରାଉଣ୍ଡ ଏବଂ ମା'ମାନଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶତାଧିକ ପ୍ରତିଯୋଗୀ ସମେତ ସେମାନଙ୍କର ପିତା ମାତା ମଧ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବେଶ ଉପଭୋଗ କରିଥିଲେ ଓ ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଆକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିନେ ଅଭିନେତା ଅସିତ ପତି କୁନିକୁନି ପିଲାଙ୍କର ପ୍ରତିଭାର ବିକାଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ବେଶ ପ୍ରଶଂସା କରିଥିଲେ। ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଭିନେତା ଓ ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ଅଭିନେତା ତାପସ ପାଢ଼ୀ ତଥା ଡଃ କୁକୁମିନା ଦାସ, ସିଲୁ ରୂପ ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ। କମିଟି ତରଫରୁ ଅଭିନେତା ଅନୁପ ସାହାଙ୍କୁ ଉତ୍ତମ ମହାନ୍ତି ସ୍ମୃତି ସମ୍ମାନ, ଅଭିନେତା ଓ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁଙ୍କୁ ଗଡ଼ି ଦା ସ୍ମୃତି ସମ୍ମାନ, ତଥା ପ୍ରଯୋଜକ ଉମେଶ ପଟ୍ଟନାୟକ, ଅଭିନେତ୍ରୀ ରାନୁ ପାଢ଼ୀ, ନୃତ୍ୟରାଣୀ ରିଚା ବାରିକ, ନୃତ୍ୟ ନିର୍ଦ୍ଦେଶକ ଅହିଦ ଖାନ ଓ ନବାଗତା ଅଭିନେତ୍ରୀ ନିକିତା ମହାନ୍ତିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆୟୋଜକ ତଥା ନିର୍ଦ୍ଦେଶକ ଲିଟନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସପ୍ରାପ୍ତ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


# ଘରେଘରେ ରଜଦୋଳି, ପାନ ଓ ପିଠାର ସମ୍ଭାର

**ବାରିପଦା, ୧୫ା୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ରଜପର୍ବକୁ ସବୁଠି ଧୁମଧାମରେ ଲୋକେ ପାଳନ କରୁଛନ୍ତି। ରଜ ଏବଂ ଦୁଇଦିନିଆ ଛୁଟିଥିବା ବେଳେ ବାହାରେ ଥିବା ଚାକିରିଆମାନେ ଘରକୁ ଫେରିଛନ୍ତି। ବନ୍ଧୁବର୍ଗ ଓ ସମ୍ପର୍କୀୟମାନେ ଆସୁଥିବା ବେଳେ ଘରେ ପୋଡ଼ପିଠା ସମେତ ଅନ୍ୟାନ୍ୟ ପିଠାପଣା ପ୍ରସ୍ତୁତି ପହିଲିରଜରୁ ଆରମ୍ଭ ହୋଇଯାଇଛି। ସେହିପରି ଘରେ ଘରେ ଓ ଗାଁମୁଣ୍ଡରେ ଦୋଳି ଖେଳିବାକୁ କୁମାରୀଙ୍କ ସହିତ ପିଲାମାନେ ଭିଡ଼ ଲଗାଇଛନ୍ତି। ରଜପାନ ସାଙ୍ଗକୁ, ତାସଖେଳ, ବାଗୁଡି ଖେଳ ସବୁଆଡ଼େ ଚାଲିଛି। ଏଥର ରବିବାର ଆମିଷ ବାରରେ ରଜ ସଂକ୍ରାନ୍ତି ପଡ଼ିଥିବା

**ଆମିଷ ମାର୍କେଟ୍‌ରେ ପ୍ରବଳ ଭିଡ଼**

ବେଳେ ଲୋକେ ଆମିଷ ଖାଇବାକୁ ଦୋକାନରେ ଭିଡ଼ ପରିଲକ୍ଷିତ ହେଉଛି। ଆମିଷ ବ୍ୟବସାୟୀମାନେ ଭଲ ବେପାର ହେବାର ଆଶାରେ ରହିଛନ୍ତି। ତେବେ ଏହାକୁ ନେଇ ଆମିଷ ବଜାରରେ ଦରଦାମ ମଧ୍ୟ କିଛି ମାତ୍ରାରେ ବୃଦ୍ଧି ପାଇଛି। ବାରିପଦା ସହରର କଚେରୀ ପରିବା ମାର୍କେଟ, ପୁଲିସ ଲାଇନ, ପୋଡ଼ା ଅସ୍ତିଆ, ଷ୍ଟେସନ ବଜାର ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଥିବା ଆମିଷ ଦୋକାନରେ ସକାଳୁ ସକାଳୁ ଲୋକଙ୍କ ପ୍ରବଳ ଗହଳି ରହିଥିଲା। ସମସ୍ତେ ମିଶି ପରିବାର ସଦସ୍ୟ ରଜରେ ଆମିଷ ଖାଇବାକୁ ନେଇ ଦୋକାନରେ ଭିଡ଼ ଲାଗିଥିବା ବେଳେ ଘଣ୍ଟା ଘଣ୍ଟା ଧରି ଲୋକେ ଅପେକ୍ଷା କରି ରହିଥିଲେ। ଆମିଷ ବଜାରରେ କିଲୋ ପ୍ରତି ବ୍ରୟଲର ଚିକେନ ୨୫୦ଟଙ୍କା, ଦେଶୀ ଚିକେନ ୪୫୦ରୁ ୫୦୦ଟଙ୍କା, ମଟନ ୭୫୦ରୁ ୮୦୦ଟଙ୍କା, ଚିଙ୍ଗୁଡ଼ି ୫୦୦ଟଙ୍କା, ମାଛ ୨୦୦ରୁ ୨୫୦ଟଙ୍କା ରହିଛି। ରଜକୁ ନେଇ ଘରେ ଘରେ ଦୋଳି ସହ ପାନ ଏବଂ ବିଭିନ୍ନ ପ୍ରକାର ପିଠାର ସମ୍ଭାର ଦେଖିବାକୁ ମିଳିଛି।

# ସମ୍ପାଦକୀୟ



ବାସ୍ତବରେ ସବୁ କଥାର ଦୁଇଟି ଦିଗ ଥାଏ - ବିଜ୍ଞାନ ଓ ମତାମତ, ପ୍ରଥମଟି ସୃଷ୍ଟି କରେ ଜ୍ଞାନ ଓ ଦ୍ୱିତୀୟଟି ଅଜ୍ଞାନ।
-ହିପୋକ୍ରାଟ୍ସ୍

ସକାଳ THE SAKALA

## ମଧ୍ୟପ୍ରାଚ୍ୟରେ ଯୁଦ୍ଧଧ୍ୱନି

ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ହମାସ୍‌କୁ ମୂଳପୋଛ କରିବା ଲକ୍ଷ୍ୟରେ ଇସ୍ରାଏଲ୍ ଆରମ୍ଭ କରିଥିବା ନିର୍ଣ୍ଣାୟକ ଯୁଦ୍ଧର ମୀମାଂସା ଏ ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ଇରାନ୍ ଉପରେ ଆକ୍ରମଣ କରିଛି ଏବଂ ଇରାନ୍ ପାଲଟା ଜବାବ୍ ଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନ୍‌ର ଆଣବିକ କେନ୍ଦ୍ର ଓ ସେନା ଶିବିରମାନଙ୍କ ଉପରେ ବାଛିବାଛି ଇସ୍ରାଏଲ୍ ଆକ୍ରମଣ କରିଛି ଏବଂ ଇରାନ୍‌କୁ ସମ୍ପୂର୍ଣ୍ଣ ଆଣବିକଶକ୍ତି ବିହୀନ କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଇସ୍ରାଏଲ୍‌ର ଆକ୍ରମଣ ଆହୁରି ଭୟଙ୍କର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଆହୁରି ଭୟଙ୍କର ହୋଇପାରେ। ଏବେ କେବଳ ସାମରିକ କେନ୍ଦ୍ର ଉପରେ କେନ୍ଦ୍ରିତ ଥିବା ଆକ୍ରମଣ-ପ୍ରତିଆକ୍ରମଣ ପରବର୍ତ୍ତି ସମୟରେ ବେସାମରିକ କ୍ଷେତ୍ରକୁ ବ୍ୟାପୀ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଇରାନ୍ ଉପରେ ଇସ୍ରାଏଲ୍‌ର ଏହି ଆକ୍ରମଣ ଅପ୍ରତ୍ୟାଶିତ ହୋଇଥିଲେ ହେଁ ଅସ୍ୱାଭାବିକ ନୁହେଁ। ଏକଦା ବନ୍ଧୁ ଥିବା ଏହି ଦୁଇରାଷ୍ଟ୍ର ମଧ୍ୟରେ ଗତ ପ୍ରାୟ ଦୁଇବର୍ଷ ଧରି ଉତ୍ତେଜନା ଏବଂ ଆକ୍ରମଣ-ପ୍ରତିଆକ୍ରମଣ ଲାଗି ରହିଛି। ତେବେ ତାହା ସାମୟିକ ପ୍ରଶମିତ ହୋଇସାରିଥିବା ବେଳେ ଇସ୍ରାଏଲ୍‌ର ହଠାତ୍ 'ଅପରେସନ୍ ରାଇଜିଂ ଲାୟନ(ଇରାନ୍ ଆକ୍ରମଣ)' ପଛରେ ରହିଛି ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା ପରିଚାଳନା ମଣ୍ଡଳିର ସଦ୍ୟ ଅନୁଷ୍ଠିତ ବୈଠକ। ଇରାନ୍ ବିପଜ୍ଜନକ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ଅଭିଯୋଗ ଉପରେ ଆଲୋଚନା ପାଇଁ ଏହି ବୈଠକ ଆହୂତ ହୋଇଥିଲା। ୩୫ ସଦସ୍ୟ ବିଶିଷ୍ଟ ଏହି ସଂସ୍ଥାର ପରିଚାଳନା ମଣ୍ଡଳି ବୈଠକରେ ୧୯ ଜଣ ସଦସ୍ୟ ଇରାନ୍ ଉପରେ କଟକଣା ଜାରି କରିବା ପାଇଁ ଆଗତ ସଂକଳ୍ପ ସପକ୍ଷରେ ମତ ଦେଇଥିବା ବେଳେ ୩ ଜଣ ବିରୋଧ କରିଥିଲେ। ବିଗତ ଦୁଇଦଶନ୍ଧି ମଧ୍ୟରେ ଇରାନ୍ ବିରୋଧରେ ଏଭଳି ସଂକଳ୍ପ ପ୍ରଥମ ବୋଲି କୁହାଯାଉଛି। ଉଲ୍ଲେଖନୀୟ, କେବଳ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋ ଏହି ସଂକଳ୍ପକୁ ବିରୋଧ କରିଥିବା ବେଳେ ଆଲଜେରିଆ, ବାଂଲାଦେଶ, ଇଣ୍ଡୋନେସିଆ, କାତ୍ତାର, ସାଉଦି ଆରବ, ତୁର୍କି ଆଦି ଇସ୍‌ଲାମିକ୍ ଦେଶଗୁଡ଼ିକ ସଂକଳ୍ପକୁ ବିରୋଧ କରି ନଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଏକ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚନା ପରିସରକୁ ସ୍ୱାଭାବିକ ଭାବେ ଆସୁଛି। ଯଦି ଇସ୍ରାଏଲ୍‌ର 'ଅପରେସନ୍ ରାଇଜିଂ ଲାୟନ୍' ପଛରେ ଇରାନ୍ ବିରୋଧରେ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥାର କଟକଣା ସଂକଳ୍ପ ହିଁ ଏକମାତ୍ର କାରଣ ହୁଏ ତେବେ ପ୍ରଶ୍ନ ଉଠୁଛି ଇସ୍ରାଏଲ୍‌କୁ ସେ ଅଧିକାର କିଏ ଦେଲା? ଏବଂ କାହାର ଇଙ୍ଗିତ ଓ ବଳରେ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପ୍ରତିନିଧିତ୍ୱ କରିବାକୁ ଇସ୍ରାଏଲ୍ ଆଗଭର ହୋଇଗଲା? ଉଭୟ ଇସ୍ରାଏଲ୍ ଓ ଇରାନ୍ ଗୁପ୍ତରେ ଆଣବିକ ଶକ୍ତିର ଅଧିକାରୀ ହୋଇଥିବା ବିଷୟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ଅଗୋଚର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପରିଚାଳନା ମଣ୍ଡଳି ବୈଠକ ବସିବା, ଇରାନ୍ ବିରୋଧରେ ଐତିହାସିକ ସଂକଳ୍ପ ପାରିତ ହେବା ଏବଂ ଇସ୍ରାଏଲ୍ ବଡ଼ଭାଇ ପଣିଆ ଦେଖାଇ ଇରାନ୍‌ର ଆଣବିକ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିବା ଆଦୌ କାକତାଳିକ ନୁହେଁ। ତେଣୁ ଏହି ସମଗ୍ର ଘଟଣା ପଛରେ ଆମେରିକାର ଭୂମିକା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ।

ମଧ୍ୟପ୍ରାଚ୍ୟରେ ବହୁଦଶନ୍ଧି ଧରି କୁହୁଳି ଆସୁଥିବା ଧୂଆଁ ମଝିରେ ମଝିରେ ବାହ୍ୟଶକ୍ତିର ପ୍ରଭାବରେ ଅଗ୍ନିସ୍ଫୁଲିଙ୍ଗର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି। କେତେବେଳେ ଇରାନ୍ ସମର୍ଥିତ ଓ ସହାୟତା ପ୍ରାପ୍ତ ପାଲେଷ୍ଟାଇନ୍‌ର ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି; ପୁଣି କେତେବେଳେ ସିରିଆରେ ଗୃହଯୁଦ୍ଧ ପଛରେ ଇସ୍ରାଏଲ୍‌ର ବନ୍ଧୁ ଆମେରିକାର ହାତ ରହିଥିବା ଅଭିଯୋଗ ହୋଇଛି। ଏବେ ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣ ପଛର ଯଥାର୍ଥତା କେତେ ତାହା ଏକ ଭିନ୍ନ ପ୍ରଶ୍ନ। କିନ୍ତୁ ଏହା ଅନସ୍ୱୀକାର୍ଯ୍ୟ ଯେ ପରିବର୍ତ୍ତିତ ପରିସ୍ଥିତିରେ ଆମେରିକାର ଦୃଷ୍ଟିକଟୁ ତାଲିକାରେ ଇରାକ୍‌ର ସ୍ଥାନରେ ଏବେ ଇରାନ୍‌କୁ ଅବସ୍ଥାପିତ କରାଯାଇଛି ଏବଂ ଏଥିପାଇଁ ଇସ୍ରାଏଲ୍‌କୁ ବ୍ୟବହାର କରାଯାଇଛି। ଏବେ ଇରାନ୍ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ଏକଦା ଇରାକ୍ ବିରୋଧରେ ମଧ୍ୟ ଆମେରିକା ଆଣିଥିଲା। ଇରାକ୍‌କୁ ଧ୍ୱସ୍ତବିଧ୍ୱସ୍ତ କରି ସଦ୍ଦାମ ହୁସେନ୍‌ଙ୍କ କବଳରୁ ମୁକ୍ତି ଦେବାରେ ଆମେରିକା ସଫଳ ହେଲା ସତ, କିନ୍ତୁ ସଦ୍ଦାମ୍ ଗୋପନୀୟ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ପ୍ରମାଣ କରିପାରିଲା ନାହିଁ। ଆମେରିକାର ଏହି ଉଦ୍ଦେଶ୍ୟ ପଛରେ ଯେ ମଧ୍ୟପ୍ରାଚ୍ୟର ବିଶାଳ ତୈଳ ଖଣି ଉପରେ କବ୍‌ଜା ଲକ୍ଷ୍ୟ ଥିଲା, ତାହାର ପ୍ରମାଣ କିନ୍ତୁ ବିଶ୍ୱବାସୀ ପାଇଗଲେ। ଏବେ ଆମେରିକାର ଆଖି ପୁଣି ଇରାନ୍‌ର ତୈଳ ଭଣ୍ଡାର ଉପରେ ପଡ଼ିନାହିଁ ଏବଂ ଇରାକ୍‌ର ଦଶା ଇରାନ୍ ଭୋଗିବ ନାହିଁ ବୋଲି ନିଶ୍ଚିତ କରିହେଉନାହିଁ।

ଯୁଦ୍ଧ ଘନଘଟା ସତ୍ତ୍ୱେ ମଧ୍ୟପ୍ରାଚ୍ୟ ପାଇଁ ଏକ ଆଶ୍ୱସ୍ତିର ବିଷୟ ଯେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିଲେ ମଧ୍ୟ ତେଜସ୍କ୍ରିୟ ବିକିରଣ ଆଶଙ୍କା କମ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଯୁଦ୍ଧର ଘନଘଟା ଲାଗି ରହିଲେ ସମଗ୍ର ପଶ୍ଚିମଏସିଆ ସମେତ ଭାରତ ମଧ୍ୟ ପ୍ରଭାବିତ ହେବ। କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିକୋଣରୁ ଇରାନ୍ ସହିତ ଭାରତର ସମ୍ପର୍କ ଭଲ। ଚବାହାର ବନ୍ଦର ପ୍ରତିଷ୍ଠା କରି ଭାରତ ଇରାନ୍ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଦୃଢ଼ କରିଛି। ଆମେରିକାର ଇରାନ୍ ବିରୋଧୀ କଟକଣା ପୂର୍ବରୁ ଭାରତର ସର୍ବବୃହତ୍ ଅଶୋଧିତ ତୈଳ ରପ୍ତାନୀକାରୀ ଥିଲା ଇରାନ୍। ଅପରପକ୍ଷରେ ଆତଙ୍କବାଦ ବିରୋଧରେ ଇସ୍ରାଏଲ୍ କାର୍ଯ୍ୟାନୁଷ୍ଠାନକୁ ଭାରତ ସମର୍ଥନ ଦେଇ ଆସୁଛି ଏବଂ ପ୍ରତିରକ୍ଷା ଉପକରଣ, ସାମରିକ-ବୈଷୟିକ ଜ୍ଞାନକୌଶଳ ହାସଲ କରିବା ପାଇଁ ଦୁଇ ରାଷ୍ଟ୍ର ଚୁକ୍ତିବଦ୍ଧ। ତେଣୁ ଏଭଳି ପରିସ୍ଥିତିରେ ଭାରତ ନିର୍ଦ୍ଦିଷ୍ଟ ଭାବେ କୌଣସି ପକ୍ଷ ନେଇପାରିବ ନାହିଁ।

ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ଏବେ ମଧ୍ୟ ଭାରତର ମୋଟ ତୈଳ ଆମଦାନୀର ୮୦% ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ। ଉଭୟ ଦେଶ କେହି କାହାର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ କରିବେ ନାହିଁ ବୋଲି ଘୋଷଣା କରିଥିଲେ ମଧ୍ୟ ବିଶ୍ୱ ତୈଳ ଓ ଏଲ୍‌ଏନ୍‌ଜି ରପ୍ତାନୀ ପାଇଁ ବ୍ୟବହୃତ ପ୍ରମୁଖ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଲାଇନ୍'କୁ ଯଦି ଇରାନ୍ ବନ୍ଦ କରିଦିଏ, ତେବେ ଭାରତର ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଅର୍ଥନୈତିକ ସଙ୍କଟ ବଢ଼ିବ। ପଣ୍ୟବାହୀ ଜାହାଜଗୁଡ଼ିକ ମଧ୍ୟ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍ ରୁଟ୍' ଦେଇ ଯିବାକୁ ପଡ଼ିବ, ଯାହା ବାଣିଜ୍ୟ ଖର୍ଚ୍ଚ ଓ ଅବଧିକୁ ବହୁଗୁଣା ବୃଦ୍ଧି କରିବ। ତେଣୁ ଯେତେଶୀଘ୍ର ମଧ୍ୟପ୍ରାଚ୍ୟରେ ଶାନ୍ତି ବାହାଲ ହେବ ତାହା ଭାରତ, ମଧ୍ୟପ୍ରାଚ୍ୟ ସମେତ ପଶ୍ଚିମ ଏସିଆ ପାଇଁ ମଙ୍ଗଳକର ହେବ।

## ଡିଜିପିନ: ଆଶୀର୍ବାଦ ନା ଆପଦ?

ବୃହସ୍ପତି ସାମଲ

ଭାରତ ସରକାର ୨୭ ମେ ୨୦୨୫ରେ ଏକ ଦଶ-ଅକ୍ଷର ବିଶିଷ୍ଟ ଅଲଫାନ୍ୟୁମରିକ କୋଡ୍ ଭାବରେ ଡିଜାଇନ ହେଇଥିବା ଡିଜିପିନ (ଡିଜିଟାଲ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର) ନାମରେ ଏକ ନୂଆ ଡିଜିଟାଲ ପ୍ରୟାସର ଉନ୍ମୋଚନ କରିଛନ୍ତି, ଯାହା ଦେଶର ପ୍ରତ୍ୟେକ ୪ଗୁଣା୪ ମିଟର ଅଞ୍ଚଳକୁ ଦ୍ରାଘିମା ଓ ଅକ୍ଷାଂଶ ଭିତ୍ତିରେ ସଠିକ୍ ଭାବେ ଚିହ୍ନଟ କରିବା ପାଇଁ ବ୍ୟବହାର କରାଯାଇପାରିବ। ଭାରତୀୟ ଡାକ ବିଭାଗ, ଆଇଆଇଟି ହାଇଦ୍ରାବାଦ ଓ ଇସ୍ରୋ ଅନ୍ତର୍ଗତ ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ରଙ୍କ ସହଯୋଗରେ ବିକଶିତ ଏହି ଡିଜିପିନକୁ ଭାରତର ଡିଜିଟାଲ ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହାକୁ ଏକ ଗୋପନୀୟତାକେନ୍ଦ୍ରିକ ଓ ଜିଓକୋଡିଂ ଭିତ୍ତିକ ପଦ୍ଧତି ଭାବରେ ଉପସ୍ଥାପନ କରାଯାଇଛି, ଯାହା ଭାରତୀୟ ଡାକ ବିଭାଗ ଦ୍ୱାରା ୧୯୭୨ରୁ ପ୍ରଚଳିତ ହୋଇ ଆସୁଥିବା 'ପିନ୍‌କୋଡ୍' ବ୍ୟବସ୍ଥାକୁ ଏକ ଆଧୁନିକତାର ସ୍ପର୍ଶ ଦେବ। ଡିଜିପିନର ଏହି ସଠିକ ଭୌଗୋଳିକ ଟ୍ୟାଗିଂ ଦ୍ୱାରା ଲଜିଷ୍ଟିକ୍ସ, ଆପାତକାଳୀନ ସେବା, ଗ୍ରାମୀଣ ସେବା ପ୍ରଦାନ ଓ ଡିଜିଟାଲ ଶାସନ ପ୍ରଣାଳୀରେ ଲାଭ ମିଳିବ ବୋଲି କୁହାଯାଉଛି। ଅରଣ୍ୟ, ନଦୀ କୂଳ, ପାହାଡ଼ ଅଞ୍ଚଳ ଭଳି ସଠିକ୍ ଠିକଣା ନଥିବା ସ୍ଥାନଗୁଡ଼ିକୁ ଡିଜିପିନ୍ ଦ୍ୱାରା ଏବେ ଡିଜିଟାଲ ଉପାୟରେ ଚିହ୍ନଟ କରାଯାଇପାରିବ।

ଏକ ଡିଜିପିନ୍ ତିଆରି ପାଇଁ ବ୍ୟବହାରକାରୀଙ୍କୁ ନିଜର ରିଅଲ୍-ଟାଇମ୍ ଅବସ୍ଥାନ ତଥ୍ୟକୁ ଆକ୍ସେସ୍ କରିବା ଅନୁମତି ଦେବାକୁ ପଡ଼ିଥାଏ। ଯଦିଓ ଭାରତୀୟ ଡାକ ବିଭାଗ ଦାବି କରୁଛି ଯେ ଏହି ତଥ୍ୟ ସଂରକ୍ଷିତ ବା ରେକର୍ଡ ହେବ ନାହିଁ ଏବଂ କେବଳ କୋଡ୍ ସୃଷ୍ଟି ପାଇଁ ବ୍ୟବହୃତ ହେବ, ତଥାପି ଏହି ତଥ୍ୟ ଆକ୍ସେସ୍ କରିବା ଅଭିକ୍ରିୟା ଏକ ଭବିଷ୍ୟତ ତଥ୍ୟଚ୍ୟୁତିର ଦ୍ୱାର ଖୋଲିଦେଇପାରେ। ଏହି ନୂତନ ପଦକ୍ଷେପକୁ ଏକ ଡିଜିଟାଲ ଉନ୍ନତି ନାମରେ ପ୍ରଚାର କରାଯାଉଥିଲେ ମଧ୍ୟ ଦେଶରେ ଇଣ୍ଟରନେଟ ଆଧାରିତ ସାଇବର ଅପରାଧ ବୃଦ୍ଧି ପାଉଥିବା ବେଳେ ଏହା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା, ନିରୀକ୍ଷଣ ଓ ଦୁରୁପଯୋଗ ବିଷୟରେ ଚିନ୍ତା ବୃଦ୍ଧି କରିଛି।

ଭାରତର ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁସାରେ, ୨୦୨୩ ମସିହାରେ ଭାରତରେ ୧.୫୫ ଲକ୍ଷରୁ ଅଧିକ ସାଇବର ଅପରାଧ ଘଟିଛି, ଯାହା ୨୦୨୦ର ୫୦, ୦୩୫ ଘଟଣାଠାରୁ ବହୁଗୁଣା ବେଶି। ସେଥିମଧ୍ୟରୁ ଅନେକଟି ଅର୍ଥ ଠକେଇ, ଫିସିଂ, ପରିଚୟ ଚୋରି ଓ ସିମ୍ କ୍ଲୋନିଂ ସହିତ ସଂପୃକ୍ତ, ଯେଉଁଥିରେ ଆଧାର, ମୋବାଇଲ ନମ୍ବର, ବ୍ୟାଙ୍କ ଖାତା ଓ ସରକାରୀ ଯୋଜନା ସହିତ ଜଡ଼ିତ ବ୍ୟକ୍ତିଗତ ତଥ୍ୟ ଦୁରୁପଯୋଗ ମୁଖ୍ୟ ଭୂମିକା ନେଇଥିଲା। ଆଧାର, ପ୍ୟାନ୍, ଫୋନ୍ ଓ ଅର୍ଥ ବିବରଣୀକୁ ବାଧ୍ୟତାମୂଳକ ଭାବେ ଯୋଡ଼ିବା ଦ୍ୱାରା ପ୍ରତ୍ୟେକ ଭାରତୀୟ ଏବେ ଏକ ଡିଜିଟାଲ ତଥ୍ୟ କ୍ଷେତ୍ରରେ ପରିଣତ ହୋଇଥିବା ଯୋଗୁଁ ବ୍ୟକ୍ତିଗତ ପ୍ରଦତ୍ତ ତଥ୍ୟର ଦୁରୁପଯୋଗ ହେବାର ଆଶଙ୍କା ଯଥେଷ୍ଟ ବଢ଼ି ଯାଇଛି। ଏପରି ପରିବେଶରେ, ବ୍ୟକ୍ତିଙ୍କ ନିଜସ୍ୱ ଅବସ୍ଥାନକୁ ସଠିକ ଭାବରେ ଚିହ୍ନଟ କରି ଡିଜିପିନ୍ ଲୋକମାନଙ୍କୁ ଏକ ନୂଆ ସ୍ତରର ବିପଦ ଭିତରକୁ ଟାଣି ନେବାକୁ ଉଦ୍ୟମରତ ବୋଲି ଅଭିଯୋଗ ହେଉଛି।

ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ମତରେ ସାଧାରଣ ଠିକଣା ତୁଳନାରେ ଡିଜିପିନ ବ୍ୟକ୍ତିଗତ ଗୋପନୀୟତାକୁ ପ୍ରାୟ ଶୂନ୍ୟ କରିଦେଇଥାଏ। ଯଦି ଏହା ଭୋଟର ତାଲିକା, ସ୍ୱାସ୍ଥ୍ୟ କାର୍ଡ, ଟେଲିକମ୍ ତଥ୍ୟ ଓ ଆଧାର ଲିଙ୍କ କ୍ଷେତ୍ର ଭଳି ଅନ୍ୟ ତଥ୍ୟ ସହ ଯୋଡ଼ି ଦିଆଯାଏ, ତେବେ ଏହା ଏକ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ଭାବେ ଖୋଜି ବାହାର କରିବାର ଏକ ମଜବୁତ ହତିଆର ହୋଇପାରେ। ଯେଉଁ ପ୍ରତିରକ୍ଷା ସ୍ତର ଦିନେ ନାଗରିକଙ୍କୁ ଟ୍ରାକିଂରୁ ବଞ୍ଚାଉଥିଲା, ବର୍ତ୍ତମାନ ସେହି ସୁରକ୍ଷା ଭାଙ୍ଗିଯିବ, ଯାହା ଫଳରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ସହ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ (ଲୋକେସନ୍ ଟ୍ରେସିଂ) ପାଇଁ ଅତ୍ୟାଧୁନିକ ଡିଜିଟାଲ କୌଶଳ ଅବଲମ୍ବନ କରୁଥିବା ସାଇବର ଅପରାଧୀମାନେ ଡିଜିପିନକୁ ଏକ ଆପରାଧିକ ଅସ୍ତ୍ର ଭାବରେ ବ୍ୟବହାର କରିପାରିବେ। ଅଧିକନ୍ତୁ, ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ୍ ୨୦୨୩ର ଦୁର୍ବଳ ଓ ଅସ୍ପଷ୍ଟ ଧାରା ଏହି ସମସ୍ୟାକୁ ଆଉ ଗମ୍ଭୀର କରୁଛି।

ଏହି ପରିପ୍ରେକ୍ଷୀରେ ଆଉ ଏକ ଗଭୀର ଚିନ୍ତା ହେଉଛି ଡିଜିଟାଲ ବ୍ୟବସ୍ଥାର ବାଧ୍ୟବାଧକତାରୁ ସୃଷ୍ଟି ସାମାଜିକ ଅନିଚ୍ଛା। ବିଗତ ଦଶବର୍ଷ ଧରି ବିଶେଷତଃ ବୃଦ୍ଧ, ଗ୍ରାମୀଣ ଜନତା ଓ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ନାଗରିକମାନେ ନିରନ୍ତର ଡିଜିଟାଲ୍ ଉପକରଣ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ସମୟରେ ଆଧାର କାର୍ଡ ପ୍ରସ୍ତୁତିରେ ବିଳମ୍ବ, ବାୟୋମେଟ୍ରିକ୍ ଅମେଳ ଓ ପ୍ରକ୍ରିୟାଗତ ଉଦାସୀନତା ଦେଖିବାକୁ ମିଳିଛି। ପାନ୍ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରି ଅନେକବାର ଜମାକାରୀଙ୍କ ଖାତାକୁ ବନ୍ଦ କରିଦେବାର ଭୟ ଦେଖାଯାଉଛି। 'ଆୟୁଷ୍ମାନ୍ ଭାରତ ଯୋଜନା'ର ଲାଭ ନେବା ପାଇଁ ବର୍ତ୍ତମାନ ଅନଲାଇନ୍ ପୋର୍ଟାଲ୍, ଓଟିପି ଓ ଜିଓ-ଭେରିଫିକେସନ୍ ଜରୁରୀ, ଯାହା ମିଳିନଥିବା ଲକ୍ଷ-ଲକ୍ଷ ଲୋକଙ୍କ ପାଇଁ ଏକ ଅସମ୍ଭବ ଆହ୍ୱାନ। ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ ତରଫରୁ ଜାରି ସଦ୍ୟତମ ସୂଚନା ଅନୁଯାୟୀ ଜୁଲାଇ ମାସରୁ ତତ୍କାଳ ରେଳ ଟିକେଟର ବୁକିଂ ପାଇଁ ଆଧାର କାର୍ଡ ତଥା ସେଥିରେ ସଂଯୋଜିତ ଟେଲିଫୋନ ନମ୍ବରର ଓଟିପି ବାଧ୍ୟତାମୂଳକ ହେବ। ଯଦି ଡିଜିପିନ୍ ଭବିଷ୍ୟତରେ ଆଧାର ଓ ପ୍ୟାନ ଭଳି ବ୍ୟାଙ୍କିଂ, ଜମିଜମା ପଞ୍ଜୀକରଣ, ବିଦ୍ୟୁତ୍ ସେବା, ରେଳ ଟିକେଟ ବୁକିଂ କିମ୍ବା ସରକାରୀ ଯୋଜନା ଦେବାରେ ଆବଶ୍ୟକ କରାଯିବ, ତେବେ ଏହା ଲୋକଙ୍କ ପାଇଁ ଅଧିକ ବିପଦ ଓ ଅନେକ ଜଟିଳ ସମସ୍ୟା ସୃଷ୍ଟି କରିବ। ଯେଉଁ ବ୍ୟବସ୍ଥାକୁ ଲୋକଙ୍କର ସୁବିଧା ପାଇଁ ପ୍ରସ୍ତୁତ କରାଯାଉଛି, ତାହା ଶେଷରେ ଏକ ଅନିଚ୍ଛାକୃତ ଆବଶ୍ୟକତା ହୋଇ କେବଳ ଏକ ପ୍ରଶାସନିକ ବୋଝ ହିସାବରେ ଜନସାଧାରଣଙ୍କ ପାଇଁ ଦୁର୍ବିସହ ହୋଇପଡ଼ିବ।

ପ୍ରକୃତ ବିପଦ କେବଳ ଡିଜିପିନ୍ କ'ଣ କରିବ ସେଥିରେ ନାହିଁ, ବରଂ ଏହା ଯାହା ସୂଚିତ କରେ ସେଥିରେ ଅଛି। ଆଇନଗତ ସୁରକ୍ଷା ଓ ସ୍ୱଚ୍ଛତା ନଥାଇ ନାଗରିକଙ୍କ ବିନା ପରାମର୍ଶରେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟକୁ ନେଇ ସରକାରଙ୍କର ଏହା ଏକ କ୍ରମବର୍ଦ୍ଧିଷ୍ଣୁ ସମ୍ବେଦନଶୀଳ ଡିଜିଟାଲ ହସ୍ତକ୍ଷେପ। ନିହାତି ଭାବରେ ଏହା ଏକ ଏକତରଫା ଶୀର୍ଷସ୍ତରୀୟ ନୀତି ନିର୍ମାଣ ପ୍ରଣାଳୀକୁ ପ୍ରତିବିମ୍ବିତ କରେ, ଯାହା ଗ୍ରାମାଞ୍ଚଳରେ ରହୁଥିବା ଅଶିକ୍ଷିତ, ଗରିବ ତଥା ଡିଜିଟାଲ ଉପକରଣର ବ୍ୟବହାର ଜାଣି ନଥିବା ଜନସାଧାରଣଙ୍କୁ କିଭଳି ପ୍ରଭାବିତ କରିବ ବୁଝିବା ପୂର୍ବରୁ ସେମାନଙ୍କ ଉପରେ ଜୋରଜବରଦସ୍ତି ଲଦି ଦିଆଯାଉଛି। ଅନେକ ନାଗରିକଙ୍କ ପାଇଁ, ବିଶେଷକରି ଯେଉଁମାନେ ଆଧାର ନିବନ୍ଧନ ବିଳମ୍ବ, ବ୍ୟାଙ୍କ ସଂଯୋଜନ ବା ଡିଜିଟାଲ୍ ସୁଦୃଢ଼ୀକରଣର ବିଫଳତା ଦ୍ୱାରା ପୂର୍ବରୁ ହତାଶ ହୋଇଛନ୍ତି, ସେମାନଙ୍କ ପାଇଁ ଡିଜିପିନ୍ ଏକ ସଶକ୍ତୀକରଣର ଉପକରଣ ନୁହେଁ। ଆଶୀର୍ବାଦ ନୁହେଁ, ବରଂ ଏହା ଗୋଟିଏ ସମ୍ଭାବ୍ୟ ଆପଦ, ଏକ ଅତ୍ୟଧିକ ହସ୍ତକ୍ଷେପକାରୀ ଡିଜିଟାଲ୍ ଫାଶ।

ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବର୍ତ୍ତମାନର ପିନ୍‌କୋଡ୍ ପ୍ରଣାଳୀ ଦ୍ୱାରା ଭାରତୀୟ ଡାକ ବିଭାଗ ଡାକ ପ୍ରେରଣ ଓ ବଣ୍ଟନ, ସ୍ଥାନ ପରିଚୟ ଓ ପ୍ରଶାସନିକ ବିଭାଜନ ପାଇଁ ପର୍ଯ୍ୟାପ୍ତ ଭାବେ ସୁରୁଖୁରୁରେ କାମ କରୁଥିବା ବେଳେ ଭାରତକୁ ଏକ ଅସୁରକ୍ଷିତ ଡିଜିପିନ୍ ବ୍ୟବସ୍ଥାର ଆବଶ୍ୟକତା ଅଛି କି? ଜର୍ମାନୀ, ଫ୍ରାନ୍ସ ଓ ଜାପାନ ଭଳି ବିକାଶଶୀଳ ଦେଶଗୁଡ଼ିକର ଡାକ ବିଭାଗ ଅତ୍ୟଧିକ ସୂକ୍ଷ୍ମ ଜିଓକୋଡିଂ ଯୋଗ କରି ନୁହେଁ, ବରଂ ତାଙ୍କର ପ୍ରଚଳିତ କୋଡ୍ ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କୁ ସୁରକ୍ଷିତ ଡାକସେବା ପ୍ରଦାନ କରୁଛନ୍ତି। ଭାରତୀୟ ଡାକ, ଯାହା ୧.୬୫ ଲକ୍ଷରୁ ଅଧିକ ଡାକଘର ସହିତ ବିଶ୍ୱର ସବୁଠୁ ବଡ଼ ଡାକ ବ୍ୟବସ୍ଥା, ତା'ର ଅନେକ ନିଜସ୍ୱ ସମସ୍ୟା ସମାଧାନ ଅପେକ୍ଷାରେ ଅଟକି ରହିଛି। ଏଭଳି ପରୀକ୍ଷାନିରୀକ୍ଷାରୁ ବିରତ ରହି ସାମ୍ପ୍ରତିକ ତଥା ମୌଳିକ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଡାକ ବିଭାଗକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଚିଠି ପ୍ରେରଣରେ ବିଳମ୍ବ, ଡାକଘରଗୁଡ଼ିକରେ ବିଶେଷକରି ଗ୍ରାମାଞ୍ଚଳରେ ଉତ୍ତମ ନେଟୱାର୍କ ଓ ଡିଜିଟାଲ୍ ଢାଞ୍ଚାର ଅଭାବ, ଗ୍ରାହକ ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା ଭଳି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ଧ୍ୟାନ ଦେଇ କର୍ମଚାରୀଙ୍କୁ ସଠିକ୍ ପ୍ରଶିକ୍ଷଣ ଦେବା, ବିତରଣ ବ୍ୟବସ୍ଥାରେ ଉନ୍ନତି ଆଣିବା, ଗ୍ରାମୀଣ ବ୍ୟାଙ୍କିଂକୁ ବିସ୍ତାର କରି ଡାକଘର ଠକେଇକୁ ରୋକିବା, ଭଡ଼ା ଓ ଭଙ୍ଗା ଦଦରା ଘରେ ତଥା ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଚାଲୁଥିବା ଡାକଘରଗୁଡ଼ିକର ଉନ୍ନତିକରଣ ପାଇଁ ଉଚିତ୍ ପଦକ୍ଷେପ ନେଲେ ନାଗରିକମାନେ ଅଧିକ ଭଲ ସେବା ପାଇପାରିବେ। ଏକ ଅବାଞ୍ଛିତ ଡିଜିଟାଲ୍ ଯୋଜନା ଆଣିବା ପରିବର୍ତ୍ତେ ଏପରି ପଦକ୍ଷେପ ଲୋକମାନଙ୍କର ଭରସାକୁ ମଜଭୁତ କରିପାରିବ ଏବଂ ଏହି ପ୍ରତିଷ୍ଠାନର ଐତିହ୍ୟକୁ ପୁନର୍ଜୀବନ ଦେଇପାରିବ।

ଭାରତ ଏକ ସଙ୍କଟମୟସ୍ଥିତିରେ ଅଛି, ଯେଉଁଠାରେ ପ୍ରଯୁକ୍ତିଗତ ନବୋନ୍ମେଷ ଓ ନୈତିକ ଶାସନ ହାତକୁ ହାତ ମିଳେଇ ଚାଲିବା ଦରକାର। ସମସ୍ତ ଡିଜିଟାଲ୍ ନବୋନ୍ମେଷ ପ୍ରଗତି ନୁହେଁ। କେବେ କେବେ ସଂଯମ ଓ ସାବଧାନତା ହିଁ ସଠିକ୍ ପଥ ବୋଲି ବିଚାର କରାଯାଏ। ସାମ୍ପ୍ରତିକ ସମୟରେ ଡିଜିପିନ୍ ଭରସାଯୋଗ୍ୟ ନହୋଇ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବାର ଆଗୁଆ ସୂଚନା ପ୍ରଦାନ କରୁଛି। ଯଦି ଶାସନର ଲକ୍ଷ୍ୟ ସୁରକ୍ଷା ଓ ସଶକ୍ତୀକରଣ, ତେବେ ଏହି ଡିଜିଟାଲ୍ ପ୍ରଣାଳୀର ପୁନର୍ବିଚାର ହେବା ଉଚିତ୍।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

## ଧର୍ମ ବ୍ୟକ୍ତିଗତ ବ୍ୟାପାର ହେଉ

ନିରାକାର ଦାସ

ଦିନ ଥିଲା ମାନବ ସମାଜର ଏକ ଅବଲମ୍ବନ ଥିଲା ଧର୍ମ। ସମାଜ କଲ୍ୟାଣ ପାଇଁ ଓ ମାନବ ଜାତିର ଜୀବନଚର୍ଯ୍ୟାରେ ଶୃଙ୍ଖଳା ଓ ବ୍ୟବସ୍ଥିତତା ଆଣିବା ପାଇଁ ସୃଷ୍ଟି ହୋଇଥିଲା ଧର୍ମ। ଆମ ମୁନି, ଋଷି, ମହର୍ଷି, ସନ୍ୟାସୀମାନେ ଏକ ଶୃଙ୍ଖଳିତ ଓ ଉନ୍ନତ ସମାଜ ବ୍ୟବସ୍ଥା ଗଠନ ନିମନ୍ତେ ନୀତି, ନିୟମ ଓ ଅନୁଶାସନ ସୃଷ୍ଟି କରୁଥିଲେ। ସଭ୍ୟତା ଓ ମାନବ ସଂସ୍କୃତି ଆଗକୁ ବଢ଼ିବା ସହ ସୃଷ୍ଟ ବହୁ ନୀତି, ନିୟମ ପୁରୁଣା ବା ଅକାମୀ ହୋଇଗଲେ ଆମେ ପୁନଶ୍ଚ ସେହି ରଢ଼ିବାଦୀ ପରମ୍ପରାକୁ ଭାଙ୍ଗି ନୂତନ ନୀତି, ନିୟମ ଓ ସଂସ୍କାର ଯୋଡ଼ୁ ଏବଂ ଏହି ଯୋଡ଼ିଥିବା ଅସାଧାରଣ ମଣିଷ ଦିନେ ମହାମାନବରେ ପରିଣତ ହୁଅନ୍ତି। ସମୟକ୍ରମେ ବହୁ ଧର୍ମାଚରଣ ପରମ୍ପରାରେ ପରିଣତ ହୋଇଯାଏ ଏବଂ ଏହା ମାନବ ସମାଜକୁ କଷ୍ଟଦିଏ, ଯାହାର ପରିବର୍ତ୍ତନ ପାଇଁ ସ୍ୱର ଉଠେ ଏବଂ ତାହାର ପୁନଃ ପରିବର୍ତ୍ତନ ହୁଏ। ଏହି ପରିବବର୍ତ୍ତନ ହେଉଛି ବୈଜ୍ଞାନିକ ସତ୍ୟ।

ଧର୍ମ ବା ଆଧ୍ୟାତ୍ମିକ ଚେତନା ଉତ୍‌ଥାନ ଓ ପତନ ଦେଇ ଆଗକୁ ଆଗକୁ ବଢ଼ିଛି। ଆଧ୍ୟାତ୍ମିକ ଗୁରୁମାନେ ଧର୍ମାନ୍ଧତାରୁ ମାନବ ସମାଜକୁ ମୁକ୍ତି ପାଇଁ ବହୁ ସଂସ୍କାର ଆଣିଛନ୍ତି। ଆଧ୍ୟାତ୍ମିକତାର ଉତ୍ତରଣ ବହୁ ଘାତ-ସଂଘାତ ମଧ୍ୟ ଦେଇ କ୍ରମାନ୍ୱୟରେ ଆସିଛି। କିନ୍ତୁ ଏବେ ଆମେ ଏମିତି ଏକ ଆଧ୍ୟାତ୍ମିକ, ଧର୍ମୀୟ ଓ ସାଂସ୍କୃତିକ ସଙ୍କଟରେ ଉପନୀତ ହୋଇଯାଇଛୁ, ଯେଉଁଠି ଧର୍ମର ଉପସ୍ଥିତି ହିଁ ମାନବଜାତି ପାଇଁ ଅସହ୍ୟ ଅନୁଭବ ହେଉଛି। ଧର୍ମୀୟ ମୂଲ୍ୟବୋଧ ପରିବର୍ତ୍ତେ ଧର୍ମାନ୍ଧତା ବିଶାଳ ରୂପ ଧାରଣ କରି ବିଶ୍ୱମାନବ ପ୍ରଜାତିକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି। ସେଥିପାଇଁ କୁହାଯାଇଛି - 'ଧର୍ମ ଯୋ ବାଧତେ ଧର୍ମଃ, ନ ସ ଧର୍ମଃ, କୁଧର୍ମ ତତ୍, ଅବିରୋଧୀ ତୁ ଯୋ ଧର୍ମଃ, ସ ଧର୍ମଃ ସତ୍ୟବିକ୍ରମଃ(ଯେଉଁ ଧର୍ମ ଅନ୍ୟ ଧର୍ମକୁ ବାଧା ଦିଏ, ସେ ଧର୍ମ ନୁହେଁ, ତାହାକୁ କୁଧର୍ମ ବୋଲାଯାଏ। ନିର୍ବିବାଦୀୟ ଧର୍ମ ହିଁ ପ୍ରକୃତ ସତ୍ୟନିଷ୍ଠ ଧର୍ମ)।' ଆଜି ସାରା ବିଶ୍ୱରେ ଯେତେ ଯୁଦ୍ଧ ହେଉଛି ବା ହୋଇଛି ସେଥିରୁ ଅଧିକାଂଶ ଧର୍ମ ଏବଂ ଧର୍ମ ମଧ୍ୟରେ ହିଂସା, ପ୍ରତିହିଂସା ଉପରେ ପର୍ଯ୍ୟବସିତ। ଆମ ଦେଶରେ 'ସର୍ବ ଧର୍ମ ସମନ୍ୱୟ' ନିମନ୍ତେ ଯେତେ ଚେଷ୍ଟାକଲେ ବି ଧର୍ମାନ୍ଧମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଧର୍ମାନ୍ଧତାକୁ ରାଜନେତାମାନେ ଖୁବ୍ ସନ୍ତର୍ପଣରେ ଓ ପ୍ରାୟୋଜିତ ଭାବେ ଉତ୍ସାହିତ କରୁଛନ୍ତି କ୍ଷମତା ଦଖଲ ପାଇଁ, ଯାହା ସର୍ବାଦୌ ଅନୁଚିତ୍। ଏଠାରେ ସଆଦତ୍ ହସନ ମଂଟୋଙ୍କ ଉକ୍ତିକୁ ଉଲ୍ଲେଖ କରାଯାଇପାରେ - 'ଧର୍ମ ଯେତେବେଳେ ହୃଦୟରୁ ବାହାରି ମୁଣ୍ଡକୁ ଚଢ଼ିଯାଏ, ସେତେବେଳେ ତାହା ବିଷ ପାଲଟିଯାଏ।'

୧୯୩୯ ରେ ମୁମ୍ବାଇରେ ଫରୱାର୍ଡ ବ୍ଲକ ସମ୍ମିଳନୀରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ- 'ଧର୍ମକୁ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭାବେ ଦୂରରେ ରଖାଯିବା ଉଚିତ୍। ଧର୍ମ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିଷୟ ହେବା ଉଚିତ୍। ଜଣେ ମଣିଷ ହିସାବରେ ସେ ଚାହୁଁଥିବା ଯେକୌଣସି ଧର୍ମକୁ ମାନିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଜଣେ ବ୍ୟକ୍ତିର ରହିବା ଉଚିତ୍। ମାତ୍ର ରାଜନୀତି ଧର୍ମ କିମ୍ବା ଅନ୍ୟ କୌଣସି ଅତିପ୍ରାକୃତିକ ଧାରଣା ଦ୍ୱାରା ପରିଚାଳିତ ହେବା ଉଚିତ୍ ନୁହେଁ।' ଦେଶ ସ୍ୱାଧୀନ ହେବାର ୪୮ ବର୍ଷ ପରେ ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଗଲା। ଏହି ୪୮ ବର୍ଷ ଭିତରେ ଧର୍ମାନ୍ତରୀକରଣ ବଢ଼ିଚାଲିଲା। ଦେଶ ସ୍ୱାଧୀନ ହେବା ପୂର୍ବରୁ ମଧ୍ୟ ଧର୍ମାନ୍ତରୀକରଣ ବହୁ ପରିମାଣରେ ଚାଲିଥିଲା। ଆମ ଦେଶରେ ଅଶିକ୍ଷା, ଅଜ୍ଞାନତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ ଶିକ୍ଷାର ପ୍ରସାର କରିବାକୁ ଯାଇ ମିଶନାରୀମାନେ ବହୁଳଭାବେ ଧର୍ମାନ୍ତରୀକରଣ କରାଇଲେ, ଯାହାର ଉଲ୍ଲେଖ ୧୯୫୪ ମସିହା ଏପ୍ରିଲ ୧୬ ତାରିଖରେ ମଧ୍ୟପ୍ରଦେଶ ସରକାର ବସେଇଥିବା ନିୟୋଗୀ କମିଟି (ନାଗପୁର ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଡଃ ଭବାନୀ ଶଙ୍କର ନିୟୋଗୀ ଥିଲେ ଏହି କମିଟିର ଅଧ୍ୟକ୍ଷ) ରିପୋର୍ଟରେ ପୁଙ୍ଖାନୁପୁଙ୍ଖ ଉଲ୍ଲେଖ ରହିଛି। ଧର୍ମର ତ୍ରୁଟିପୂର୍ଣ୍ଣ ବାଖ୍ୟା, ରାଜନୀତି, ଶିକ୍ଷାନୁଷ୍ଠାନ ଓ ପ୍ରଶାସନରେ ଧର୍ମର ଅନୁପ୍ରବେଶ ହିଁ ଆଜି ଭାରତବର୍ଷ ପରି ଏକ ପବିତ୍ର, ଶାନ୍ତ, ସ୍ନିଗ୍ଧ ଓ ମାନବିକ ମୂଲ୍ୟବୋଧର ରୂପକାର ଦେଶ ଧର୍ମାନ୍ଧତାର କାଠଗଡ଼ାରେ ଠିଆ ହୋଇଛି।

୧୯୬୭/୬୮ ମସିହାରେ ଓଡ଼ିଶା ଓ ମଧ୍ୟପ୍ରଦେଶ ସରକାର ଦେଶରେ ପ୍ରଥମ ଥର ପାଇଁ 'ଫ୍ରିଡମ୍ ଅଫ୍ ରିଲିଜିଅନ୍ ଆକ୍ଟ' ପ୍ରଣୟନ କରିଥିଲେ, ଯେଉଁଥିରେ ବାଧ୍ୟବାଧକତା, ତଞ୍ଚକତା କିମ୍ବା ଲୋଭ ଦେଖାଇ ଧର୍ମାନ୍ତରୀକରଣ କରିବା ଏକ ଅପରାଧ ବୋଲି ଅଭିହିତ କରାଗଲା। ଏହି ଆଇନ୍ ଦ୍ୱାରା ଧର୍ମାନ୍ତରୀକରଣ ବନ୍ଦ ହୋଇପାରିଥା'ନ୍ତା। କିନ୍ତୁ ତାହା ନାଲିଫିତା ଫାଇଲ୍ ତଳେ ରହିଯିବାରୁ ପରିଣାମ ଆଜି ଆମକୁ ଭୋଗିବାକୁ ପଡ଼ୁଛି। ବହୁ ପ୍ରଗତିଶୀଳ ଓ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଧର୍ମକୁ ରାଷ୍ଟ୍ରଠାରୁ ଅଲଗା ରଖାଯାଇଛି। କିନ୍ତୁ ଆମେ ଧର୍ମୀୟ କାର୍ଯ୍ୟକଳାପ, ଧର୍ମର ପ୍ରଚାର, ପ୍ରସାର ନିମନ୍ତେ ସବୁ ଧର୍ମକୁ ପ୍ରୋତ୍ସାହନ ଦେଇଚାଲିଛୁ। ଯାହାଦ୍ୱାରା ସବୁ ଧର୍ମ ଓ ସମ୍ପ୍ରଦାୟ ନିଜ ନିଜର ସାମାଜିକ ପ୍ରତିପତ୍ତି ବଢ଼େଇବାକୁ ଉଦ୍ୟମରତ। କିଏ ପାରମ୍ପାରିକ ତ କିଏ ରଢ଼ିବାଦୀ ତ କିଏ ଉଦାରବାଦୀ। ଯାହା ଫଳରେ ଧର୍ମ ଓ ସମ୍ପ୍ରଦାୟିକ ଉତ୍ତେଜନା ବଢ଼ୁଛି।

ଏହି ସଙ୍କଟରୁ ବଞ୍ଚିବା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଧର୍ମ ମଣିଷର ବ୍ୟକ୍ତିଗତ ବ୍ୟାପାର ହେଉ। ନିଜ ନିଜ ଧର୍ମ ଓ ଆଚରଣ ନିଜର ଘର, ପରିସର ଏବଂ ଧର୍ମାନୁଷ୍ଠାନ ପରିସର ମଧ୍ୟରେ ସୀମିତ ରହିବା ଜରୁରୀ। ଶିକ୍ଷାନୁଷ୍ଠାନ, ରାଜନୈତିକ କାର୍ଯ୍ୟକଳାପ, ପ୍ରଶାସନ, ବିଧି ଓ ବୈଧାନିକ ବ୍ୟବସ୍ଥା ମଧ୍ୟରେ ଧର୍ମ ଓ ସମ୍ପ୍ରଦାୟର ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ହେଉ। ଡାକବାଜି ଯନ୍ତ୍ରର ବ୍ୟବହାର ସୀମିତ ପରିସରରେ ବ୍ୟବହୃତ ହେବା ସହ ଧର୍ମୀୟ ଶୋଭାଯାତ୍ରା ଓ ଧର୍ମୀୟ ସମାବେଶ ଇତ୍ୟାଦିକୁ ରାଷ୍ଟ୍ର ନିରୁତ୍ସାହିତ କରିବା ବିଧେୟ। ବିଶେଷ କରି ଶିକ୍ଷା କ୍ଷେତ୍ରରୁ ଧର୍ମ ଓ ଧର୍ମୀୟ ଚିନ୍ତା ଚେତନାକୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇ ପାରିଲେ ଏକ ସୁସ୍ଥ ସମାଜ ଗଠନ ହେବ।

ଭୁବନେଶ୍ୱର, ମୋ: ୯୪୩୭୦୧୩୧୩୯

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ବିଛୁଆତି

ସୌଭାଗ୍ୟସୁନ୍ଦର

ବିଛୁଆତି ଭାରତର ପୂର୍ବଘାଟ ପର୍ବତମାଳାରେ ଏବଂ ଶ୍ରୀଲଙ୍କା, ଚୀନ୍, ମିଆଁମାର ଆଦି ପଡ଼ୋଶୀ ଦେଶଗୁଡ଼ିକରେ ପ୍ରାକୃତିକ ଭାବରେ ଦେଖାଯାଏ। ଏହା ଉଷ୍ମମଣ୍ଡଳୀୟ ଏବଂ ଉପ ଉଷ୍ମ ମଣ୍ଡଳୀୟ ଅଞ୍ଚଳରେ ଭଲ ବଢ଼େ ଏବଂ ନିକଟବର୍ତ୍ତୀ ବୃକ୍ଷଲତା ଉପରେ ମାଡ଼ିଥାଏ। ଏହା ଏକ ଜ୍ୱଳନ ଉଦ୍ଭିଦ ଭାବରେ ଲୋକପ୍ରିୟ। ଏହା ମଧ୍ୟ ବହୁବର୍ଷୀୟ ଦୁର୍ବଳ କାଣ୍ଡ ବିଶିଷ୍ଟ ଉଦ୍ଭିଦ, ଯାହାର ସାରା ଶରୀରରେ କେଶ ରହିଥାଏ। ଏହାକୁ ଇଂରାଜୀରେ ଇଣ୍ଡିଆନ୍ ଷ୍ଟିଙ୍ଗିଂ ନେଟଲ୍ କିମ୍ବା କ୍ଲାଇମ୍ବିଂ ନେଟଲ୍ କୁହାଯାଏ। କାରଣ ଏହାର ସଂସ୍ପର୍ଶରେ ଆସିଲେ ଚର୍ମରେ ଜଳା ପୋଡ଼ା ଓ କୁଣ୍ଡାଇ ହୁଏ। ଏହାର ପତ୍ରଗୁଡ଼ିକ ୬-୧୦ ସେମି ଲମ୍ବା, ୩-୫ ସେମି ଓସାରିଆ, ସରଳ, ଦନ୍ତୁରିତ ଧାର, ଡିମ୍ବାକାର। ଫୁଲଗୁଡ଼ିକ ପୁଷ୍ପୋଦ୍ଗମରେ ଡାଳର ଅଗ୍ର ଭାଗରେ ସଜ୍ଜିତ ଥାଏ। ସେଗୁଡ଼ିକ ଆକାରରେ ବହୁତ ଛୋଟ, ମୋନୋସିୟସ୍ ବା ଲିଙ୍ଗ ଭେଦରେ ପୃଥକ୍। ବିହନଗୁଡ଼ିକ ଗୋଲାକାର, ଧୂସର ମାଟିଆ, ମସୃଣ ଓ ହାଲୁକା ରଙ୍ଗର। ଫୁଲ ଫୁଟିବାର ସମୟ ହେଉଛି ଫେବୃଆରୀ, ମାର୍ଚ୍ଚ, ଜୁନ୍। ଫଳ ବର୍ଷସାରା ହୋଇଥାଏ।

ବିଛୁଆତିକୁ ଆୟୁର୍ବେଦ ଓ ଆଧୁନିକ ଏଲପାଥିକ ଔଷଧ ପ୍ରୟୋଗରେ ବହୁଳ ଭାବରେ ବ୍ୟବହାର କରାଯାଏ। ଓଡ଼ିଶାର ଆଦିବାସୀ ଲୋକମାନେ ଏହାର ମୂଳ ଓ ପତ୍ରକୁ ଶୁଖିଲା କାଶ ପାଇଁ ବ୍ୟବହାର କରନ୍ତି। ତାମିଲନାଡୁର କରନ୍ଦମାଳାଇର ଲୋକମାନେ କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ଏହାର ମୂଳକୁ ବ୍ୟବହାର କରନ୍ତି। ପଶ୍ଚିମବଙ୍ଗରେ ବିଛା ଦଂଶନର ଚିକିତ୍ସା ପାଇଁ ମୂଳରୁ ତିଆରି ପେଷ୍ଟ ବ୍ୟବହାର କରାଯାଏ। କେଶ ଝଡ଼ିବା ରୋକିବା ପାଇଁ ଏହାର ମଞ୍ଜିରୁ ତିଆରି ପେଷ୍ଟ ମୁଣ୍ଡରେ ଲଗାଯାଇପାରେ। ଏହି ପେଷ୍ଟକୁ ଆଲୋପେସିଆ ଚିକିତ୍ସାରେ ମଧ୍ୟ ବ୍ୟବହାର କରାଯାଏ। ଉତ୍ତର-ପୂର୍ବ ଭାରତ ଏବଂ ଦକ୍ଷିଣ-ଏସୀୟ ଦେଶଗୁଡ଼ିକର ଲୋକମାନେ ଶତାବ୍ଦୀ ଧରି ମଧୁମେହ ଚିକିତ୍ସା ପାଇଁ ବିଛୁଆତିକୁ ବ୍ୟବହାର କରନ୍ତି। ଏହାକୁ ସ୍ତନ ଟ୍ୟୁମର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଏ।

ଆୟୁର୍ବେଦର ତିନୋଟି ପ୍ରମୁଖ ଗ୍ରନ୍ଥ ଚରକ ସଂହିତା, ସୁଶ୍ରୁତ ସଂହିତା ଓ ଭାଗବତ୍ ସଂହିତାରେ ଏହା ବୃଷ୍ଚକାଳି ଭାବରେ ଉଲ୍ଲେଖିତ। ଚରକ ସଂହିତାରେ ଏହା ଅପସ୍ମାର ଚିକିତ୍ସା, ଶୁଶ୍ରୁତ ସଂହିତାରେ ଜ୍ୱର ଚିକିତ୍ସା ଏବଂ ଭାଗବତ୍/ଅଷ୍ଟାଙ୍ଗହୃଦ ସଂହିତାରେ ବିଦାର୍‌ୟାଦି ଗୃହର ଏକ ଉପାଦାନ ଭାବରେ ଉଲ୍ଲେଖ କରାଯାଇଛି, ଯାହା ଶ୍ୱାସକ୍ରିୟାର ଲକ୍ଷଣର ବିକାର ଉପଶମରେ ବ୍ୟବହୃତ ହୁଏ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍/ ଆଣ୍ଟିମାଇକ୍ରୋବାୟଲ୍, ଡାଇବେଟିକ୍/ ହାଇପୋଗ୍ଲାଇସେମିକ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ପ୍ରତିରୋଧୀ, ଆଣ୍ଟିଫଙ୍ଗାଲ୍ ଭଳି ଅନେକ ଜୈବିକ କାର୍ଯ୍ୟକଳାପ ଅଛି। ଏହା ଫାଇଟୋକେମିକାଲ୍ସରେ ସମନ୍ୱିତ। ଏହା ମଧ୍ୟ ଆଲଜାଇମର ରୋଗ (ସ୍ମରଣ ଶକ୍ତି ହ୍ରାସ), କୋଏଡ୍-୧୯, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାରାସାଇଟିକ୍, ଡାଇୟୁରେଟିକ୍, ଆଣ୍ଟି ଟ୍ୟୁମର, ହେପାଟୋପ୍ରୋଟେକ୍ଟିଭ୍ ପାଇଁ ବ୍ୟବହୃତ ହୁଏ। ବିଛୁଆତିରେ ପ୍ରଚୁର ପରିମାଣରେ ଆଲକାଲଏଡ୍, ଫେନୋଲ୍ସ, ଟେର୍ପେନୋଏଡ୍ସ, ଟାନିନ୍ ଫ୍ଲାଭୋନୋଏଡ୍ସ, ଷ୍ଟେରୋଲ୍ସ, ସାପୋନିନ୍ସ, ଗ୍ଲାଇକୋସାଇଡ୍ସ ଓ କ୍ୟାରିଓଫାଇଲିନ୍, ଇଥିଲିନ୍ ଗ୍ଲାଇକଲ୍ ମୋନୋ-ଟେର୍ଟ-ବ୍ୟୁଟାଇଲ୍ ଇଥର ଓ ଜେରାନିଲ୍ ଆସିଟୋନ୍ ଭଳି ଅତ୍ୟାବଶ୍ୟକ ତେଲ ରହିଛି। ଏଥିରେ ଥିବା କ୍ୟାଲସିୟମ୍ ଅକ୍ସାଲେଟ୍ ଓ ସେଲସୋଲ୍ ଜଳା ପୋଡା, କୁଣ୍ଡେଇ ହେବା ଭଳି ଦଂଶନକାରୀ ଗୁଣ ପାଇଁ ଦାୟୀ। ଏହା ହେଉଛି ନିଜର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା।

ଯେହେତୁ ଏହି ଗଛ ଏକ ଅନାବନା ଉଦ୍ଭିଦ, ଏହାର ଔଷଧୀୟ ମୂଲ୍ୟ ବିଷୟରେ ଜ୍ଞାନର ଅଭାବ ଯୋଗୁଁ ଏହାକୁ ବ୍ୟାପକ ଭାବରେ ନଷ୍ଟ କରିଦିଆଯାଉଛି ଅଜାଣତରେ। ତେଣୁ ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଆବଶ୍ୟକ। ବିଶେଷ ଭାବରେ ଭେଷଜ କମ୍ପାନୀମାନେ ଏବଂ ସଚେତନ ଜନସାଧାରଣ ଏହାର ରକ୍ଷଣାବେକ୍ଷଣ ଓ ଚାଷ ପାଇଁ ତତ୍ପରତା ପ୍ରକାଶ କରିବା ଉଚିତ୍। ସରକାରୀ ପ୍ରୋତ୍ସାହନର ଜରୁରୀ ଆବଶ୍ୟକତା ମଧ୍ୟ ଅନୁଭବ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ବିସ୍ଫୋରକ ଲୁଟ୍ ଘଟଣା**

# ମୁଖ୍ୟ ସହଯୋଗୀ ଗିରଫ

ରାଉରକେଲା, ୧୫।୬(ସମିସ): କେ. ବଲାଙ୍ଗ ଥାନା ଅନ୍ତର୍ଗତ ବଙ୍କୋ ପଥର ଖଣିକୁ ଚାଲାଣ ହେଉଥିବା ୫ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣାରେ ମାଓବାଦୀଙ୍କ ମୁଖ୍ୟ ସହଯୋଗୀଙ୍କୁ ରାଉରକେଲା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ବଙ୍କୋ ଗ୍ରାମର ଜର୍ଜ ମୁଣ୍ଡା ଓରଫ କୁଲୁ (୪୩)। ସେ ମାଓବାଦୀଙ୍କୁ ଆଗୁଆ ସୂଚନା ଦେଇ ସହଯୋଗ କରୁଥିଲେ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ଡିଆଇଜି ଶ୍ରୀ ରାଏ କହିଛନ୍ତି, ଗତ ମେ' ୨୭ରେ ବାଙ୍କୋ ପଥରକ୍ୱାରୀ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବାରେ କେ. ବଲାଙ୍ଗ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଓଡିଶା ଏବଂ ଝାଡଖଣ୍ଡ ପୁଲିସ ପକ୍ଷରୁ ଏନେଇ ବ୍ୟାପକ ତନାଘନା ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ଏସଆଇଟି ଗଠନ କରାଯାଇ ଏସ୍‌ଡିପିଓ କେ. ବଲାଙ୍ଗ ଥାନା ଅଧିକାରୀ ତଦନ୍ତ କରିଥିଲେ। ଏସପି ନିତେଶ ୱାଧୱାନୀ ପୁରା ଘଟଣାର ମନିଟରିଂ କରିଥିଲେ। ସେ ଆହୁରି କହିଲେ ଯେ, ଗିରଫ ଜର୍ଜ ମୁଣ୍ଡା ଦୀର୍ଘ ଦିନ ଧରି




ବାଙ୍କୋଠାରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀକୁ ବିରୋଧ କରିଆସୁଥିଲା। ଏଥିସହ ସ୍ଥାନୀୟ ମାଓବାଦୀ ସଂଗଠନ ସହ ମଧ୍ୟ ତାର ସମ୍ପର୍କରେ ଥିଲା। ଯାହାକୁ ଆଧାର କରି ବିସ୍ଫୋରକ ସାମଗ୍ରୀ ଲୁଟ ଘଟଣାରେ ସେ ମାଓବାଦୀଙ୍କୁ ସହାୟତା କରିଥିଲା ବୋଲି ଡିଆଇଜି ଶ୍ରୀ ରାଏ କହିଛନ୍ତି।

ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି, ବାଙ୍କୋ ଷ୍ଟୋନ୍ କ୍ୱାରୀକୁ ବିରୋଧ କରିଆସୁଥିବାରୁ ଜର୍ଜ ମୁଣ୍ଡା ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ରହିଥିଲା। ବାଙ୍କୋ ଷ୍ଟୋନ କ୍ୱାରୀକୁ ବ୍ଲାଷ୍ଟିଂ ପାଇଁ ଯାଉଥିବା ବିସ୍ଫୋରକ ସାମଗ୍ରୀର ଗତିବିଧି ଉପରେ ସେ ନଜର ରଖିଥିଲା। ଗତ ମେ ୨୭ ତାରିଖ ରାତି ପ୍ରାୟ ସାଢେ ୮ଟାରେ ବଡ଼ଗାଁସ୍ଥିତ ଇକମା ଅଞ୍ଚଳରୁ ଏକ ବିସ୍ଫୋରକ ସାମଗ୍ରୀ ବୋଝେଇ ଭ୍ୟାନ ବାଙ୍କୋ ଖଣିକୁ ଆସୁଥିବା ନେଇ ଜର୍ଜ ମୁଣ୍ଡା ମାଓବାଦୀଙ୍କୁ ସୂଚନା ଦେଇଥିଲା। ଏହି ସୂଚନାକୁ ଆଧାର କରି ଘଟଣା ଦିନ ସଶସ୍ତ୍ର ମାଓବାଦୀମାନେ ୫ ଟନ୍ ଓଜନର ୨୦୦ ପ୍ୟାକେଟ ବିସ୍ଫୋରକ ସାମଗ୍ରୀ ବୋଝେଇ ଭ୍ୟାନ୍‌କୁ ଲୁଟ କରିବାରେ ସଫଳ ହୋଇଥିଲେ। ଘଟଣା ଦିନ ମାଓବାଦୀମାନେ ବନ୍ଧୁକ ମୁନରେ ଭ୍ୟାନ୍ ଚାଳକକୁ ଧମକ ଦେଇ ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ସରଣ୍ଡା ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସମସ୍ତ ବିସ୍ଫୋରକ ସାମଗ୍ରୀ ଲୁଟି ନେବା ପରେ ମାଓବାଦୀମାନେ ଭ୍ୟାନ୍ ଚାଳକକୁ ଜଙ୍ଗଲ ଭିତରେ ଛାଡି ଦେଇଥିଲେ। ଏହି ଘଟଣା ପରେ ଓଡ଼ିଶା-ଝାଡଖଣ୍ଡ ସୀମାବର୍ତ୍ତୀ ସରଣ୍ଡା ଜଙ୍ଗଲରେ ଓଡିଶା ଓ ଝାଡଖଣ୍ଡ ପୁଲିସ୍ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ସର୍ଚ୍ଚ ଅପରେସନରେ ୩ଟି ପର୍ଯ୍ୟାୟରେ ମୋଟ ୩୮୧୧.୩୦ କେଜି ବିସ୍ଫୋରକ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସର୍ଚ୍ଚ ଅପରେସନ୍ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ ଉପସ୍ଥିତ ଥିଲେ।

**ସୁରକ୍ଷା ଢ଼ିଲା**

# ଆଖଣ୍ଡଳମଣି ପୀଠରେ ଠେଲାପେଲା

ଭଦ୍ରକ/ଆରଡ଼ି, ୧୫।୬(ସମିସ): ରଜ ସଂକ୍ରାନ୍ତି ପାଇଁ ରବିବାର ଆଖଣ୍ଡଳମଣି ପୀଠରେ ନାହିଁନଥିବା ଭକ୍ତଙ୍କ ଭିଡ଼ ଲାଗିଥିଲା। ମଣିବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦକ୍ଷିଣଦ୍ୱାର (ପ୍ରବେଶ ଦ୍ୱାର) ଠାରେ ଭକ୍ତଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଠେଲାପେଲା ଲାଗି ରହିବାରୁ କିଛି ଭକ୍ତ ସଂଜ୍ଞାହୀନ ହୋଇ ତଳେ ପଡ଼ି ଯାଇଥିଲେ। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା, ବ୍ୟାରିକେଡ୍ ବ୍ୟବସ୍ଥା ନଥିବାରୁ ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ଲାଗି ରହିବା ସହ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା।

ଅନ୍ୟପଟେ ମନ୍ଦିର ସମ୍ମୁଖର ଦର୍ଶନପଥରେ ଛାମୁଣ୍ଡିଆ ନଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଝିଥିଲେ ଭକ୍ତ। ସେହିପରି ବାଇପାସ ରାସ୍ତାରେ ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ ହୋଇପଡ଼ିଥିଲା। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ୪ଘଣ୍ଟା ଧରି ଅଟକି ରହିବା



ଫଳରେ ସ୍ଥାନୀୟ ଆରଡ଼ି ପୁଲିସ ସ୍ଥିତି ନିୟନ୍ତ୍ରଣ ଆଣିବାକୁ ନାକେଦମ ହେବାକୁ ପଡିଥିଲା।

- ଦର୍ଶନରୁ ବଞ୍ଚିତ ହେଲେ ସହସ୍ରାଧିକ ଭକ୍ତ
- ଡହଡହ ଖରାରେ ୨କିମି ଚାଲିଲେ ଭକ୍ତ

ସେହିପରି ମୁଖ୍ୟ ରାସ୍ତାର ଟ୍ରାଫିକ ଅବ୍ୟବସ୍ଥା ପାଇଁ ୨କିମି ଚାଲିଥିଲେ ହଜାରହଜାର ଭକ୍ତ। ଫଳରେ ଆଖଣ୍ଡଳମଣି- ଭଦ୍ରକ ମୁଖ୍ୟ ରାସ୍ତାରେ ଅଟକି ରହିଥିଲା ଶହଶହ ଯାତ୍ରୀବାହି ଗାଡି। ରଜ ସଂକ୍ରାନ୍ତିରେ ହଜାରହଜାର ଭକ୍ତ ଆସିବାକୁ ଥିବା ବେଳେ ମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରାକ ପ୍ରସ୍ତୁତି ନକରି କିପରି ଭାବେ ଚୁପ ବସିଲେ; ନା ଖାମଖିଆଲି ମନଭାବ ଦେଖାଇ ରହିଲେ ଏପରି ନାନା ପ୍ରଶ୍ନ ଉଙ୍କି ମାରିଥିଲା ଆଗନ୍ତୁକ ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମନରେ। ଶେଷରେ ମନ୍ଦିର ଭିତରେ ଓ ବାହାରେ ଅତ୍ୟଧିକ ଭିଡ ଲାଗି ରହିବାରୁ ବହୁ ଯାତ୍ରୀ ଓ ଶ୍ରଦ୍ଧାଳୁ ଭକ୍ତ ବାବାଙ୍କ ଦର୍ଶନ ନପାଇ ନିରାଶ ହୋଇ ଫେରିଯାଇଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

ବାରିକପୁର, ୧୫।୬ (ସମିସ): ରଜରେ ଅଘଟଣ। ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ଗ୍ରାମର ଜ୍ଞାନରଞ୍ଜନ ଘଡେଇ(୩୮) ଗାଁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଜ୍ଞାନରଞ୍ଜନ ମଧ୍ୟାହ୍ନରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଗ୍ରାମର ଦଶାଙ୍ଗ ପୋଖରୀ ହୁଡାରେ ଜ୍ଞାନରଞ୍ଜନଙ୍କ ଜୋତା ପଡିଥିବା ଦେଖିଥିବାକୁ ପାଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହଯୋଗରେ ପୋଖରୀରେ ଖୋଜାଖୋଜି କରି ଯୁବକ ଜଣଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୌଚ ହେବାକୁ ଯାଇ ଗୋଡଖସିଯିବାରୁ ଜ୍ଞାନରଞ୍ଜନ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

# ଜଳପ୍ରପାତରେ ଭାସିଗଲେ ଦୁଇ ନାବାଳକ

କୋଷାଗୁମୁଡା,୧୫।୬(ସମିସ): କୋଷାଗୁମୁଡ଼ା ସଦର ମହକୁମାର ମିରଗାନ ସାହିର ଦୁଇ ନାବାଳକ ଚାନ୍ଦିଲି ନିକଟସ୍ଥ ଗୁଲମୀ ଜଳପ୍ରପାତରେ ଭାସି ଯାଇଛନ୍ତି। ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛି। କିନ୍ତୁ ସଂଧ୍ୟା ସୁଦ୍ଧା ସେମାନଙ୍କର କୌଣସି ଖବର ମିଳିପାରିନାହିଁ। ସୂଚନା ଅନୁସାରେ ରବିବାର ଅପରାହ୍ଣରେ ୫ ଜଣ ସାଙ୍ଗ ଦୁଇ ବାଇକ୍‌ରେ କୋଷାଗୁମୁଡ଼ାରୁ କୋରାପୁଟ ଜିଲ୍ଲାର କୋଟପାଡ଼ ଥାନା ଅନ୍ତର୍ଗତ ଚାନ୍ଦିଲି ନିକଟସ୍ଥ ଗୁଲମୀ ଜଳପ୍ରପାତକୁ ବୁଲିଯାଇଥିଲେ। ଜଳପ୍ରପାତ ପରିଭ୍ରମଣ ପରେ ଗାଧେଇବା ବେଳେ ଦୁଇ ଜଣ ବାଳକ ଅଲୋକ ସୁନା ଓ କିରଣ ନାୟକ ଜଳ ସ୍ରୋତରେ ଭାସି ଯାଇଥିଲେ। ସାଥୀରେ ଥିବା ଅନ୍ୟ ତିନିଜଣ ପରିବାର ଲୋକ ଓ ସ୍ଥାନୀୟ ପୁଲିସ, ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚାଲିଛି। ଦୁଇ ସାଙ୍ଗ ଚଳିତ ବର୍ଷ ୧୦ମ ଶ୍ରେଣୀରେ ପଢୁଛନ୍ତି। ଏହାକୁ ନେଇ କୋଷାଗୁମୁଡାରେ ଏକ ଦୁଃଖର ବାତାବରଣ ଖେଳିଯାଇଛି।

# ଇସ୍କନ ମୁଖ୍ୟଙ୍କୁ ପତ୍ର ଲେଖିଲେ ଗଜପତି ମହାରାଜା

## ଶାସ୍ତ୍ର ଅନୁମୋଦିତ ତିଥିରେ ସ୍ନାନଯାତ୍ରା, ରଥଯାତ୍ରା ପାଳନ ପରାମର୍ଶ

ପୁରୀ,୧୫।୬(ସମିସ): ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଛି ଇସ୍କନ। ବିଧି, ପରମ୍ପରାକୁ ଭାଙ୍ଗି ଅଦିନିଆ ରଥଯାତ୍ରା କରୁଛି। ଏଭଳି ମନମାନି କରି କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛି। ଏଭଳି ପରମ୍ପରା ବିରୋଧୀ କାମ ନକରିବା ପାଇଁ ପୂର୍ବରୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ନିଜ ଚରିତ୍ରରେ ସୁଧାର ଆଣୁନାହିଁ। ଏପରିକି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ଶାସ୍ତ୍ର ପୁରାଣ ପ୍ରାମାଣିକତାକୁ ବି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନାହିଁ ଇସ୍କନ। ଏଭଳି ସ୍ଥିତିରେ ରବିବାର ପୁଣିଥରେ ଇସ୍କନ ମୁଖ୍ୟଙ୍କୁ ପତ୍ର ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସମଗ୍ର ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷଙ୍କୁ ପତ୍ର ଲେଖିଛନ୍ତି।

ଗଜପତି ମହାରାଜା ନିଜ ପତ୍ର ରବିବାର (ଇ-ମେଲ୍ ମାଧ୍ୟମରେ) ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ରବିରୋଧୀ କାର୍ଯ୍ୟ। ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟ୍‌ରେ ଏ ସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ୍ୟ ଚିଠି ସହିତ ସଂଲଗ୍ନ କରାଯାଇଛି।

ଗଜପତି ମହାରାଜା ଲେଖିଛନ୍ତି ଯେ ଗତ ମାର୍ଚ୍ଚ ୨୦ରେ ଭୁବନେଶ୍ୱରଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି (ଚଳିତ ବର୍ଷ ଜୁନ୍ ୧୧) ପାଳନ ହୋଇପାରିବ ଏବଂ ଆଷାଢ଼ ଶୁକ୍ଳ ଦ୍ୱିତୀୟା (ଏ ବର୍ଷ ଜୁନ୍ ୨୭)ଠାରୁ ଆଷାଢ଼ ଶୁକ୍ଳ ପକ୍ଷ ଦଶମୀ (ଏ ବର୍ଷ ଜୁଲାଇ ୫ ତାରିଖ) ପବିତ୍ର ନଅ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡ଼ା ଯାତ୍ରା) ପାଳନ କରାଯାଇପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ। ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ। ଏନେଇ ଗବେଷକମାନଙ୍କ ବିସ୍ତୃତ ଶାସ୍ତ୍ରସମ୍ମତ ମତ ଖୁବ୍‌ଶୀଘ୍ର ଇସ୍କନକୁ ପଠାଯିବ।

**କେନ୍ଦ୍ରାପଡ଼ାକୁ ଡେଇଁଲା ଡାଇରିଆ**

# ଡେରାବିଶରେ ପ୍ରଥମ ମୁଣ୍ଡ ଗଡିଲା

ଡେରାବିଶ, ୧୫।୬(ସମିସ): ଯାଜପୁର, କଟକ, ଢେଙ୍କାନାଳ ପରେ ଡାଇରିଆ ଏବେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଡେଇଁଛି। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆଜି ସକାଳୁ ଡାଇରିଆରେ ଆକ୍ରାନ୍ତ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏଥିସହିତ ୬ରୁ ଅଧିକ ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଓ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

ସୂଚନା ମୁତାବକ, ଡେରାବିଶ ବ୍ଲକ୍ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧) ଗତକାଲି ଡାଇରିଆରେ ଆକ୍ରାନ୍ତ ହୋଇ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସଜନୀଙ୍କ ପୁଅ ଭାଗୀରଥି (୪୩), ନିରଞ୍ଜନ (୩୦) ମଧ୍ୟ ଡାଇରିଆରେ ଆକ୍ରାନ୍ତ ହୋଇ କଟକ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗ୍ରାମର ରଙ୍ଗଲତା ମଲିକ (୪୫), ତପନ ମଲିକ (୪୬), କୁଞ୍ଜବିହାରୀ ମଲିକ (୭୫), ରଶ୍ମିତା ମଲିକ (୪୬) ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଡରାଇରିଆରେ ଡେରାବିଶରେ ମହିଳାଙ୍କ ମୃତ୍ୟୁ ଖବର ବ୍ୟାପିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଜିଲ୍ଲା ପବ୍ଲିକ ହେଲ୍‌ଥ ଅଫିସର ଡାକ୍ତର ନିରୁପମା ଶତପଥୀ ଓ ଡେରାବିଶର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଡକ୍ତରୀ ଟିମ୍ ପହଞ୍ଚିଛନ୍ତି। ଏଥିସହିତ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି କର୍ମୀ ପହଞ୍ଚିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆକ୍ରାନ୍ତଙ୍କ ଘରକୁ ଯାଇ ରୋଗ ଉତ୍ପତ୍ତିର କାରଣ ଖୋଜିଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଓ ସମାଜସେବୀ ମହେନ୍ଦ୍ର ମଲିକ ଉପସ୍ଥିତ ରହି ଗ୍ରାମର ସମସ୍ତ ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଓ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଆକ୍ରାନ୍ତଙ୍କ ଘରକୁ ଯାଇ ସରକାରୀ ସ୍ତରରେ ସେମାନଙ୍କ ସମସ୍ତ ଉନ୍ନତ ଚିକିତ୍ସା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ଟିମ୍‌କୁ ଧରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନତା କରାଇଥିଲେ। ଘରେ ଘରେ ବ୍ଲିଚିଂ ପାଉଡ଼ର, ହାଲୋଜିନ୍ ଟ୍ୟାବଲେଟ୍ ବଣ୍ଟାଯାଇଛି।

**ହାଇଆଲର୍ଟରେ ସ୍ୱାସ୍ଥ୍ୟ ବିଭାଗ**

# ଅବଶିଷ୍ଟାଂଶ

## ବାଡ଼ିବୁଢ଼ୀ ନେଲାଣି...

ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ୍ ମାରିଛନ୍ତି। ଏବେ ବର୍ଷପୂର୍ତ୍ତି ଉତ୍ସବରୁ ଫୁରସତ୍ ମିଳିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଭାବିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପହଞ୍ଚିଛନ୍ତି। ୫ ମାସ ତଳେ ପୁରୀ ଜିଲ୍ଲା କଣାସରେ ଡାଇରିଆ ସ୍ଥିତି ପୁରା ଅଣାୟତ୍ତ ହୋଇଥିଲା। ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୬ଜଣ ମୃତ୍ୟୁବରଣ କରିଥିଲେ। ଦୂଷିତ ପାନୀୟ ଜଳ ଯୋଗାଣରୁ ଏହି ଘଟଣା ଘଟିଥିବା ସେତେବେଳେ ଜଣା ପଡ଼ିଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଲେ ନାହିଁ; ଫଳସ୍ୱରୂପ ଏବେ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାକୁ ଡାଇରିଆ ବ୍ୟାପିଛି। ଏବେଠାରୁ ସଜାଗ ନ ହେଲେ ଆଗକୁ ଆହୁରି ଭୟଙ୍କର ସ୍ଥିତି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

ଡାଇରିଆ ବ୍ୟାପିବା ପଛରେ ଦୂଷିତ ପାଣି ଓ ଖାଦ୍ୟ ମୂଳ କାରଣ ବୋଲି କୁହାଯାଉଛି। ରାଜ୍ୟର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ତତ୍‌କାଳୀନ ରାଜ୍ୟ ସରକାର ଆରମ୍ଭ କରିଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାମ ବନ୍ଦ କରି ଦିଆଯାଇଛି। ଏହି ପ୍ରକଳ୍ପ କେବେ ଶେଷ ହେବ ତାହା ଅନିଶ୍ଚିତ। ସେହିପରି ରାଜ୍ୟରେ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରତି ଜିଲ୍ଲାରେ ପରୀକ୍ଷାଗାର ଥିବା ବେଳେ ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମଧ୍ୟରେ ତାଳମେଳ ଅଭାବ ଯୋଗୁଁ ଏବେ ଲୋକମାନେ ଜୀବନ ହରାଉଛନ୍ତି।

ଓଡ଼ିଶାରେ ୨୦୧୩ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ କେହି କଲେରା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ। ୨୦୧୮ ମସିହାରେ ରାଜ୍ୟରେ ୩ଜଣ କଲେରାରେ ଆକ୍ରାନ୍ତ ବାହାରିଥିଲେ। ଏବେ ଦୀର୍ଘ ୭ ବର୍ଷ ପରେ ଯାଜପୁର ଜିଲ୍ଲାରେ କଲେରା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ସରକାରଙ୍କ ପାରିବାପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟରେ ବଡ଼ ଧରଣର ଡାଇରିଆ ପଛରେ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ରହିଛି ବୋଲି ବିଶେଷଜ୍ଞ କହୁଛନ୍ତି। ଦୀର୍ଘବର୍ଷ ପୂର୍ବରୁ ରାୟଗଡାର କାଶୀପୁର, ରାଉରକେଲାରେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ଯାଜପୁରରେ ସେହି ଘଟଣାର ପୁନରାବୃତ୍ତି ହୋଇଥିବା କୁହାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜଳର ରାସାୟନିକ ପରୀକ୍ଷା କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଟେଷ୍ଟ୍ କିଟ୍ ପ୍ରଦାନ କରାଯାଉଛି। ସେହିଭଳି ବୃହତ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରେ ମଧ୍ୟ ଜଳ ବିଶୋଧନାଗାରରେ ମାନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ରହିଛି। ଜଳର ଗୁଣବତ୍ତା ଯାଞ୍ଚ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ପରୀକ୍ଷାଗାର ରହିଛି। ସେହିପରି ଉପଖଣ୍ଡସ୍ତରରେ ମଧ୍ୟ ୪୬ଟି ସରକାରୀ ପରୀକ୍ଷାଗାର ରହିଛି। ପ୍ରତ୍ୟେକ ପରୀକ୍ଷାଗାରରେ ବର୍ଷକୁ ହଜାର ହଜାର ସଂଖ୍ୟାରେ ଜଳର ନମୁନା ପରୀକ୍ଷା କରାଯାଉଛି। ଜଳର ରସାୟନିକ ପରୀକ୍ଷା ସହିତ ଜୀବାଣୁ ଜନିତ ପରୀକ୍ଷା କରାଯାଇ ଆବଶ୍ୟକ ପ୍ରତିଷେଧକ ନିଆଯାଉଛି। ତେବେ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ପୁଣି ଡାଇରିଆ ବ୍ୟାପିବା ସରକାରୀ କଳର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ବଦଳିବା ପରେ ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥା ଢ଼ିଲା ହୋଇ ଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ଗଭୀର ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଡାକ୍ତର ରମେଶ ଚନ୍ଦ୍ର ହୋତା କହିଛନ୍ତି, ଡାଇରିଆ ଏକ ଋତୁଭିତ୍ତିକ ରୋଗ(ସିଜିନାଲ୍ ଡିଜିଜ୍) ନୁହେଁ। ଏହା ଯେକୌଣସି ସମୟରେ ବି ହୋଇପାରେ। ଏହା ବିଶେଷକରି ଦୂଷିତ ପାଣି କିମ୍ବା ଖାଦ୍ୟ ଯୋଗୁଁ ବ୍ୟାପିଥାଏ। ପାଣିରେ ଦୀର୍ଘଦିନ ପର୍ଯ୍ୟନ୍ତ ଭିବ୍ରିଓ କଲେରା ରହିପାରେ। ତେଣୁ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ପ୍ରତି ବିଶେଷ ଦୃଷ୍ଟି ଦେଲେ ଏହାକୁ ପ୍ରତିହତ କରିହେବ। ସେହିଭଳି ପାଣି ପରୀକ୍ଷା କରିବାର ମଧ୍ୟ କିଛି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ନାହିଁ। ଦୂଷିତ ପାଣି ସନ୍ଦେହ ଉପୁଜିଲେ, ତୁରନ୍ତ ଏହାର ପରୀକ୍ଷା କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଅବହେଳାକୁ ନେଇ...

ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରେ ହଇଜା ଭୟଙ୍କର ରୂପ ନେଉଥିବା ବେଳେ ଅନ୍ୟ ଜିଲ୍ଲାକୁ ମଧ୍ୟ ଏହା ବ୍ୟାପିବାକୁ ଲାଗିଲାଣି। ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ ଜଣ ପ୍ରାଣ ହରାଇବା ମୋତେ ବ୍ୟଥିତ କରିଛି। ସେମାନଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର ସମବେଦନା ଜଣାଉଛି। ତେବେ ରାଜ୍ୟର ଏତେବଡ଼ ସ୍ପର୍ଶକାତର ପ୍ରସଙ୍ଗକୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ ଓ ବିଚଳିତ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଘମାଘୋଟ ଲଢ଼େଇ...

ଗତରାତିରେ ଇରାନର ପ୍ରତିରକ୍ଷା ବିଭାଗ ମୁଖ୍ୟାଳୟ ଉପରେ ମଧ୍ୟ ଇସ୍ରାଏଲ ଆକ୍ରମଣ କରିଥିବା ଖବର ମିଳିଛି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଗତ ତିନି ଦିନ ମଧ୍ୟରେ ଇରାନର ୭୨ରୁ ଅଧିକ ସାମରିକ ଭିତ୍ତିଭୂମି ସହିତ ୧୭୦ଟି ସ୍ଥାନରେ କ୍ଷେପଣାସ୍ତ୍ର ଏବଂ ବୋମାମାଡ଼ କରାଯାଇଛି। ଏହି ଅଭିଯାନରେ ୨୦ରୁ ଅଧିକ ଲଢୁଆ ବିମାନ ସାମିଲ ହୋଇଥିଲେ। ଗତକାଲି ଇସ୍ରାଏଲ ଆକ୍ରମଣରେ ତେହେରାନରେ ଏକ ଆବାସିକ କୋଠା ଭୁଶୁଡ଼ିବା ଯୋଗୁଁ ୨୯ ଶିଶୁଙ୍କ ସମେତ ୬୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ।

ଇସ୍ରାଏଲରୁ ମିଳିଥିବା ସୂଚନା ଅନୁଯାୟୀ ଇରାନ ଆକ୍ରମଣରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି। ଗତ ରାତିସାରା ଇରାନ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଥିବା ବେଳେ ଏଥିରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଆବାସିକ କୋଠାକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଏଥିରେ ଅନେକ କୋଠା ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ଗତକାଲି ଇସ୍ରାଏଲର ସେନା ମୁଖ୍ୟାଳୟ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଇରାନର ଏଭଳି ଆକ୍ରମଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଚେତାବନୀ ଦେଇଛନ୍ତି ଯେ ଇରାନରେ ଆୟୋତୋଲ୍ଲା ପ୍ରଶାସନର ସବୁ ଟାର୍ଗେଟ ଉପରେ ଆକ୍ରମଣ କରାଯିବ।

ଅନ୍ୟପକ୍ଷରେ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାକଚି କହିଛନ୍ତି ଯେ ଇରାନ ଓ ଆମେରିକା ମଧ୍ୟରେ ପରମାଣୁ କଥାବାର୍ତ୍ତା ଚାଲିଥିଲା ଏବଂ ଚୁକ୍ତି ପାଇଁ ପଥ ପ୍ରସ୍ତୁତ ହେଉଥିବା ବେଳେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରି ଇସ୍ରାଏଲ ଭୟଙ୍କର ଭୁଲ କରିଛି। କଥାବାର୍ତ୍ତାକୁ ଭଣ୍ଡୁର କରିବା ସହିତ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ସୃଷ୍ଟି କରିବାକୁ ଇସ୍ରାଏଲ ଚକ୍ରାନ୍ତ ଚଳାଇଛି। ସେ କହିଲେ ଯେ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ପରିଣାମ ଭୋଗିବାକୁ ଇସ୍ରାଏଲ ପ୍ରସ୍ତୁତ ରହୁ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେ ଚାହିଲେ ଯୁଦ୍ଧ କିଛି କ୍ଷଣ ମଧ୍ୟରେ ଶେଷ ହୋଇଯିବ। ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧର ଉଦାହରଣ ଦେଇ ସେ କହିଲେ ଯେ ତାଙ୍କ ଯୋଗୁଁ ଦୁଇ ଦେଶ ଅସ୍ତ୍ରବିରତି କରିଥିଲେ। ଇରାନ ଓ ଇସ୍ରାଏଲ ମଧ୍ୟରେ ମଧ୍ୟ ଯୁଦ୍ଧବିରତି ହୋଇଯିବ। ଏଥିପାଇଁ ବିଭିନ୍ନ ସ୍ତରରେ କଥାବାର୍ତ୍ତା ଚାଲିଥିବା ସେ କହିଛନ୍ତି।

## ଯାଜପୁରରେ ପୁଣି...

କିନ୍ତୁ ଏ ପର୍ଯ୍ୟନ୍ତ ସରକାରୀ ଭାବେ କେବଳ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଅପରପକ୍ଷେ, ଜିଲ୍ଲାରେ ଡାଇରିଆ ସ୍ଥିତି ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ପ୍ରଶାସନ ଓ ସରକାରଙ୍କ ଉପରୁ ଲୋକଙ୍କ ଭରସା ତୁଟିଗଲାଣି। ଏଥିପାଇଁ ଗାଁ ଗାଁରେ ଏବେ ଲୋକ ପୂଜା ପାଠ ଆରମ୍ଭ କଲେଣି।

ହଇଜା ସ୍ଥିତିର ସମୀକ୍ଷା କରିବା ପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଜିଲ୍ଲାରେ ପହଞ୍ଚି ବିଭିନ୍ନ ଡାକ୍ତରଖାନାରେ ରୋଗୀଙ୍କୁ ଭେଟିବା ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ବଡ଼ଚଣା, ଧର୍ମଶାଳା, ମଧୁବନ ରସୁଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଉପସ୍ଥିତ ଡାକ୍ତରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ସ୍ୱାସ୍ଥ୍ୟବିଭାଗ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, କେନ୍ଦ୍ରୀୟ ଦଳର ସଦସ୍ୟ ଗଣ ଓ ଜନ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ହଇଜାର ଚେନ୍‌କୁ ଭାଙ୍ଗିବା ପାଇଁ ଝାଡାବାନ୍ତିରେ ଆକ୍ରାନ୍ତ ପରିବାରକୁ ଇଞ୍ଜେକ୍ସନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ପ୍ରତିନିଧି ଦଳ ଜିଲ୍ଲାରେ ପହଞ୍ଚି ଉଭୟ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ରିପୋର୍ଟ ଆସିବା ପରେ ହଇଜାର ପ୍ରକୃତ କାରଣ ଜଣାପଡିବ ବୋଲି ମନ୍ତ୍ରୀ କହିଛନ୍ତି। ଜିଲ୍ଲାରେ ମୃତ୍ୟୁବରଣ କରିଥିବା ରୋଗୀ ସଂଖ୍ୟା ସଂପର୍କରେ ସର୍ଭେ କରାଯାଉଛି ବୋଲି କହିଥିଲେ। ଜିଲ୍ଲାରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ନଳକୂପ, କୂପ ଓ ଓଭରହେଡ୍ ଟାଙ୍କି ଥିବା ଜଳ ଉତ୍ସଗୁଡ଼ିକୁ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ବିଶୋଧନ କରାଯାଉଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶ ସମ୍ପର୍କୀୟ ସଚେତନତା ବାର୍ତ୍ତା ବାରମ୍ବାର ସାମାଜିକ ଗଣମାଧ୍ୟମରେ ଜନସାଧାରଣଙ୍କ ସଚେତନତା ନିମନ୍ତେ ପ୍ରଚାର ପ୍ରସାର କରାଯାଉଛି। ଏତଦ୍‌ବ୍ୟତୀତ ଆଶା, ଅଙ୍ଗନବାଡି କର୍ମୀ, ଏଏନ୍‌ଏମମାନଙ୍କ ମାଧ୍ୟମରେ ଘରକୁ ଘର ବୁଲି ସଚେତନ କରାଯାଉଛି। ସ୍ୱତନ୍ତ୍ର ମେଡିକାଲ ଟିମ୍ ସମ୍ବେଦନଶୀଳ ଅଞ୍ଚଳରେ ପହଞ୍ଚି ଚିକିତ୍ସା ଯୋଗାଇ ଦିଆଯାଉଛି। ବ୍ଲିଚିଂ ପାଉଡର, ହଲୋଜିନ ଟାବଲେଟ୍ ଓ ଓଆର୍‌ଏସ୍ ବଣ୍ଟନ କରାଯାଉଛି। ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି।

## ୬ ପଦ ପାଇଁ...

ସୂଚନା ଅନୁସାରେ ମୋହନ ସରକାରଙ୍କ ନୂଆ ମନ୍ତ୍ରୀ ପରିଷଦର ନକ୍ସା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି। କେଉଁ ମନ୍ତ୍ରୀ ସରକାରରୁ ବାଦ ପଡ଼ିବେ, କାହାର ବିଭାଗ ପରିବର୍ତ୍ତନ ହେବ ସେ ସମ୍ପର୍କରେ ଆପାତତଃ ନିଷ୍ପତ୍ତି ହୋଇଛି। ତେବେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଗୋପନୀୟତା ଅବଲମ୍ବନ କରାଯାଉଛି। ଅନ୍ୟପକ୍ଷରେ ମନ୍ତ୍ରୀ ପରିଷଦରେ ଖାଲି ପଡ଼ିଥିବା ୬ ପଦ ପାଇଁ ବିଭିନ୍ନ ଗୋଷ୍ଠୀର ୬୦ ନେତା ଆଶାୟୀ ଥିବାରୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଅନେକ ବିଭାଗର ରିପୋର୍ଟ କାର୍ଡ଼ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ଅଭିଜ୍ଞତାର ଅଭାବ, ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗର ଦାୟିତ୍ୱ ସେମାନଙ୍କ ପ୍ରଦର୍ଶନ ଉପରେ ନକରାତ୍ମକ ପ୍ରଭାବ ପକାଇଛି। ଏହି ଆଧାରରେ ଆଗାମୀ ସମ୍ପ୍ରସାରଣ ସମୟରେ ୨ରୁ ୩ ଜଣ ମନ୍ତ୍ରୀ ବାଦ୍ ପଡ଼ିବାର ସମ୍ଭାବନା ରହିଛି ଓ ବହୁ ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ସେହିପରି ବଳକା ୬ଟି ମନ୍ତ୍ରୀ ପଦ ପାଇଁ ଆଶାୟୀ ନିଜ ନିଜସ୍ତରରେ ଲବି ଜାରି ରଖିଥିବା ବେଳେ ସବୁ ବିଧାୟକ ମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି। ପ୍ରଥମଥର ନିର୍ବାଚିତ ହୋଇଥିବା ଅନେକ ବିଧାୟକଙ୍କୁ ସରକାରରେ ମନ୍ତ୍ରୀ ପଦ ମିଳିଥିବାରୁ ସେମାନେ ମଧ୍ୟ ନିଜକୁ ଏଥିପାଇଁ ଯୋଗ୍ୟ ମନେ କରୁଛନ୍ତି। ତେବେ ଦଳର ବିଭିନ୍ନ ଗୋଷ୍ଠୀ ଓ ବଡ଼ ନେତାଙ୍କ ଅନୁଗତ କୁହାଯାଉଥିବା ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ବିଧାୟକ ମନ୍ତ୍ରୀ ପଦ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ସେହିପରି ନିଜ ନିଜ ଅନୁଗତଙ୍କ ପାଇଁ ରାଜ୍ୟ ବିଜେପିର କିଛି ଛାମୁଆ ନେତା ଉଭୟ ଓଡ଼ିଶା ଏବଂ ଦିଲ୍ଲୀସ୍ତରରେ ଲବି ଜାରି ରଖିଛନ୍ତି। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସର୍ବାଧିକ ଭୂମିକା ମୁଖ୍ୟମନ୍ତ୍ରୀଙ୍କର ହେବା ନେଇ ଦିଲ୍ଲୀ ନେତୃତ୍ୱ ସଙ୍କେତ ଦେଇଥିବା ବେଳେ ଏଥିଯୋଗୁଁ ଆଶାୟୀଙ୍କ ହୃଦସ୍ପନ୍ଦନ ବଢ଼ିଯାଇଛି। ସମ୍ପ୍ରସାରଣ ବେଳେ ଜିଲ୍ଲାୱାରୀ ସମୀକରଣ, ଦଳୀୟ ଆନୁଗତ୍ୟକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଥିବା ବେଳେ ଏଥିଯୋଗୁଁ ଅନେକ ଟାଣୁଆ ନେତାଙ୍କୁ ଆଗାମୀ ସମ୍ପ୍ରସାରଣରେ ନିରାଶ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି। ସେହିପରି ମନ୍ତ୍ରିମଣ୍ଡଳରେ ମହିଳା ଭାଗିଦାରୀ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଏକପ୍ରକାର ନିଷ୍ପତ୍ତି ନେଇଥିବା ବେଳେ ଯୁବ ଚେହେରାଙ୍କୁ ମଧ୍ୟ ସମାନ ସୁଯୋଗ ପ୍ରଦାନ କରିବାକୁ ଯାଉଛନ୍ତି। ସେହିପରି ଯେଉଁ ଜିଲ୍ଲାଗୁଡ଼ିକରୁ ସରକାରରେ ପ୍ରତିନିଧିତ୍ୱ ମିଳିନାହିଁ, ସେହି ଜିଲ୍ଲାଗୁଡ଼ିକୁ ଆଗାମୀ ସମ୍ପ୍ରସାରଣ ବେଳେ ସୁଯୋଗ ମିଳିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହା ପରେ ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିଥିବା ବରିଷ୍ଠ ନେତାଙ୍କୁ ନିଗମ, ବୋର୍ଡ଼ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ଦିଆଯାଇ ସନ୍ତୁଷ୍ଟ କରାଯିବାକୁ ଚେଷ୍ଟା କରାଯିବ ବୋଲି ସୂଚନା ମିଳିଛି।

## ଜଳଭଣ୍ଡାରକୁ ଡେଇଁ...

ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ସେମାନେ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିଲେ। ଉଭୟଙ୍କର ମୋବାଇଲ୍ ଜଳଭଣ୍ଡାର ଭିତରୁ ମାଛ ଧରାଳି ଉଦ୍ଧାର କରି ଦେବା ପରେ ସେମାନେ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଥିଲା। ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ପ୍ରେମୀଯୁଗଳଙ୍କ ହାତ ବନ୍ଧା ଯାଇଥିବା ଅବସ୍ଥାରେ ମୃତଶରୀର ଉଦ୍ଧାର କରାଯାଇଥିଲା। ସେମାନେ ପାଣିକୁ ଡେଇଁବା ପୂର୍ବରୁ ଉଭୟ ପରସ୍ପର ହାତକୁ ବାନ୍ଧି ଦେଇଥିବା ଅନୁମାନ କରାଯାଉଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ଉଭୟଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

**NOTICE**
**(above 18 years of age)**

By virtue of an affidavit sworn before Executive Magistrate(K), Udala, Mayurbhanj, dated 05-05-2025, I Bisal Sahu, Address At- Chotraypur, PO- Khaladi, PS- Udala, Dist- Mayurbhanj, Odisha, Pin- 757041 declare that I have changed my name from Bishal Kumar Sahu to Bisal Sahu. Henceforth, I shall be known as Bisal Sahu for all purposes.

Bisal Sahu

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 22/05/2025. I, **Laxman Sahu** (Applicant name) Son of Debendra Sahu, permanent resident of At- Sargiguda (Ram Mandir Road), P.O./P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Monalisa Sahu** (old name) To **Payal Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Payal Sahu** (new name).

Laxman Sahu

# ତାସ୍‌ଖେଳ, ଦୋଳି, ଖିଆପିଆରେ ସବୁଠି ଆନନ୍ଦ





## ରଜ ନାଚଗୀତରେ ଝୁମୁଛନ୍ତି କୁମାରୀ କନ୍ୟା

ଆନନ୍ଦପୁର, ୧୫।୬(ସମିସ)



ଶାଳପଡା ନୂଆ କଲୋନୀ ମହାବୀର ରଜ ଉତ୍ସବରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ନିଜ ଗାଁର ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର ନୃତ୍ୟ ଶିଳ୍ପୀମାନେ ଆକର୍ଷଣୀୟ କଳା ପରିବେଷଣ କରିଥିଲେ। ମଞ୍ଚକୁ ଉଦଘାଟନ କରିଥିଲେ ଅତିଥି ପ୍ରଧାନଶିକ୍ଷକ କେଶବଚନ୍ଦ୍ର ମିଶ୍ର, ଯଦୁନାଥ ଦାଶ, ନୃତ୍ୟଗୁରୁ ଜିତୁ ଦାଶ। କୋଦଣ୍ଡ ଜେନା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ନରେନ୍ଦ୍ର ଦଳାଇ ସଭାକୁ ପରିଚାଳନା କରିଥିଲେ। ଆଇନଜୀବୀ ଅଶୋକ ସେଠୀ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ୪୦ରୁ ଅଧିକ ନୃତ୍ୟ ଶିଳ୍ପୀ ନୃତ୍ୟାଭିନୟ "ଆକାଶ ଓ ମାଟି" ପରିବେଷଣ କରିଥିଲେ। ରଜ ଗୀତ, ସମ୍ବଲପୁରୀ, ପଲ୍ଲୀ, ଝୁମର ନୃତ୍ୟର ତାଳେ ତାଳେ ଦର୍ଶକ ମତୁଆଲା ହୋଇଥିଲେ। ଇଂଜିନିୟର ଅଶୋକ ଦାଶ, ନରେନ୍ଦ୍ର ଦଳାଇ ନୃତ୍ୟ ଶିଳ୍ପୀଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରିଥିଲେ।

ସେହିପରି ଆନନ୍ଦପୁର ବଡ଼ଦାଣ୍ଡଠାରେ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କମିଟିର ସଭାପତି ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ନିରାକାର ଦଳେଇ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ରମାକାନ୍ତ ନାୟକଙ୍କ ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ସିନେତାରକା ଆକାଶ ଦାସ ନାୟକ, ବିଶିଷ୍ଟ ଅତିଥି ଶିଳ୍ପୋଦ୍ୟୋଗୀ ତାରାରଞ୍ଜନପଟନାୟକ, ସମ୍ମାନିତ ଅତିଥି ପୃଥ୍ୱୀରାଜ କୁଆଁର, ସମାଜସେବୀ ଝାନ୍ସୀରାଣୀ ଦାସ, ଓକିଲ ସଂଘ ସଭାପତି ଦୟାନିଧି ଦାଶ ଯୋଗ ଦେଇଥିଲେ । ରଜ କମିଟିର ସଂଯୋଜକ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଭାଗୀରଥି ଦାଶ, ସାବିତ୍ରୀ ଦାସ, ପ୍ରଣୟନି ବ୍ରହ୍ମ, ମମତାରାଣୀ ଜେନା, ସବିତା ଦାସ, ଉମାକାନ୍ତ ନାୟକ, ଅରବିନ୍ଦ ମିଶ୍ର, ଅଶୋକ ସାହୁ, ପଦ୍ମନାଭ ପାତ୍ର କୃତୀ ପ୍ରତିଯୋଗୀଙ୍କ ଚୟନ କରିଥିବା ବେଳେ ରଜ କମିଟିର ସଦସ୍ୟ ଗୋପାଳ ପାଣି, ସୁଦାମ ଚରଣ ମଙ୍ଗଳ, ଗଣେଶ୍ୱର ମହାନ୍ତି, ସୋମନାଥ ମିଶ୍ର, ରୁଦ୍ରନାରାୟଣ ରାଜ୍ ସହଯୋଗ କରିଥିଲେ।

## ମିନାବଜାର ଓ ଆଲୋକମାଳାରେ ଝଲସୁଛି ବାମ୍ପିଡ଼ି



**ରାମଚନ୍ଦ୍ରପୁର:** ରଜ ପାଇଁ ଚଳଚଞ୍ଚଳ ଆଉ ଉତ୍ସବମୁଖର ହୋଇ ଉଠିଛି କେନ୍ଦୁଝର ଜିଲ୍ଲାର ପୁରପଲ୍ଲୀ। ଘଷିପୁରା ବ୍ଲକ ଅଳତି ଗ୍ରାମରେ ବଡ଼ ଧୁମ୍‌ଧାମ୍‌ରେ ତିନି ଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବକୁ ଶନିବାର ସନ୍ଧ୍ୟାରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡ. କାହ୍ନୁଚରଣ ଧୀର, ସମ୍ମାନିତ ଅତିଥି ଭାବେ ସମାଜସେବୀ ରୁଦ୍ର ପରିଡା, ଡ.ରତିକାନ୍ତ ବରାଳ, ମାନସରଂଜନ ନାୟକ, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ, ସମିତିସଭ୍ୟା ଖୁଲଣା ସେଠୀ ପ୍ରମୁଖ ଉଦଘାଟନ କରିଥିଲେ। ରଜ ଉତ୍ସବରେ କୁମାରୀ କନ୍ୟା ସହ ମହିଳାମାନେ ରଜଦୋଳିର ଭରପୂର ମଜା ନେବା ସହ ବିଭିନ୍ନ ଖେଳକୁଦରେ ମସଗୁଲ ରହିଥିଲେ। ରଜ କମିଟି ପକ୍ଷରୁ ବିବାହିତ ମହିଳାଙ୍କ ପାଇଁ ଝୋଟିଚିତା ସହ ଏକ ବଲ ଫିଙ୍ଗା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅନେକ ଦର୍ଶକ ଏହାର ମଜା ନେଇଥିଲେ। ରବିବାର ପାରମ୍ପରିକ ହୁଳୁହୁଳି ଏବଂ ଶଙ୍ଖଫୁଙ୍କା ସହ ମହିଳାଙ୍କୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଏବଂ ରଜ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ସୂଚନା ରହିଛି। ରାମଚନ୍ଦ୍ରପୁର ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ଫୋର୍ସ ମୁତୟନ କରାଯାଇଛି।



ସେହିପରି ମଦନପୁର ପଞ୍ଚାୟତ ବାମ୍ପିଡି ଗ୍ରାମରେ ରଜ ମହୋତ୍ସବ ପଡ଼ିଆକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବା ସହ ବିଭିନ୍ନ କିସମର ଦୋଳି ସହ ମିନାବଜାର ଏବଂ ଆଇସକ୍ରିମ୍, ଚଟପଟି ଦୋକାନର ପସରା ମେଲିଛି। ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ,ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଗୋପୀନାଥ ସ୍ୱାଇଁ, ନନ୍ଦକିଶୋର ବେହେରା, ଶରତ ରାଉତ,ସମାଜସେବୀ ବଳରାମ ବେହେରା ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ସାହିତ୍ୟିକ ଉମାକାନ୍ତ ଜେନା ଯୋଗ ଦେଇଥିଲେ। ପିଲାଙ୍କ ମେଳରେ ରଜ ପାନ ଖାଇଥିଲେ। ରଜ ଉତ୍ସବରେ ଗାଁର ମୁରବୀ ଅର୍ଜୁନ କର, ଗଙ୍ଗାଧର ପତି, ନିରଞ୍ଜନ ମିଶ୍ର, ଅଧ୍ୟାପକ ଦେବେନ୍ଦ୍ର ମିଶ୍ର, ଜନାର୍ଦ୍ଦନ ମିଶ୍ର, ମନୋରଂଜନ ପତି ଉତ୍ସାହିତ କରିଥିଲେ।

## ରଜପର୍ବ ପାଇଁ ଗ୍ରାମାଞ୍ଚଳ ଉତ୍ସବମୁଖର



**ହାଟଡ଼ିହୀ,୧୫।୬(ସମିସ):** ଓଡ଼ିଶାର କୃଷିଭିତ୍ତିକ ତଥା ପାରମ୍ପରିକ ଗଣପର୍ବ ଭାବେ ରଜପର୍ବଟିକୁ ସମଗ୍ର ହାଟଡ଼ିହୀ ଅଞ୍ଚଳ ବଡ଼ ଧୁମଧାମରେ ପାଳନ କରୁଥିବା ବେଳେ ଆଜି ୨ୟ ଦିନରେ ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇ ଉଠିଛି। ପ୍ରତ୍ୟେକ ସ୍ଥାନରେ ଭଳିକି ଭଳି ଦୋଳି ଲାଗିଥିଲା ବେଳେ ସେହି ସ୍ଥାନରେ ତିଆରି ହୋଇଥିବା ସେଲ୍ଫି ପୋଷ୍ଟଗୁଡ଼ିକ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। କୁନି ଛୁଆଠୁଁ ଆରମ୍ଭ କରି ଯୁବପିଢ଼ି ଏପରିକି ବୟସ୍କ ବ୍ୟକ୍ତି ଏବଂ ବୃଦ୍ଧବୃଦ୍ଧା ମଧ୍ୟ ଫଟୋ ଉତ୍ତୋଳନ କରି ମଜା ଉଠାଉଛନ୍ତି। ଚଳିତବର୍ଷ ଶନିବାର ଦିନ ପହଲି ରଜ ପାଳନ ହୋଇଥିଲା ବେଳେ ଆଜି(ରବିବାର) ରଜ ସଂକ୍ରାନ୍ତି ପାଳନ ହୋଇଛି। ମରେଇଗାଁ, ବଞ୍ଚୋ, ଜମ୍ବିରା, ତରଭା, ମୁଗୁପୁର, ସୁଲଣ, ଆମ୍ବଗଡିଆ, ସଢ଼ା, ସମଣା, ବଡ଼ ରମ୍ପାସ, ନୂଆ ରମ୍ପାସ, ତେମଳା, ଜଳସରପୁର, ଅଁରା, ଶାଳଣିଆଁ, ନସିରପୁର, ଛେନାପଦି ପୁରୁଣାପାଣି, ଅସିଆ, ଶାସଙ୍ଗ, ଚୋଗଡିଆ, ଡ଼ଙ୍ଗାଚୁଆ, କାଳିଆମ୍ବ, ହଦଗଡ଼, ବଣିଆଁପଙ୍କ, ରାଇଘାଟି, ମହୁଲପଙ୍ଖା, ବଉଳା, ବାଙ୍ଗାର ଓଏମସି ପଡ଼ିଆ ଆଦିରେ ରଜ ମହୋତ୍ସବ ଖୁବ ଜାକଜମକରେ ପାଳନ ହେଉଛି। ପିଠାମିଠା ସହ ରଜ ପାନ ଖାଇ ଝିଅଛୁଆମାନେ ଦୋଳି ଖେଳି ବେଶ୍ ମଜା ନେଉଛନ୍ତି। ଆଭ୍ୟନ୍ତରୀଣ ପାଣିପାଗରେ ଉଷ୍ମପ୍ରବାହ ପାଇଁ ସକାଳ ୧୦ଟା ଠାରୁ ଦିନ ୪ଟା ଯାଏଁ ରଜ ମଉଜ ଫିକା ପଡ଼ିଯାଉଛି। ଝିଅ ଛୁଆଙ୍କ ସଜବାଜ ମଉଳି ଯାଉଥିବା ବେଳେ ସେମାନେ ଗଛ ଛାଇ, ଫ୍ୟାନ ପବନରେ ସମୟ କାଟି କେବଳ ସନ୍ଧ୍ୟା ସମୟରେ ଦୋଳି ଖେଳି ଆନନ୍ଦ ନେଉଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଜଡ଼ାବାଙ୍କ, ସିଆଡ଼ିମାଳିଆ, ମଲ୍ଲିପଶି, କେତକୀ, ଡ଼ଙ୍ଗାବାହାଳି, ପାଳବଣି, ପିତାନାଉ, ଦଳିକି, ଜୁଣପଶି, ଫୁଲଝର ଭଳି ଗାଁରେ ରଜ ଉତ୍ସବ ଖୁବ ଚିତ୍ତାକର୍ଷକ ହେଉଛି। ବିଧାୟକ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ ବିଭିନ୍ନ ସ୍ଥାନର ରଜ ଉତ୍ସବର ଉଦଘାଟନ କରିଛନ୍ତି। ରଜ ଉତ୍ସବରେ ବିଭିନ୍ନ ସ୍ଥାନରେ ଜମୁଛି ମୀନବଜାର ସହ ରଜ ପାନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ।



## ଦୁର୍ଘଟଣାରେ ୨ ଗୁରୁତର

**ହାଟଡ଼ିହୀ,୧୫।୬(ସମିସ):** ଆନନ୍ଦପୁର-ଭଦ୍ରକ ରାସ୍ତାର ହାଟଡ଼ିହୀ ହାଇସ୍କୁଲ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣ ଗୁରୁତର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ସେମାନଙ୍କୁ ଉଦ୍ଧାର କରାଯାଇଥିଲା ବେଳେ ପରେ ଜଣଙ୍କୁ ଭଦ୍ରକ ପଠାଯାଇଛି। ଜଣେ ଡଙ୍କୁରୀ ଗ୍ରାମର ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ପଦାଡ଼ ଅଞ୍ଚଳରେ ବୋଲି ଜଣାଯାଇଛି।

## ଯୁବକଙ୍କ ଅକାଳ ବିୟୋଗ

**ହାଟଡ଼ିହୀ,୧୫।୬(ସମିସ):** ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଓରାଳି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଗ୍ରାମର ଶରତ ଜେନା। ବାଲେଶ୍ୱରରେ କାମ କରୁଥିଲେ। ଶୁକ୍ରବାର ଘରକୁ ଆସିଥିଲେ। ବୁଲିବାକୁ ଯାଇଥିବା ବେଳେ ଗାଁ ପୋଖରୀ ହୁଡ଼ାରୁ ତାଙ୍କ ମୃତଦେହ ମିଳିଥିଲା। ନନ୍ଦିପଦା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**କେନ୍ଦୁଝର,୧୫।୬(ସମିସ):** କେନ୍ଦୁଝର ଥାନା ଅନ୍ତର୍ଗତ ବାଉରିପଦା ପଞ୍ଚାୟତ ସଦର ଗ୍ରାମର ବୃଦ୍ଧା ରଜନୀ ମହାକୁଡ଼ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ରବିବାର ସେ ଘର ପାଖ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତଦେହ ଶବଗୃହରେ ରଖା ଯାଇଛି। ଶନିବାର ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ।

## ଫାଙ୍କା ଗୁଳି ଚାଳନା କରି ୨ ଲକ୍ଷ ଲୁଟ୍

**ତୁରୁମୁଙ୍ଗା/ଚମ୍ପୁଆ, ୧୫।୬(ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଧାତିକା ଜଙ୍ଗଲ ରାସ୍ତାରେ ଫାଙ୍କା ଗୁଳି ଚାଳନା କରି ୩ ଜଣ ଦୁର୍ବୃତ୍ତ ଲୁଟି ନେଇଛନ୍ତି ୨ ଲକ୍ଷରୁ ଅଧିକ ଟଙ୍କା। ସିଲିପୁଞ୍ଜି-ଭୋଦପଶି ରାସ୍ତାର ଧାତିକା ଜଙ୍ଗଲ ରାସ୍ତା ଦେଇ କେନ୍ଦୁଆ ଗ୍ରାମର ଯୁଧିଷ୍ଠିର ଗିରି ଅଙ୍ଗାରପଦା ହାଟରୁ ବଳଦ ବିକ୍ରି କରି ୩ ଜଣ ବାଇକ୍‌ରେ ଫେରୁଥିବା ସମୟରେ ଏହି ଲୁଟ୍ ହୋଇଛି। ଖବର ପାଇ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଲୁଟେରାଙ୍କୁ ଧରିବାକୁ ବାରିଆ ପୁଲିସର ଛାନଭିନ୍ ଜାରି ରହିଛି।

## ଆଇନଜୀବୀ ବିଜୟ ଦାଶଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର, ୧୫।୬ (ସମିସ):** ଶାଳପଡ଼ା ନିବାସୀ ତଥା ହାଇକୋର୍ଟ ବାର ଆସୋସିଏସନ୍ ପୂର୍ବତନ ସଭାପତି,, ଆଇନଜୀବୀ ବିଜୟ କୁମାର ଦାଶଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଟକ ସୁରକ୍ଷା କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ସରୋଜ କୁମାର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଶ୍ରୀ ଦାଶଙ୍କୁ କୋର୍ଟ ମିତ୍ର ଭାବେ ନିଯୁକ୍ତି ଏବଂ କଟକ ସହର ସମସ୍ୟା ପାଇଁ ହାଇକୋର୍ଟରେ ବିଭିନ୍ନ ମାମଲାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ମେୟର ସୁବାସ ସିଂହ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭଜମନ ବେହେରା, ହାଇକୋର୍ଟ ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଆଇନଜୀବୀ ଉମାକାନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରିୟମ୍ବଦା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆର୍ଜୁ ବିବି ଧନ୍ୟବାଦ ଅର୍ପଣ କରିଥିଲେ।

## ୫୦ ଜଣଙ୍କୁ ରାସନ କାର୍ଡ ବଣ୍ଟନ



**ଆନନ୍ଦପୁର, ୧୫।୬ (ସମିସ):** ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଖାଉଟି କଲ୍ୟାଣ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଘସିପୁରା ବିଡିଓ ବିନୀତା ବିଜୟିନୀ, ତହସିଲଦାର ଅଭୟ କୁମାର ସ୍ୱାଇଁ, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବପ୍ରସାଦ ଶ୍ରୀଚନ୍ଦନ, ଘସିପୁରା ବ୍ଲକ ଯୋଗାଣ ନିରୀକ୍ଷକ ସ୍ମୃତିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୫୦ ଜଣ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ରାସନ କାର୍ଡ ବଣ୍ଟନ କରାଯାଇଛି।

## ଗୁଲୁଦିପଶିରେ ଭାଗବତ ସତ୍‌ସଙ୍ଗ ଆସର



**ଚମ୍ପୁଆ, ୧୫।୬(ସମିସ):** ଚମ୍ପୁଆ ବ୍ଲକ କାଶିପାଳ ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମରେ ଚତୁର୍ଥ ବାର୍ଷିକ ଭାଗବତ ସତସଙ୍ଗ ଆସର ଗ୍ରାମର ହନୁମାନ ଛକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ, ସଂଗଠକ ଦିବାକର ମହାନ୍ତଙ୍କ ସଂଯୋଜନା ଓ ଭାଷ୍ୟକାର ଚୌଧୁରୀ ତନ୍ତୀଙ୍କ ଉପସ୍ଥାପନାରେ ଭାଗବତ ସତସଙ୍ଗ ଆସରରେ କବି, ପ୍ରବଚକ ଭାବଗ୍ରାହୀ ମହାନ୍ତ ମୁଖ୍ୟଅତିଥି, ପ୍ରବଚକ ଭାବେ ଯୋଗ ଦେଇଥିଲେ। ସଙ୍ଗୀତ କଳାକାର ଶିବଶଙ୍କର ପରିଡା, ବାଦ୍ୟ କଳାକାର ମୃଦଙ୍ଗରେ ଲୋଚନ ପାତ୍ର, ଡିବୁତବଲାରେ ଡାକ୍ତର ପଦ୍ମଲୋଚନ ମହାନ୍ତ, ଯନ୍ତ୍ରସଙ୍ଗୀତରେ କଳାକାର ରମାକାନ୍ତ ମହାନ୍ତ ଓ ତାଙ୍କ ସାଥୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାୟତ୍ରୀ ପରିବାର ସଂଯୋଜକ ପ୍ରସନ୍ନ ପତି ଭାଗବତ ପ୍ରବଚନ ପ୍ରଦାନ କରିଥିଲେ। ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଭାରତୀ ମହାନ୍ତ, ପୂର୍ଣ୍ଣମୀ ମହାନ୍ତ, ଲଳିତା ମହାନ୍ତ, ଭାନୁମତୀ ମହାନ୍ତ, ଗୋଲାପ ମହାନ୍ତ, ବୈଶାଖୀ ମହାନ୍ତ, ସନ୍ଧ୍ୟାରାଣୀ ମହାନ୍ତ, ନନ୍ଦିନୀ ମହାନ୍ତ, ବନିତା ମହାନ୍ତ ପ୍ରମୁଖଙ୍କ ସହଯୋଗରେ ସତସଙ୍ଗ ସମାରୋହ ପରିଚାଳିତ ହୋଇଥିଲା।

## ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ତୁରୁମୁଙ୍ଗା, ୧୫।୬(ସମିସ):** ପାଟଣା ବ୍ଲକ କଣ୍ଟିଆପଡ଼ା ଗ୍ରାମପଞ୍ଚାୟତ ବଲାଣିପଶି ଗ୍ରାମର ଶିକ୍ଷକ ଦିବାକର ମହାନ୍ତ ଓ ଗୃହିଣୀ ନୀଳିମା ମହାନ୍ତଙ୍କ ଜ୍ୟୋଷ୍ଠକନ୍ୟା ତଥା ଅବସରପ୍ରାପ୍ତ ବ୍ଲକ ସହକାରୀ ଶିକ୍ଷାଧିକାରୀ ଜଗବନ୍ଧୁ ମହାନ୍ତଙ୍କ ଝିଆରୀ ମେଧାବୀ ଛାତ୍ରୀ ମୋନାଲିସା ମହାନ୍ତ ଚଳିତବର୍ଷ ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ୫୬୭ ନମ୍ବର ରଖି ୬୨୮୧ ପାହ୍ୟାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ବ୍ଲକ ତଥା ଜିଲ୍ଲାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା କୁଡୁମି ସେନା ପକ୍ଷରୁ ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, କୋଷାଧକ୍ଷ ତଥା ମିଡ଼ିଆ ସଂଯୋଜକ ଲମ୍ବୋଦର ମହାନ୍ତ, ଯୁବ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଉପଦେଷ୍ଟା ଭୈରବ ମହାନ୍ତ, ଯଦୁମଣି ମହାନ୍ତ, ସଫଳ ଚାଷୀ ଧୀରେନ ମହାନ୍ତ, ବ୍ଲକ ସମ୍ପାଦିକା ହେମଲତା ମହାନ୍ତ, ପଞ୍ଚାୟତ ସଭାନେତ୍ରୀ ଚମ୍ପାବତୀ ମହାନ୍ତ, ସହଦେବ ମହାନ୍ତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ଜଣାଇବା ସହ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କୃତୀ ଛାତ୍ରୀ ମୋନାଲିସା ମହାନ୍ତ ମାଟ୍ରିକ ପରୀକ୍ଷାରେ ୯୫. ୬% ଏବଂ +୨ ପରୀକ୍ଷାରେ ୯୫. ୬% ଏବଂ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ୯୯. ୭୧% ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଜିନ୍ଦଲ କଷ୍ଟମ୍ ହାୟରିଂ ସେଣ୍ଟର ଉଦ୍‌ଘାଟିତ

### ସିଆଳିଯୋଡ଼ା କୃଷକ କ୍ଲବ୍‌କୁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦାନ

ଯୋଡ଼ା, ୧୫।୬(ସମିସ)




ନିରନ୍ତର କୃଷି ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଦେଓଝର ପଞ୍ଚାୟତ ସିଆଳିଯୋଡ଼ା ଗାଗରାଇସାହିରେ ଏକ କଷ୍ଟମ ହାୟରିଂ ସେଣ୍ଟର ଉଦଘାଟିତ ହୋଇଯାଇଛି। ଜିନ୍ଦଲ ଏଜୁକେସନ ଏଣ୍ଡ ୱେଲଫେୟାର ସୋସାଇଟି-ଜେଇଡବ୍ଲୁଏସ ଓ ମାଆ ବୁରୁ କୃଷକ କ୍ଲବ ସହବନ୍ଧନରେ ଏହି ସେଣ୍ଟରର ଶୁଭାରମ୍ଭ ହୋଇଛି। ଏଥିପାଇଁ ପ୍ରାଥମିକ ଭାବେ କୃଷକଙ୍କୁ ଗୋଟିଏ ଟ୍ରାକ୍ଟର, ଥ୍ରେସର, ରୋଟାଭେଟର ଓ ଟ୍ରଲି ପ୍ରଦାନ କରାଯାଇଛି। କମ ଖର୍ଚ୍ଚରେ ଏହି ଯନ୍ତ୍ରପାତି ମିଳୁଥିବାରୁ କୃଷି ସମ୍ପର୍କିତ ଖର୍ଚ୍ଚ ଚାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ। ସମ୍ମାନିତ ଅତିଥି ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି ଏହି ସେଣ୍ଟରର ଶୁଭାରମ୍ଭ କରିଥିଲେ। ଅର୍ଥନୀତିର ବିକାଶରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ କହିଥିଲେ। ଦେଶର ନିରନ୍ତର ବିକାଶରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଛି ବୋଲି ଶ୍ରୀ ପୁରୁଷୋତ୍ତମ ତାଙ୍କ ଅଭିଭାଷଣରେ କହିଥିଲେ। ଦେଓଝର ପଞ୍ଚାୟତସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା, ୱାର୍ଡମେମ୍ବର ଶୁକୁମତୀ ମୁଣ୍ଡା, ବିଶିଷ୍ଟ ସମାଜସେବୀ ତ୍ରିଲୋଚନ ପଲାଇ, ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା ଓ କୃଷକ କ୍ଲବର ସଭାପତି ପାଣ୍ଡିଆ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ କୃଷକଙ୍କ ସଶକ୍ତିକରଣରେ ଜିନ୍ଦଲ ପକ୍ଷରୁ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ଏହି ସମାରୋହରେ ମତ ପ୍ରକାଶ ପାଇଛି।

# ବର୍ଷେ ବିତିଲା, ସରୁନି ଖେଳପଡ଼ିଆ କାର୍ଯ୍ୟ

## ନିମ୍ନମାନର କାମକୁ ନେଇ ଅସନ୍ତୋଷ

ବେଲବାହାଲି, ୧୫।୬(ସମିସ): ନିମ୍ନମାନର ଖେଳ ପଡ଼ିଆ ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମବାସୀ ଏବଂ ଯୁବକମାନେ ବିଶେଷ



କରି ମନରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର କ୍ରୀଡ଼ା ପ୍ରତି କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ବହୁ ବର୍ଷ ଧରି ଦାବି କରାଯାଉଥିବା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଗ୍ରାମର ଖେଳପଡ଼ିଆ ବାବଦକୁ ୪୮ ଲକ୍ଷ ୭ ହଜାର ଟଙ୍କା ମଞ୍ଜୁର କରାଯାଇ ସ୍ଥାନୀୟ ଠିକାଦାରଙ୍କ ଜରିଆରେ ବର୍ଷକ ପୂର୍ବରୁ କାମ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୦% କାମ ସରି ନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ମୁତାବକ, ଠିକାଦାର ଖେଳପଡ଼ିଆର ଚାରିପାଖରେ ଥିବା ପାଚେରିରେ ବାଲି ସିମେଣ୍ଟ ଭାଗ କମ୍ ଥିବାରୁ ଏହା ହାତ ମାରିବା କ୍ଷଣି ଝଡ଼ିପଡୁଛି। ଏଥିସହ ନିମ୍ନମାନର ସାମଗ୍ରୀ ଲଗାଇ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ଚଳୁ କରୁଥିବା ଗ୍ରାମବାସୀ ଅଭିଯୋଗ କରି ଆସିଛନ୍ତି। ଉକ୍ତ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନଥିବାରୁ ମନମୁଖୀ କାର୍ଯ୍ୟ ଜାରି ରହିଛି। ଏହି ଖେଳ ପଡ଼ିଆ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପଟେ, ପ୍ରତ୍ୟେକ ବର୍ଷ ବୈତରଣୀ ନଦୀରେ ବନ୍ୟା ଆସିଲେ ଏହି ସ୍ଥାନରେ ନଦୀ ପାଣି ପଶି ଦୀର୍ଘ ଦିନ ଧରି ପୂରା ପଡ଼ିଆ ଜଳମଗ୍ନ ହୋଇଥାଏ। ଯଦି ଠିକାଦାର ଭଲ କାମ ନ କରନ୍ତି ତା'ହେଲ ଏହି ଖେଳପଡିଆ ବହୁ ଅଳ୍ପ ଦିନରେ ଭଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଚାରିପାଖରେ ଥିବା ପାଚେରିର ନିରାପଦ ପାଇଁ ରାଉଣ୍ଡ ଢଲେଇ ଦିଆଯାଇ ନଥିବା ବେଳେ ଏହା କେବଳ ଖୁବ୍ କମ୍ ପରିମାଣର ବାଲି ସିମେଣ୍ଟ ଦିଆଯାଇ ଥିବା ଅଭିଯୋଗ ହୋଇଛି। ପାଚେରିଟି ସମ୍ପୂର୍ଣ୍ଣ ନହୋଇ ଅଧାଗଢ଼ା ଭାବେ ପଡିରହିଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ସଠିକ୍ ତଦନ୍ତ କରି ଉନ୍ନତ ମାନର କାର୍ଯ୍ୟ କରିବା ପାଇଁ ଗ୍ରାମର ସୁଶାନ୍ତ ଜେନା, ସଞ୍ଜୟ ନାୟକ, ହିମାଂଶୁ ମହାନ୍ତି, ରାଜକିଶୋର ଧଳ, ସଞ୍ଜୀବ ନାୟକ, ମାନସ ଧଳ, ଚିଣ୍ଟୁ ଧଳ, ରାଜ ରାଉତ, ଟିଟୁ ରାଉତ, କାଳୀ ଧଳ, ବଗଲା ନାୟକ, ସନ୍ତୁ ନାୟକ ପ୍ରମୁଖ ଦାବି କରିଛନ୍ତି।

# ବଡ଼ଜାମବଣି ରଜପଡ଼ିଆରେ ଅନ୍ତାକ୍ଷରୀ ପ୍ରତିଯୋଗିତା

ମୋରଡ଼ା,୧୫।୬(ସମିସ):

ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତ ବଡ଼ଜାମବଣିର ଖଡ଼ିଆସାହି ପଡ଼ିଆରେ ବେଶ ଧୁମଧାମରେ ରଜପର୍ବ

- ଗୀତ ପ୍ରତିଯୋଗିତାରେ ଜିତି ପାଇଥିଲେ ଜୀବନସାଥି
- ୧୦ବର୍ଷ ଧରି ଖୁସିରେ ଅଛନ୍ତି ସାଗର, କବିତା



ଆୟୋଜିତ ହୋଇଛି। କେନ୍ଦୁଛାଟିଆ, ବଡ଼ଜୁଡ଼, ଦାମଦରପୁରର ଜଳବଣିରୁ ଅବିବାହିତ ଯୁବକମାନେ ଆସି ଦୋଳି ଖେଳର ମଜାନେବା ସାଙ୍ଗକୁ ବଡଜାମବଣିର ଝିଅମାନଙ୍କ ସହିତ ଗୀତ ପ୍ରତିଯୋଗିତା କରୁଥିବାର ଦେଖିବାକୁ ମିଳିଛି। ପରମ୍ପରା ମୁତାବକ ଖଡ଼ିଆ ସମ୍ପ୍ରଦାୟ ଅବିବାହିତ ଯୁବକ ଯୁବତୀ ରଜଦୋଳି ବାଦୀଗୀତ ମାଧ୍ୟମରେ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇ ଗୀତରେ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି। ଜିତିଥିବା ପ୍ରତିଯୋଗୀଙ୍କ ପସନ୍ଦ ହୋଇଥିବା ଯୋଡ଼ି ରଥଯାତ୍ରା ସମୟରେ ବିବାହ କରିଥାନ୍ତି। ଗୀତ ପ୍ରତିଯୋଗିତାରେ ଭାଗନେଇ ଜିତି ବିବାହ କରିଥିବା ବଡ଼ଜାମବଣି ଗ୍ରାମର ସାଗର ଦେହୁରୀ କୁହନ୍ତି; ରଜରେ ଗୀତ ପ୍ରତିଯୋଗିତାରେ ଜିତି ନିଜର ଜୀବନ ସାଥି ଭାବେ ଦଶ ବର୍ଷ ପୂର୍ବରୁ ଶୁଳିଆପଦାର ବେତନା ଗାଁରୁ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସେଠାରୁ ସେ କବିତା ଦେହୁରୀଙ୍କୁ ବିବାହ କରି ଘରକୁ ଆଣିଥିଲେ। ଦୀର୍ଘ ୧୦ବର୍ଷ ହେବ ସାଗର ଏବଂ କବିତା ଦୁହେଁ ବହୁତ ଖୁସିରେ ଜୀବନଯାପନ କରୁଛନ୍ତି। ଉକ୍ତ ଖଡ଼ିଆ ଦମ୍ପତିଙ୍କର ଦୁଇଟି ଝିଅଥିବା ବେଳେ ଗୋଟିଏ ମାତ୍ର ପୁଅ ରହିଛି। ସାଗର ସୁନ୍ଦର ସୁନ୍ଦର ଗୀତ ଗାଇ ଝିଅ ଗୋଷ୍ଠୀଙ୍କୁ ହରାଇ କବିତାଙ୍କୁ ବାଛି ବିବାହ କରିଥିଲେ। ସେ ସମୟରେ ଉକ୍ତ ଅଞ୍ଚଳରେ ବେଶ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଖଡ଼ିଆ ସମ୍ପ୍ରଦାୟର ଲୋକମାନଙ୍କ ଏହି ବିବାହ ବହୁ ପୁରାତନ କାଳରୁ ରହି ଆସିଅଛି। ଦୋଳିଗୀତରେ ପରାଜିତ ଯୁବକ ଯୁବତୀଙ୍କ ପସନ୍ଦ ହେଲେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି ଦୁହେଁ। ବାହାର ରାଜ୍ୟ ରଜପର୍ବକୁ ଧୁମଧାମରେ ପାଳନ କରୁଥିବା ବେଳେ ଏହି ପର୍ବକୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଆଦିମ ଖଡ଼ିଆ ଜନଜାତିର ଅବିବାହିତ ଯୁବକଯୁବତୀ ସାରା ବର୍ଷ ଅପେକ୍ଷା କରି ରହିଥାନ୍ତି। କାରଣ ଖଡିଆ ସମ୍ପ୍ରଦାୟରେ ରହିଛି ନିଆରା ପରମ୍ପରା।

## ଗୋମାଫିଆଙ୍କ ଆକ୍ରମଣରେ ଯୁବକ ଗୁରୁତର

ବୈଶିଙ୍ଗା,୧୫।୬(ସମିସ): ବୈଶିଙ୍ଗା ଥାନାଞ୍ଚଳରେ ଷଣ୍ଢଚାଲାଣ ଭ୍ୟାନକୁ ଅଟକାଇବାକୁ ଯାଇ ଗୋମାଫିଆଙ୍କ ଆକ୍ରମଣରେ ଜଣେ ଯୁବକ ଗୁରତର ହୋଇଛନ୍ତି। ସେହେଲେ ବୈଶିଙ୍ଗା ଥାନା ଅଧୀନ ପଣସିଆ ଗ୍ରାମର ଯୁବକ ହିମାଂଶୁ ସେଠୀ। ଶୁକ୍ରବାର ରାତିରେ ଥାନା ଅଧୀନ ଅଁଳାପଟରୁ ଏକ ଭ୍ୟାନରେ ଅମାନୁଷିକ ଭାବେ ଷଣ୍ଢଙ୍କୁ ଭର୍ତ୍ତିକରି ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଅଞ୍ଚଳକୁ ବେଆଇନ ଚାଲାଣ ହୋଉଥିବା ଖବର ପାଇଥିଲେ ପଣସିଆ ଅଞ୍ଚଳର କିଛି ଗୋପ୍ରେମୀ ଯୁବକ। ପଣସିଆ ଗ୍ରାମର ହିମାଂଶୁ ସେଠୀ ଓ ତାଙ୍କର ବନ୍ଧୁ ସଞ୍ଜୟଙ୍କ ସହ ମିଶି ନିଜ (ଓଡି-୦୧-ବିଏ-୩୧୦୭ ନଂ) କାରରେ ଭ୍ୟାନର ପିଛା କରିଥିଲେ। କିଛିବାଟ ଗଲାପରେ ଓଲିପୁରରେ ଗୋମାଫିଆ ମାନେ ଭ୍ୟାନ ଛିଡାକରି ଏସକୋର୍ଟ ଦେଇ ଚାଲିଥିବା ଯୁବକଙ୍କ ସହ ମିଶି ହିମାଂଶୁଙ୍କ କାରକୁ ଅଟକାଇ ଆକ୍ରମଣ କରିଥିଲେ। କାରକୁ ଭାଙ୍ଗିରୁଜି ରାସ୍ତା ପାର୍ଶ୍ୱକୁ ଗଡ଼େଇଦେବା ସହିତ ହିମାଂଶୁଙ୍କ ମୁଣ୍ଡକୁ ଲୁହାରଡରେ ଶକ୍ତ ପ୍ରହାର ଦେଇଥିଲେ। ଖବର ପାଇ ପଣସିଆ ଅଞ୍ଚଳରୁ ଗ୍ରାମବାସୀ ଯାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗୋମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ହିମାଂଶୁକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ଗ୍ରାମବାସୀ। ଖବର ପାଇ ବାଲେଶ୍ୱର ସଦର ପୁଲିସ ଘଟଣାସ୍ଥଳରୁ କାରକୁ ଜବତ କରି ଥାନାକୁ ନେଇଥିବାର ଜଣାପଡ଼ିଛି।

## ମୁଣ୍ଡାରୀ ୟୁଟ୍ୟୁବର୍, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନ୍‌ର ବାର୍ଷିକ ଉତ୍ସବ

ବାରିପଦା,୧୫।୬(ସମିସ): ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ମୁଣ୍ଡାରୀ ୟୁଟ୍ୟୁବର୍, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ (ମାଏପା)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା



ସମେତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ବହୁ ମୁଣ୍ଡାରୀ ୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଯୋଗଦେଇଥିଲେ। ସଂଗଠନର ଉଦ୍ଦେଶ୍ୟ ଉପରେ ମାଏପା ସଂଗଠନର ସଭାପତି ରବୀନ୍ଦ୍ର ନାଥ ସିଂ ଜାଲେୟା ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀରାମ ସଭା ପରିଚାଳନା କରିଥିଲେ। ପରେ ସାଧାରଣ ବୈଠକରେ 'ସମୟର ବିବର୍ତ୍ତନ ମଧ୍ୟରେ ଆଦିବାସୀ ମୁଣ୍ଡାରୀ ଭାଷାର ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ କଳାର ସ୍ଥିତି ଓ ଭବିଷ୍ୟତ' ବିଷୟ ଉପରେ ଆଲୋଚନା କରାଯାଇଥିଲା। 'ମୁଣ୍ଡାରୀ ଆଲବମ୍, ଚଳଚିତ୍ର ଓ ଯାତ୍ରାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏବଂ ଏହାର ସାମାଜିକ ଜୀବନ ଉପରେ ପ୍ରଭାବ'କୁ ନେଇ ବିଭିନ୍ନ ଆଦିବାସୀ ସଂଗଠନର ନେତୃ ମଣ୍ଡଳୀ ଏବଂ ବିଶେଷଜ୍ଞ ସମୂହଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ମୁଣ୍ଡା ସମାଜ ଓଡ଼ିଶା ଶାଖା ସଭାପତି ରବୀନ୍ଦ୍ର ନାଥ ସିଂ, ମୁଣ୍ଡାରୀ ସମାଜ ସାଁୱର ଜାମଡା ସଭାପତି ନନ୍ଦଲାଲ ସିଂ, ଏମଏଲସିସିର ଆବାହକ ବିରବଲ ସିଂ, ମାଏପାର ଉପଦେଷ୍ଟା ସୁନାରାମ ସିଂ, ଗୋବର୍ଦ୍ଧନ ସିଂ, ପଶ୍ଚିମବଙ୍ଗର କଳାକାର ପ୍ରଭାସ ସିଂ, ଝାରଖଣ୍ଡର କଳାକାର କିସୁନ୍ ପୂର୍ତ୍ତୀ ଏବଂ ସମିର ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମ୍ବର୍ଦ୍ଧନା ଉତ୍ସବ ସହିତ ନୂଆ ମୁଣ୍ଡାରୀ ଆଲବମ ରିଲିଜ କରାଯାଇଥିଲା। ଉତ୍ସବରେ ମୁଣ୍ଡାରୀ ଫିଲ୍ମ, ଯାତ୍ରା ଓ ଆଲବମର ପ୍ରଡ୍ୟୁସର, ନିର୍ଦ୍ଦେଶକ, କଳାକାର, କଣ୍ଟେଣ୍ଟ କ୍ରିଏଟର, ସଂଗୀତଜ୍ଞ, ଗୀତିକାର, ଅଭିନେତା ଓ ଅଭିନେତ୍ରୀ ପରି ବହୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ମାଏପାର ଉପସଭାପତି ଗୀତା ସିଂ, ସହ ସମ୍ପାଦକ ଗୌର ସିଂ, କୋଷାଧକ୍ଷ ନାଥ ସିଂ, ଯୁବ ପ୍ରତିଭା ବାଜି ସିଂ ସହିତ ମୁଣ୍ଡା ଆଦିବାସୀ ଯୁବ ସଂଗଠନର ସଦସ୍ୟମାନେ ସହଯୋଗ କରିଥିଲେ। ଶେଷରେ ସଂଗଠକ ରବୀନ୍ଦ୍ର ନାଥ ସିଂ କଟା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁରୁମୁଙ୍ଗା ପଞ୍ଚାୟତସମିତି ଗଠନ ପାଇଁ ଜୋର୍ ଧରିଲା ଦାବି



ତୁରୁମୁଙ୍ଗା, ୧୫।୬(ସମିସ): ତୁରୁମୁଙ୍ଗାକୁ ବ୍ଲକ୍ ଗଠନ ପାଇଁ ଦାବି ଜୋର୍ ଧରିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ହାଇସ୍କୁଲ ପଡ଼ିଆରେ ତୁରୁମୁଙ୍ଗାଠାରେ ବ୍ଲକ ଗଠନ ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈବଲ୍ୟ ଚରଣ ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅଞ୍ଚଳର ବିକାଶ ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବକଙ୍କୁ ନେଇ ଆଞ୍ଚଳିକ ବିକାଶ ପରିଷଦ ଗଠନ କରି ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ତୁରୁମୁଙ୍ଗାଠାରେ ବ୍ଲକ ଗଠନ ପାଇଁ ପାଟଣା, ଚମ୍ପୁଆ, ଝୁମ୍ପୁରା ଓ ସାହାରପଡ଼ା ବ୍ଲକର ୧୫ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ନିଜର ସମ୍ମତି ପ୍ରଦାନ କରିଥିବା ବେଳେ ଉକ୍ତ ସମ୍ମତିପତ୍ର ସହ ମୁଖ୍ୟମନ୍ତ୍ରୀ, କେନ୍ଦୁଝର ସାଂସଦ, ପାଟଣା ବିଧାୟକ ତଥା କେନ୍ଦୁଝର ଜିଲ୍ଲାପାଳଙ୍କୁ ତୁରୁମୁଙ୍ଗାଠାରେ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ଆଞ୍ଚଳିକ ବିକାଶ ପରିଷଦ ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ନିମନ୍ତେ ସରକାରଙ୍କ ନିକଟରେ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମୋଚିରାମ ସାହୁ, ପ୍ରଦୀପ ସାହୁ, ସୁଧାଂଶୁ ଶେଖର ସାହୁ, ପ୍ରଫୁଲ୍ଲ ବେହେରା, ଦିଲ୍ଲୀପ ସାହୁ, ରାମଚନ୍ଦ୍ର ସାହୁ, ସବ୍ୟସାଚୀ ସାହୁ, ଭରତଚନ୍ଦ୍ର ସାହୁ, ଇନ୍ଦ୍ରଜିତ ସାହୁ, ଜଗଦୀଶ ସାହୁ, ଗୌତମ ସାହୁ, ବରୁଣ ସାହୁ, ରତିରଞ୍ଜନ ପୃଷ୍ଟି, ଅଯୋଧ୍ୟା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଦିବସ




ବାରିପଦା,୧୫।୬(ସମିସ): ସାମ୍ପ୍ରତିକ ସମୟରେ ସମାଜରେ ବରିଷ୍ଠ ନାଗରିକଙ୍କ ପ୍ରତି ଦୁର୍ବ୍ୟବହାରର ମାତ୍ରା ବଢି ଚାଲିଥିବା ବେଳେ ତାହାର ପ୍ରତିକାର ଏବେ ସବୁଠାରୁ ବଡ଼ ଆହ୍ୱାନ। ଏହାର ସଚେତନତା ନିମନ୍ତେ ପ୍ରତିବର୍ଷ ଜୁନ ୧୫ ତାରିଖକୁ ବିଶ୍ୱ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ନକରିବା ନିମନ୍ତେ ସଚେତନତା ଦିବସ ଭାବରେ ପାଳନ କରାଯିବାକୁ ସରକାରଙ୍କ ତରଫରୁ ନିଷ୍ପତି ନିଆଯାଇଛି। ଏନେଇ ଜିଲ୍ଲା ଆଇନ ସେବାପ୍ରାଧିକରଣ ଦ୍ୱାରା ଆଜି ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ବାରିପଦାର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ଏବଂ ମୟୂରଭଞ୍ଜ ଅବସାରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ କଲେଜ ଶିକ୍ଷକ ସଂଘର ସଦସ୍ୟ ମାନଙ୍କୁ ନେଇ ବିଶ୍ୱ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ନକରିବା ନିମନ୍ତେ ସଚେତନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଡା. ଶ୍ୟାମସୁନ୍ଦର ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ପକ୍ଷରୁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ବିଭିନ୍ନ ଅଧିକାର ଏବଂ ଆନୁଷଙ୍ଗିକ ନିୟମାବଳୀଗୁଡ଼ିକ ବିଷୟରେ ମଧ୍ୟ ବିସ୍ତୃତ ଭାବରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜିଲ୍ଲା ଆଇନସେବା ପ୍ରାଧିକାରଣର ସମସ୍ତ ଉପସ୍ଥିତ ସଦସ୍ୟ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

ବାରିପଦା,୧୫।୬(ସମିସ): ସ୍ଥାନୀୟ ରୋଟାରୀ କ୍ଲବରେ କୁଡୁମାଲୀ କଲଚ୍ରାଲ ଆସୋସିଏସନ ଆନୁକୂଲ୍ୟରେ ସଂଗଠନର ୨୯ତମ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠାନର ସଭାପତି ଡ. ଭକ୍ତହରି ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ଏବସରପ୍ରାପ୍ତ ପ୍ରଧାପକ ଗୋପବନ୍ଧୁ ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବେ ଛୋଟଲାଲ ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ମହାନ୍ତ, ଆଡଭୋକେଟ ପଦ୍ମଲୋଚନ ମହାନ୍ତ, ପିସିସିର ଅଧ୍ୟକ୍ଷ ହରିଭକ୍ତ ମହାନ୍ତ, ଇଂ. ଯୁଧିଷ୍ଠିର ମହାନ୍ତ, ଡା. ପ୍ରଭାସ ଚନ୍ଦ୍ର ମହାନ୍ତ ଓ ଇଂ. ରଜନୀ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢି ସମାଜର ଉଚ୍ଚତର ସୋପାନକୁ ଯିବା ପାଇଁ ଉପଦେଶ ଦେଇଥିଲେ। ଆସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ



ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଭଲ ପ୍ରଦର୍ଶନ କରିଥିବା କୁଡୁମୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ, ପୁରସ୍କାର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପିଜିଟି ଭାବେ ନୂତନ ନିଯୁକ୍ତି ପାଇଥିବା ଡାଫୋଡିଲ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଶ୍ରେଣୀର ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନେ ହେଲେ ଅର୍ପିତ ମହାନ୍ତ, ସତ୍ୟଜିତ ମହାନ୍ତ, ମିନାକ୍ଷୀ ମହାନ୍ତ, ଶୁଭଶ୍ମିତା ମହାନ୍ତ, ସଂକେତ ମହାନ୍ତ, ଅଂଶୁମାନ ମହାନ୍ତ, ଯାଜ୍ଞସେନ୍ହା ମହାନ୍ତ, କ୍ରିଷ୍ଣା ମହାନ୍ତ ଓ ଶ୍ରେୟା ମହାନ୍ତ। ସେହିପରି ଦ୍ୱାଦଶ ପରୀକ୍ଷାରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀ ହେଲେ ସଦିଚ୍ଛା ମହାନ୍ତ, ବେଦପ୍ରକାଶ ମହାନ୍ତ, ସୌରଭ ମହାନ୍ତ, ସୁବଳ ମହାନ୍ତ, କ୍ରିଷ୍ଣା ମହାନ୍ତ ଓ ରୁଦ୍ର ପ୍ରତାପ ମହାନ୍ତ। ସଭାକାର୍ଯ୍ୟ ଆରମ୍ଭରେ ସଂଗଠନର ଦିବଙ୍ଗତ ସଭାପତି ଡ. ହୃଦାନନ୍ଦ ମହାନ୍ତ ଓ ବିଶିଷ୍ଟ ଝୁମର ଗୌରବ ସ୍ୱର୍ଗତ ସୌରୀଦତ୍ତ ମହାନ୍ତଙ୍କ ଫୋଟଚିତ୍ରରେ ଅତିଥିମାନେ ପୁଷ୍ପାର୍ଘ ଅର୍ପଣ କରିଥିଲେ। ଶେଷରେ କିଶୋର କୁମାର ମହାନ୍ତଙ୍କ ପରିଚାଳନାରେ ପୂର୍ବଭାରତ ଝୁମର ପ୍ରତିଷ୍ଠାନ ଝୁମର ନାଚ ଓ ଗୀତ ପରିବେଷଣ କରିଥିଲେ। ପଟେଲ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଦୁଇ ବାଇକ୍ ଧକ୍କା; ବାପା ମୃତ, ପୁଅ ସୁରକ୍ଷିତ

ବାଲିବନ୍ଧ, ୧୫।୬ (ସମିସ): ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡ଼ା ପଞ୍ଚାୟତ କଙ୍କଡ଼ାଯୋଡ଼ି ଘାଟି ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ଚାଳକ ବାପା ପ୍ରାଣ ହରାଇଥିବା ବେଳେ ମୃତ୍ୟୁ ୧୦ ମାସର ପୁଅ ଏବଂ ସ୍ତ୍ରୀ ଜ୍ୟୋତି ମୁଣ୍ଡା ବର୍ତ୍ତି ଯାଇଛନ୍ତି। ମୃତ ବାଇକ ଚାଳକ ଜଣକ ହେଲେ ସଦର ଥାନା ଅନ୍ତର୍ଗତ ସତୀକୁଦର ଗ୍ରାମର ଶିବା ମୁଣ୍ଡା (୨୨ ବର୍ଷ )। ଶନିବାର ନିଜ ଗାଁରୁ ଶିବା ମୁଣ୍ଡା ବାଇକ ଯୋଗେ ସ୍ତ୍ରୀ ସହ ପୁଅ ଏବଂ ଭାଇ ବିଜୁ ମୁଣ୍ଡାଙ୍କ ସହ ବାମେବାରୀ ଥାନା ଖଣ୍ଡବନ୍ଧ (ଜଳହରୀ) ସ୍ଥିତ ଶଶୁର ଘରକୁ ଯାଉଥିଲେ। ଝୁମ୍ପୁରା ଥାନା ନହବେଡ଼ା ପଞ୍ଚାୟତ (କଟଲପଶି-ଧାତିକା ରାସ୍ତା) କଙ୍କଡାଯୋଡି ଘାଟି ନିକଟରେ ବିପରୀତ ଦିଗରୁ ଆସୁଥିବା ଓଡି୦୯ଜି ୫୧୮୨ ନମ୍ବର ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ସହ ଛୁଆପିଲା ଓ ଶିବା ମୁଣ୍ଡା ଛିଟିକି ପଡ଼ିଥିଲେ। ଶିବା ମୁଣ୍ଡା ଗୁରୁତର ଆଘାତପ୍ରାପ୍ତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଝୁମ୍ପୁରା ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ବାଇକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ମାମଲା ରୁଜୁକରି ରବିବାର ଶବ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ନାଳସାହିରେ ଜମୁଛି ରଜ ମହୋତ୍ସବ



କେନ୍ଦୁଝର,୧୫।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଭାଟୁଣିଆଁ ନାଳସାହି ଅଙ୍ଗନବାଡ଼ି ପଡ଼ିଆରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଠାରେ ଦୁଇଟି ପଟାଦୋଳି, ଦୁଇଟି ଖାଇଦୋଳି, ଚକ୍ରି ଦୋଳି ନିର୍ମାଣ କରାଯାଇଛି। ଶତ୍ରୁଘ୍ନ ଦେହୁରୀ ପୂଜାର୍ଚ୍ଚନା କରିବା ପରେ ଦୋଳି ଖେଳ ଆରମ୍ଭ ହୋଇଥିଲା। ଝିଅ, ବୋହୂ, ମହିଳାମାନେ ହସଖୁସିରେ ଦୋଳିରେ ବସି ଗୀତ ବୋଲିଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଜ ମହତ୍ସବ ୪ଦିନ ଧରି ଚାଲିବ ବୋଲି ଜଣାପଡିଛି। ଭାଟୁଣିଆଁ ନାଳସାହିର ନିରୋଦ ଦେହୁରୀ, ନବକିଶୋର ଦେହୁରୀ, ଗଜାନନ ନାଏକ, ଅଜିତ ନାଏକ, ଶମ୍ଭୁନାଥ ଦେହୁରୀ, ସତ୍ୟାନନ୍ଦ ଦେହୁରୀ, ଦିଲ୍ଲୀପ ଦେହୁରୀ, ମାମି ଦେହୁରୀ, ଗୁଲ ଦେହୁରୀ, ସଞ୍ଜୁଲତା ଦେହୁରୀ, ପୁଦନା ଦେହେରୀ, ସୁଖୁରୀ ଦେହୁରୀ ପ୍ରମୁଖ ସହଯୋଗ କରୁଛନ୍ତି।

# ବାରିପଦା ସହରର ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ

ବାରିପଦା,୧୫।୬(ସମିସ):

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ସହର ବାରିପଦା ସହରର ବିକାଶ ନେଇ ତଥ୍ୟ ରଖିଛନ୍ତି। ହୋଲି ପ୍ୟାଲେସ ସମ୍ମିଳନୀ କକ୍ଷରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାପାତ୍ର ସରକାରଙ୍କ ଯୋଜନାର ସୁଫଳ କିପରି ଜନସାଧାରଣ ପାଉଛନ୍ତି ତାହା କହିକହିବା ସହିତ ନିଜ ସହର ବାରିପଦା ଓ ଜିଲ୍ଲାର ବିକାଶ ପାଇଁ ପ୍ରସ୍ତୁତ ଡିପିଆର ପ୍ରସ୍ତୁତ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। କ୍ରମବର୍ଦ୍ଧିଷ୍ଣୁ ବାରିପଦା ସହରକୁ ପରିବର୍ଦ୍ଧିତ କରିବା ପାଇଁ ରୁପସା-ବାଙ୍ଗିରିପୋଷି ରେଳପଥର ବାଇପାସ ଓ ନୂତନ ଷ୍ଟେସନ ନିର୍ମାଣ ଖୁବଶୀଘ୍ର ବୋଲି ସୂଚନା ଦେଇଛନ୍ତି। ଜାମଶୋଳ ରେଳ ଷ୍ଟେସନରୁ କୁଚେଇ ଷ୍ଟେସନ ପର୍ଯ୍ୟନ୍ତ ଏହି ବାଇପାସ ରେଳପଥ ଯୋଜନା ସାଙ୍ଗକୁ ସହର ବାହାରେ ଏକ ଷ୍ଟେସନ ହେବାକୁ ଯାଉଛି। ରେଳମନ୍ତ୍ରୀଙ୍କୁ ଅନୁରୋଧ ପରେ ତା'ର ସର୍ଭେ ଓ ଡିପିଆର ପ୍ରସ୍ତୁତ ଚାଲିଛି ବୋଲି କହିଛନ୍ତି। ସେହିପରି ୧୮ ନଂ ଜାତୀୟ ରାଜପଥର ବାରିପଦା ସହର ବାଇପାସ




ଓଭରବ୍ରିଜ ପାଲବଣୀରୁ ମଞ୍ଚାବନ୍ଧା ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯିବା ସହିତ ଛାଞ୍ଚ ଠାରେ ୫ଏକର ପରିମୀତ ଜମିରେ ୧୦୦କୋଟି

- ପାଲବଣିରେ ଆନ୍ତରାଜ୍ୟ ବସ୍‌ଷ୍ଟାଣ୍ଡ
- ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ
- କ୍ରୁଟ୍ ସେବାରେ ୨୧ଟି ଇଭିବସ୍ ପ୍ରଚଳନ
- ବୁଢାବଳଙ୍ଗ ନଦୀରେ ବ୍ୟାରେଜ ସହ ରିଂରୋଡ୍

ଟଙ୍କା ବ୍ୟୟ ଅଟକଳରେ ଆନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ହେବ। ସହରରେ କ୍ରୁଟ ବସ(ଟାଉନବସ) ସେବା ଦ୍ୱାରା ୨୧ଟି ଇଭି ବସ ଚଳାଚଳ କରିବ। ଷ୍ଟେସନ ବଜାର ସାପ୍ତାହିକ ହାଟକୁ ଦୈନିକ ମାର୍କେଟରେ ରୂପାନ୍ତରିତ ସହିତ ରେଗୁଲାର କନସେପ୍ଟରେ ମାର୍କେଟ କମ୍ପେଲକ୍ସ ନିର୍ମାଣ ପାଇଁ ରାଉରକେଲା ଏନଆଇଟିକୁ ଡିଜାଇନିଂ ପ୍ରସ୍ତୁତ ପାଇଁ ଦିଆଯାଇଛି। ଏହାଫଳରେ ଗୋଟିଏ ସ୍ଥାନରେ ସମସ୍ତ ସାମଗ୍ରୀ ସହିତ ପନିପରିବା, ମାଛ, ମାଂସ ଓ ଗ୍ରୋସେରୀ ସଉଦା ବିକ୍ରି ବଟା ହେବ। ସେହିପରି ଦୀର୍ଘଦିନର ଦାବି ଅନୁସାରେ ସହରକୁ ବନ୍ୟାଦାଉରୁ ରକ୍ଷା ପାଇଁ ବୁଢାବଳଙ୍ଗ ନଦୀର ରିଂରୋଡ ନିର୍ମାଣ ସହିତ ଏକ ବ୍ୟାରେଜ ନିର୍ମାଣ ହେବ। ଫଳରେ ସହରର ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତତସହିତ ପୁରୁଣା ରାଜପ୍ରାସାଦର ଓ ଜୁବଲୀ ଲାଇବ୍ରେରୀର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କରାଯିବ। ରାଜାରାଜୁଡା ଅମଳର ଶହେ ବର୍ଷରୁ ଅଧିକ ପୁରାତନ କୋଠାମାନଙ୍କରେ ବିକ୍ଷିପ୍ତ ଭାବେ ଚାଲିଥିବା ଜିଲ୍ଲାପାଳ/ଉପଜିଲ୍ଲାପାଳ ଓ ଅନ୍ୟାନ କାର୍ଯ୍ୟାଳୟ ପାଇଁ ଗୋଟିଏ ସ୍ଥାନରେ ଗୋଟିଏ କୋଠାରେ ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ନିର୍ମାଣ ହେବ। ଏଥିପାଇଁ ୧୦୦କୋଟି ଅଟକଳ ରଖାଯାଇଛି ବୋଲି ସେ କହିଛନ୍ତି। 'ବିକଶିତ ଭାରତ ବିକଶିତ ଓଡ଼ିଶା' ଗଠନରେ ବାରିପଦକୁ ରାଜ୍ୟର ଏକ ନମ୍ବର ସହର ଭାବେ ତୋଳିବାକୁ ସେ ଗଣମାଧ୍ୟମର ସହଯୋଗ ଓ ପ୍ରସ୍ତାବ କାମନା କରିଥିଲେ। ସେହିପରି ଶିଳ୍ପବିହୀନ ମୟୂରଭଞ୍ଜ ଜିଲ୍ଲାରେ ଏକ ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ ସ୍ଥାପନ, ଅମର୍ଦ୍ଦା ଏୟାର ଷ୍ଟ୍ରିପ୍ ପୁନଃ କାର୍ଯ୍ୟକ୍ଷମ ଓ ସୀତାକୁଣ୍ଡ ଜଳପ୍ରପାତକୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ପ୍ରସ୍ତାବ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସହିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ବିଧାୟକ ବିଜେପି ସାଙ୍ଗଠନିକ ଜିଲ୍ଲା(ପୂର୍ବ ଭାଗ) ସଭାପତି ନିହାର ମୋଦି, ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ଓ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଉପସ୍ଥିତ ଥିଲେ।

## କଂଗ୍ରେସ ପଞ୍ଚାୟତ ପରିଷଦ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

କରଞ୍ଜିଆ,୧୫।୬(ସମିସ): ଅଖିଳ ଭାରତ କଂଗ୍ରେସ ପଞ୍ଚାୟତ ପରିଷଦର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧ କାନ୍ତ ସହାୟଙ୍କ ନିଷ୍ପତ୍ତି କ୍ରମେ ଏବଂ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଅନୁମୋଦନ କ୍ରମେ ଅବସରପ୍ରାପ୍ତ ଶିକ୍ଷକ



ତଥା ଅଞ୍ଚଳର ଆଦିବାସୀ ନେତା ଅଖିଳ ଚନ୍ଦ୍ର ନାଏକଙ୍କୁ ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲାର ପଞ୍ଚାୟତ ପରିଷଦ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ନୂତନ ନିଯୁକ୍ତି ପାଇବା ପରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ, ବରିଷ୍ଠ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସୁବଧକାନ୍ତ ସହାୟ, ପିସିସି ସଭାପତି ଭକ୍ତ ଚରଣ ଦାସ, ଅକ୍ଷୟ କୁମାର ଆଚାର୍ଯ୍ୟ, ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଭୁବନ ବିହାରୀ ସାହୁ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମସ୍ତ କଂଗ୍ରେସ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନାଇଜେରିଆରେ ଶହେ ଜଣଙ୍କୁ ଗୁଳିକରି ହତ୍ୟା



## ଅନେକଙ୍କୁ ଘରେ ବନ୍ଦ କରି ଜିଅନ୍ତା ଜାଳିଦେଲେ

ଅବୁଜା, ୧୫।୬ (ଏଜେନ୍ସି): ନାଇଜେରିଆ ବେନ୍ୟୁ ରାଜ୍ୟର ଗୁମା ଅନ୍ତର୍ଗତ ୟେଲେୱାଟାଠାରେ ଆତଙ୍କବାଦୀ ନରସଂହାର କରିଛନ୍ତି। ସଶସ୍ତ୍ର ଆକ୍ରମଣକାରୀ ଗ୍ରାମବାସୀଙ୍କୁ ଚାରିପଟୁ ଘେରି ଗୁଳିମାଡ଼ କରିଛନ୍ତି। ଏଥିରେ ଶହେରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି କି ଯେ ଆହତଙ୍କୁ ଏ ପର୍ଯ୍ୟନ୍ତ ଜରୁରୀ ଚିକିତ୍ସା ସୁବିଧା ମିଳିପାରି ନାହିଁ। ଶୁକ୍ରବାର ରାତିରେ ଏହି ଆକ୍ରମଣ ହୋଇଥିବାବେଳେ ରବିବାର ଏହା ସାମ୍ନାକୁ ଆସିଛି। ମାନବାଧିକାର ଗୋଷ୍ଠୀ ଆମେନିଷ୍ଟି ଇଣ୍ଟରନ୍ୟାସନାଲ ନାଇଜେରିଆ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏହି ଗୋଷ୍ଠୀବଦ୍ଧ ଆକ୍ରମଣରେ ଆକ୍ରମଣକାରୀ ଗାଁର ଅନେକ ପରିବାରକୁ ତାଙ୍କ ଘରେ ବନ୍ଦ କରି ଜିଅନ୍ତା ଜାଳି ଦେଇଥିଲେ। ଏଥିରେ ଲୋକେ ଏଭଳି ଭାବେ ଜଳି ଯାଇଛନ୍ତି ଯେ ମୃତଦେହ ଚିହ୍ନଟ କରିବା ମଧ୍ୟ କଷ୍ଟସାଧ୍ୟ ହୋଇଯାଇଛି। ବେନ୍ୟୁ ପୁଲିସ ଏହି ମାମଲାର ସୂଚନା ଦେଇଛି। କିନ୍ତୁ କିଏ ଓ କାହିଁକି ଆକ୍ରମଣ କରିଥିଲା ଏବଂ କେତେ ଜଣ ପ୍ରାଣ ହରାଇଛନ୍ତି ତାହାର ତଥ୍ୟ ଦେଇ ନାହିଁ। ବେନ୍ୟୁ ନାଇଜେରିଆର ମଧ୍ୟ ବେଲ୍ଟରେ ରହିଛି। ଏହାର ଉତ୍ତରରେ ମୁସଲମାନ ସଂଖ୍ୟାଗରିଷ୍ଠ। କିନ୍ତୁ ଦକ୍ଷିଣରେ ଅଧିକାଂଶ ଖ୍ରୀଷ୍ଟିଆନ ରହୁଛନ୍ତି। ଜମି ଏବଂ ପାଣିକୁ ନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ସଂଘର୍ଷ ହେଉଛି। ଜନଜାତି ଏବଂ ଧାର୍ମିକ ଭାଗବଣ୍ଟା ଯୋଗୁଁ ଝଗଡ଼ା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜମିକୁ ନେଇ ମୁସଲମାନ ଏବଂ ଖ୍ରୀଷ୍ଟିଆନ ପଶୁପାଳକ ଓ କୃଷକଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି।

# ଚିହ୍ନଟ ହେଲା ରୂପାଣୀଙ୍କ ମୃତଦେହ, ଅନ୍ତ୍ୟେଷ୍ଟି ଆଜି



## ଚିହ୍ନଟ ହେଲାଣି ୪୭ ମୃତଦେହ

## ୨୪ ମୃତଦେହ ସମ୍ପର୍କୀୟଙ୍କୁ ହସ୍ତାନ୍ତର

ଅହମଦାବାଦ, ୧୫।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ମୃତଦେହ ଚିହ୍ନଟ କରାଯାଇଛି। ରବିବାର ତାଙ୍କ ଡିଏନଏ ମିଶିଛି। ସୋମବାର ଅପରାହ୍ଣ ୩ଟାରେ ରାଜକୋଟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗତଚ ୧୨ ତାରିଖରେ ହୋଇଥିବା ଏହି ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ଅହମଦାବାଦ ସିଭିଲ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୨୩୦ ପରିବାର ସହ ଯୋଗାଯୋଗ କରାଗଲାଣି। ଆଜି ସକାଳ ସୁଦ୍ଧା ୨୪୮ ମୃତଦେହର ଡିଏନଏ ନମୁନା ସଂଗ୍ରହ କରାଯାଇଛି। ୪୭ ମୃତଦେହ ଚିହ୍ନଟ କରାଯାଇଛି। ମୃତ୍ୟୁ ପ୍ରମାଣପତ୍ର ସହିତ ୨୪ଟି ମୃତଦେହ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଛି। ଆମ୍ବୁଲାନ୍ସ ମାଧ୍ୟମରେ ମୃତଦେହକୁ ପଠା ଯାଉଛି। ଏଥିପାଇଁ ୨୩୦ ଟିମ୍ ଗଠନ କରାଯାଇଛି। ଏମାନେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୧ ବିଦେଶୀ ନାଗରିକଙ୍କ ସମ୍ପର୍କୀୟ ଆଜି ଅହମଦାବାଦରେ ପହଞ୍ଚି ପାରନ୍ତି। ସେହିପରି ମୃତଦେହ ରଖିବା ପାଇଁ ଭଦୋଦରାରୁ ୧୦୦ କଫିନ ଅହମଦାବାଦ ଅଣାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଟିମ୍ ଏବଂ ବୋଇଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ଅହମଦାବାଦ ହସ୍ପିଟାଲକୁ ଯାଇ ଆହତଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଏହି ଦୁର୍ଘଟଣା ଗଭୀର ଆଘାତ ଦେଇଛି ବୋଲି ସେ କହିଛନ୍ତି।

# ଏୟାର ଇଣ୍ଡିଆକୁ ଶନିଦଶା



## ଭଦୋଦରାରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆର ସଙ୍କଟ ଥମିବାର ନା ଧରୁନି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ରବିବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ କମ୍ପାନୀର ଆଉ ଏକ ବିମାନ ଜରୁରୀ ଅବତରଣ କରିଛି। ସୂଚନା ଅନୁଯାୟୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇ)ରୁ ସନ୍ଧ୍ୟା ୬ଟା ୫୧ରେ ଦିଲ୍ଲୀ-ଭଦୋଦରା (ଏଆଇ-୮୧୯) ବିମାନ ଉଡ଼ାଣ ଆରମ୍ଭ କରିଥିଲା। ମାତ୍ର ଏହା ପରେ ପାଇଲଟ୍ ଲ୍ୟାଣ୍ଡିଂ ଗିୟରରେ ସମସ୍ୟା ଥିବା ଆଶଙ୍କା କରିଥିଲେ। ଏହା ପରେ ଦିଲ୍ଲୀ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ଦିଲ୍ଲୀ ଫେରାଇ ଅଣା ଯାଇଥିଲା। ଉଡ଼ାଣର ଅଧଘଣ୍ଟା ପରେ ୭ଟା୨୦ରେ ଆଇଜିଆଇରେ ବିମାନ ଜରୁରୀ ଅବତରଣ କରିଥିଲା। ଏଥିପାଇଁ ବିମାନବନ୍ଦରରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସବୁ କିଛି ଯାଞ୍ଚ କରିବା ପରେ ଏହା ରାତିରେ ଉଡ଼ାଣ ଭରିବ।

## ଏସି ନାହିଁ, ଗରମରେ ୫ ଘଣ୍ଟା ସିଝିଲେ ଯାତ୍ରୀ

ଦୁବାଇ, ୧୫।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆ କମ୍ପାନୀର ପିଛା ଛାଡୁ ନାହିଁ। ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୯୬ରେ ଏସି କାମ କରିନାହିଁ। ଏଥିପାଇଁ ଯାତ୍ରୀ ବିନା ଏସିରେ ୫ ଘଣ୍ଟା ପର୍ଯ୍ୟନ୍ତ ଗରମରେ ସିଝିଥିଲେ। ଯାତ୍ରୀଙ୍କୁ ବିମାନବନ୍ଦରକୁ ଯିବାକୁ ମଧ୍ୟ ଦିଆଯାଇ ନ ଥିଲା। ବିମାନ ଭିତରେ ରହିବାକୁ ବାଧ୍ୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଦୁବାଇରୁ ରାଜସ୍ଥାନର ଜୟପୁର ଆସୁଥିବା ବିମାନରେ ଏହି ସ୍ଥିତି ଦେଖା ଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ବିମାନ ୫ ଘଣ୍ଟା ବିଳମ୍ବରେ ଉଡ଼ାଣ କରିଥିଲା। ଏହି ବିମାନର ଭିଡିଓ ଭାଇରାଲ ହେବାରେ ଲାଗିଛି। ୪୦ ଡିଗ୍ରୀ ତାପମାତ୍ରାରେ ଯାତ୍ରୀ ବିମାନ ଭିତରେ ରହି ହାତରେ କାଗଜ ଧରି ବିଞ୍ଚି ହେଉଥିବାର ଦେଖାଯାଉଛି। ଏଥିଯୋଗୁଁ କିଛି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡି ଯାଇଥିଲା। ବିମାନରେ ପର୍ଯ୍ୟାପ୍ତ ପାଣି ବି ନ ଥିଲା। ଏଥିପାଇଁ ବିମାନ କମ୍ପାନୀର ପରିଚାଳକଙ୍କୁ ଦାୟୀ କରିବାକୁ ଡିଜିସିଏ ନିକଟରେ ଯାତ୍ରୀ ଦାବି କରିଛନ୍ତି।

## ଗୌହାଟୀ-କୋଲକାତା ବିମାନ ୧୮ ଘଣ୍ଟା ବିଳମ୍ବ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୨୨୬ ବିମାନ ଯାତ୍ରୀଙ୍କ ପାଇଁ ଖରାପ ସ୍ୱପ୍ନ ସଦୃଶ ହୋଇଛି। ଗୌହାଟୀରୁ କୋଲକାତା ଯାତ୍ରା କରିବାକୁ ଥିବା ଏହି ବିମାନର ଉଡ଼ାଣରେ ୧୮ ଘଣ୍ଟା ବିଳମ୍ବ ହୋଇଛି। ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁଁ ବିମାନକୁ ଦୁଇ ଦୁଇ ଥର ଅଟକାଇ ଦିଆଯାଇଛି। ଏହି ବିମାନରେ ୧୭୦ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଶନିବାର ରାତି ୯ଟା ୨୦ରେ ଲୋକପ୍ରିୟ ଗୋପୀନାଥ ବରୋଦୋଲୋଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଛାଡ଼ିବାର ଥିଲା। ଯାତ୍ରୀ ବସି ସାରିଥିବା ସତ୍ତ୍ୱେ ବିମାନକୁ ମଧ୍ୟରାତ୍ରିରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଅଟକାଇ ଦିଆଯାଇଥିଲା। ରାତି ୧ଟା୩୦ରେ ଯାତ୍ରୀଙ୍କୁ ପ୍ରଥମେ ଲାଉଞ୍ଜ ଏବଂ ପରେ ହୋଟେଲକୁ ନିଆଯାଇଥିଲା। ଏଠାରେ ଜଳଖିଆ କରିବାକୁ ମଧ୍ୟ ଦିଆଯାଇ ନ ଥିଲା। ଏହା ପରେ ସକାଳେ ପୁଣି ଯାତ୍ରୀଙ୍କୁ ବିମାନବନ୍ଦରକୁ ନିଆଯାଇ ସମାନ ସମସ୍ୟା ଲାଗି ଫେରାଇ ଅଣା ଯାଇଥିଲା। ଶେଷରେ ଅନ୍ୟ ଏକ ବିମାନରେ ରବିବାର ଅପରାହ୍ଣ ୩ଟା ୩୪ରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠା ଯାଇଥିଲା।

# ଜନ୍ମଦିନରେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ



ୱାଶିଂଟନ, ୧୫।୬ (ଏଜେନ୍ସି): ସାରା ବିଶ୍ୱକୁ ଗଣତନ୍ତ୍ରର ଶିକ୍ଷା ଦେଉଥିବା ଆମେରିକା ଉପରେ ଏକଛତ୍ରବାଦର ଅଭିଯୋଗ ଲାଗିଛି। ଆମେରିକା ସେନାର ୨୫୦ତମ ପ୍ରତିଷ୍ଠା ଦିବସ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜନ୍ମଦିନ (ଶନିବାର)କୁ ନେଇ ଖୁସିର ମାହୋଲ ଥିବାବେଳେ ରବିବାର ହଜାର ହଜାର ଲୋକ ରାଷ୍ଟ୍ରପତିଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ଟ୍ରମ୍ପ ସେନାକୁ ସମ୍ବୋଧନ କରିଥିବାବେଳେ ଅନ୍ୟପଟେ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଛତ୍ରବାଦର ଶାସନ ଚାଲିଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। କଥା କଥାରେ ଅନ୍ୟ ଦେଶକୁ ଗଣତନ୍ତ୍ରର ପରାମର୍ଶ ଦେଉଥିବା ଆମେରିକା ଆଜି ନିଜେ ଏଥିରେ ଛନ୍ଦି ହୋଇଯାଇଛି। ଲୋକଙ୍କ ଅଧିକାରକୁ ଟ୍ରମ୍ପ ପ୍ରଶାସନ ଦଳିଚକଟି ଦେଉଥିବା ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଟ୍ରମ୍ପଙ୍କ ନୀତି ବିଶେଷ କରି ପ୍ରବାସୀଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶନିବାର ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଆଜି ମଧ୍ୟ ଏହା ଜାରି ରହିଛି। ଅନେକ ସହରରେ ବିକ୍ଷୋଭ କରାଯାଇଛି। ରାଜା ଶାସନ ଚାଲିବ ନାହିଁ ବୋଲି ବିକ୍ଷୋଭକାରୀ ସ୍ଲୋଗାନ ଦେଇଛନ୍ତି। ଆଟଲାଣ୍ଟା, ଫିଲାଡେଲଫିଆ, ସିକାଗୋ, ନ୍ୟୁୟର୍କ, ଅଷ୍ଟିନ, ଲସ୍ ଆଞ୍ଜେଲସ ଏବଂ ହ୍ୟୁଷ୍ଟନ ସମେତ ଅନ୍ୟ ସହର ଗୁଡିକରେ ଲୋକେ 'ନୋ କିଙ୍ଗ୍ସ: ଡେ ଅଫ୍ ଡିଫାୟନ୍ସ' ନାମରେ ବିରୋଧ କରାଯାଇଛି। ସଡ଼କ, ପାର୍କ ଏବଂ ପୁଲିସ ପୋଷ୍ଟ ଗୁଡିକର ବିକ୍ଷୋଭ କରାଯାଇଛି। ଏଥିରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ଟ୍ରମ୍ପ ଗଣତାନ୍ତ୍ରିକ ସଂସ୍ଥାକୁ ଦୁର୍ବଳ କରି ରାଜା ଭଳି ବ୍ୟବହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏକଛତ୍ରବାଦ ଚଳିବ ନାହିଁ ଏବଂ ପ୍ରବାସୀଙ୍କ ଅଧିକାର ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଛି।

ଆଜି ଆମେରିକା ସମାଜର ୨ଟି ଝଲକ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ସେନା ଶୌର୍ଯ୍ୟ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଥିବାବେଳେ ଅନ୍ୟପଟେ ଗଣତାନ୍ତ୍ରିକ ଏବଂ ଲୋକଙ୍କ ଅଧିକାର ପାଇଁ ସ୍ୱର ଉଠିଛି। ଟ୍ରମ୍ପଙ୍କ ଏହି ପରେଡ ତାଙ୍କ ସମର୍ଥକଙ୍କ ପାଇଁ ଉତ୍ସବ ଆଣିଥିବାବେଳେ ବିରୋଧୀଙ୍କ ତାଙ୍କୁ ଚେତାବନୀ ଦେଇଛନ୍ତି। ଏହି ପ୍ରଦର୍ଶନ ସମୟରେ କିଛିଇ ସ୍ଥାନରେ ହିଂସା ହୋଇଛି। ଲସ୍ ଆଞ୍ଜେଲସ ଏବଂ ପୋର୍ଟଲାଣ୍ଡରେ ପୁଲିସ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ଲୁହବୁହା ଗ୍ୟାସ ମାଡ କରାଯାଇଛି। ଏଥିରେ ଅନେକ ଆହତ ହୋଇଛନ୍ତି। ସଲ୍ଟ ଲେକ୍ ସିଟିରେ ପୁଲିସ ଫାଙ୍କା ଗୁଳିଚାଳନା କରିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି।

# ଦୁଇ ଭାଇ ଠକିନେଲେ ୨୬୭୬ କୋଟି



ଜୟପୁର, ୧୫।୬ (ଏଜେନ୍ସି): ରାଜସ୍ଥାନରୁ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ସିକର ଜିଲ୍ଲାର ଦୁଇ ଭାଇ ସୁଭାଷ ବିଜାରାନୀ ଏବଂ ରଣବୀର ବିଜାରାନୀ ସ୍ମାର୍ଟ ସିଟି ନାମରେ ଲୋକଙ୍କୁ ଠକି ସର୍ବସ୍ୱାନ୍ତ କରିଦେଇଛନ୍ତି। ଦୁହେଁ ଅଧିକ ରିଟର୍ଣ୍ଣ, ଫ୍ଲାଟ୍, ପ୍ଲଟ୍‌ର ପ୍ରତିଶ୍ରୁତି ଦେଇ ସାରା ଦେଶରୁ ପ୍ରାୟ ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କା ଠକି ନେଇଛନ୍ତି। ଏହି ଠକେଇ ପାଇଁ ସେ ସଂସ୍ଥା ମଧ୍ୟ ଗଢ଼ିଥିଲେ। ନିଯୁକ୍ତି ଦେଇ ଲୋକଙ୍କୁ ଠକିବାର ପ୍ରଶିକ୍ଷଣ ଦେଉଥିଲେ। ଯେତେ ଅଧିକ ନିବେଶକ ଯୋଡିବେ ସେତେ ଅଧିକ କମିଶନ ସହିତ ବାଇକ୍, ଲ୍ୟାପଟପ୍, କାର୍ ଆଦି ଦେବାକୁ ଏଜେଣ୍ଟମାନଙ୍କୁ ପ୍ରତିଶ୍ରୁତି ଦେଉଥିଲେ। ଶେଷରେ ନିବେଶକ ବିପୁଳ ଟଙ୍କା ଧରି ଦୁଇ ଭାଇ ଅଫିସ ବନ୍ଦ କରି ଫେରାର ହୋଇ ଯାଇଥିଲେ। ରାଜସ୍ଥାନ ଯୋଧପୁର ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇଡି ମଧ୍ୟ ମାମଲା ହାତକୁ ନେଇଛି। ଗତ ଗୁରୁବାର ଏଜେନ୍ସି ଏହି ମାମଲାରେ ୨୫ ଠିକଣାରେ ଚଢ଼ଉ କରିଥିଲା।

ସୂଚନା ଅନୁଯାୟୀ ସୁଭାଷ ଏବଂ ରଣବୀର ୨୦୨୧ରେ 'ନେକ୍ସା ଏଭରଗ୍ରୀନ୍' ନାମରେ କମ୍ପାନୀ ଖୋଲିଥିଲେ। ଏହାକୁ ଅହମଦାବାଦରେ ପଞ୍ଜିକୃତ କରିଥିଲେ। ଗୁଜୁରାଟର 'ଧୋଲେରା ସ୍ମାର୍ଟ ସିଟି' ପ୍ରକଳ୍ପର ଫଟୋ ଦେଖାଇ ନିବେଶକଙ୍କୁ ଆକୃଷ୍ଟ କରିଥିଲେ। ରଣବୀର ପ୍ରଥମେ ୨୦୧୪ ରେ ଏବଂ ପରେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁଭାଷ ୩୦ ଲକ୍ଷ ଟଙ୍କା ଦେଇ ଧୋଲେରାରେ ଜମି କିଣିଥିଲେ। ଏଠାରେ ନିଜର ୧୩୦୦ ବିଘା ଜମି ରହିଛି ଏବଂ ଏହା ବିଶ୍ୱସ୍ତରୀୟ ସସ ସ୍ମାର୍ଟସିଟି ହେବାକୁ ଯାଉଥିବା କହି ଲୋକଙ୍କୁ ଭୁଆଁ ବୁଲାଇ ଥିଲା। ଏଥିରେ ଦୁଇ ଭାଇଙ୍କୁ ସଲିମ୍ ଖାନ, ସମୀର, ଦାତାର ସିଂହ, ରକ୍ଷାପାଲ, ଓମପାଲ ଏବଂ ସନୱାରମାଲ ଆଦି ସହଯୋଗ କରିଥିଲେ। ଏମାନଙ୍କ ମାଧ୍ୟମରେ ଏଜେଣ୍ଟ ନିଯୁକ୍ତ କରି ୧୫୦୦ କୋଟି ଟଙ୍କାର କମିଶନ ବାଣ୍ଟି ନେଇଗଲେ। ଠକେଇ ଅର୍ଥରୁ ୧୩୦୦ ବିଘା ଜମି, ରାଜସ୍ଥାନରେ ବିଳାସପୂର୍ଣ୍ଣ କାର, ଖଣି ଏବଂ ହୋଟେଲ, ଅହମଦାବାଦରେ ଫ୍ଲାଟ୍ ଏବଂ ଗୋଆରେ ୨୫ଟି ରେସ୍ତୋରାଁ କିଣିଥିଲେ। ନଗଦ ଆକାରରେ ୨୫୦ କୋଟି ନେଇଥିଲେ। ଅବଶିଷ୍ଟ ଟଙ୍କାକୁ ୨୭ଟି ସେଲ୍ କମ୍ପାନୀକୁ ହସ୍ତାନ୍ତର କରିଥିଲେ।

## ■ ଜେସିବିରେ ମାଟିଖୋଳା | ଏକାସଙ୍ଗେ ଭୁଶୁଡ଼ିଲା ୬ କୋଠା; ୩ ମୃତ

ମଥୁରା, ୧୫।୬ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ଗୋବିନ୍ଦ ନଗର ଅଞ୍ଚଳରେ ରବିବାର ଦ୍ୱିପହରେ ବଡ଼ ଅଘଟଣ ଘଟିଛି। ଜେସିବିରେ ମାଟି ଖୋଳା ଚାଲିଥିବାବେଳେ ୬ଟି କୋଠା ଏକାଥରକେ ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି। ୪ ଜଣଙ୍କୁ ଅବଶେଷ ତଳୁ ଉଦ୍ଧାର କରାଯାଇଛି। ଆହୁରି ୬-୭ ଜଣ ଅବଶେଷ ତଳେ ଫସି ରହିଥିବା କୁହାଯାଉଛି। ଏହାର ସୂଚନା ପାଇବା ପରେ ପୁଲିସ, ନଗର ନିଗମ, ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନଡିଆର୍‌ଏଫ ଏଥିରେ ସାମିଲ ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ମଧ୍ୟରେ ତୋତାରାମ (୩୮), ଦୁଇ ଭଉଣୀ ଯଶୋଦା (୬) ଏବଂ କାବ୍ୟ (୬) ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ଭୁଶୁଡି ଯାଇଥିବା ସମସ୍ତ ୬ଟି ଘର ମାଟିର ଢିପି ଉପରେ ନିର୍ମିତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏଠାରେ ଥିବା ଖାଲି ଜମିରେ ଜେସିବି ଖୋଳୁଥିଲା। ହଠାତ୍ ମାଟି ଭୁଶୁଡ଼ି ପଡ଼ିଲା ଏବଂ ଗୋଟିଏ ପରେ ଗୋଟିଏ ସମସ୍ତ ଘର ଭଗ୍ନାଂଶରେ ଅବଶେଷରେ ପରିଣତ ହୋଇଗଲା। ଏହି ସମୟରେ ଭୂମିକମ୍ପ ହୋଇଥିବା ପରି ଅନୁଭବ ହୋଇଥିଲା।

# ସାଇପ୍ରସରେ ମୋଦୀ; ସ୍ୱାଗତ କଲେ ରାଷ୍ଟ୍ରପତି

ନିକୋସିଆ, ୧୫।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାଇପ୍ରସରେ ପହଞ୍ଚିଛନ୍ତି। ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୌଲିଡେସ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ମୋଦୀଙ୍କ ହାତ ଧରି ନିକୋଶ ପାଛୋଟି ନେଇଛନ୍ତି। ଏହା ପରେ ମୋଦୀ ସାଇପ୍ରସର ଲିମାସୋଲ ଯାଇଥିଲେ। ହୋଟେଲ ବାହାରେ ଭାରତୀୟ ସମୁଦାୟର ଲୋକଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ବ୍ୟାପାର ବୃଦ୍ଧିକୁ ନେଇ ମୋଦୀ ଏବଂ ନିକୋଶଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏଥିରେ ବ୍ୟବସାୟୀକ ବର୍ଗ ମଧ୍ୟ ସାମିଲ ହୋଇଥିଲେ। ସାଇପ୍ରସ ପରେ ମୋଦୀ କାନାଡ଼ା ଗସ୍ତ କରି ଜି-୭ ଶିଖର ସମ୍ମିଳନୀରେ ସାମିଲ ହେବେ।

# ଆଜି ଜାରି ହେବ ବିଜ୍ଞପ୍ତି

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ଏକ ବୈଠକ କରି ଆଗାମୀ ଜନଗଣନା ପାଇଁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବଂ ରେଜିଷ୍ଟ୍ରାର ଜେନେରାଲ ଆଣ୍ଡ ସେନ୍‌ସସ୍ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜନଗଣନାକୁ ନେଇ ଶାହାଙ୍କ ସମୀକ୍ଷା ବୈଠକ

ଭାରତର ୧୬ତମ ଜନଗଣନା ୨୦୨୭ ମାର୍ଚ୍ଚ ୧ରେ ଆରମ୍ଭ ହେବ। ତେବେ ଲଦାଖ ଭଳି ବରଫ ଆଚ୍ଛାଦିତ ଅଞ୍ଚଳରେ ଏହା ୨୦୨୬ ଅକ୍ଟୋବରରୁ ପ୍ରାରମ୍ଭ ହେବ। ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବ। ଏ ନେଇ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ ବୋଲି ସୂଚନା ମିଳିଛି। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ହାଉସଲିଷ୍ଟିଂ ଅପରେସନ (ଏଚ୍‌ଏଲ୍‌ଓ) ଏବଂ ପରେ ଜନସଂଖ୍ୟା ଗଣନା ହେବ। ଜନଗଣନା କାପାଇଁ, ପ୍ରାୟ ୩୪ ଲକ୍ଷ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଏବଂ ପ୍ରାୟ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତାଙ୍କୁ ନିୟୋଜିତ କରାଯିବ।

# କାଳ ପାଲଟିଛି ପରକୀୟା ପ୍ରୀତି | ୫ ବର୍ଷରେ ନିଜ ସିନ୍ଦୂର ପୋଛିଛନ୍ତି ୭୮୫ ପତ୍ନୀ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):



ପରକୀୟାପ୍ରୀତି କାଳ ପାଲଟି ଯାଉଛି। ପତ୍ନୀଙ୍କ ଅବୈଧ ସମ୍ପର୍କ ଲାଗି ଅନେକ ସ୍ୱାମୀଙ୍କ ଜୀବନ ଯାଉଛି। ରାଜା ରଘୁବଂଶୀ ହୁଅନ୍ତୁ ଅବା ମିରଠର ସୌରଭ ରାଜପୁତ କିମ୍ବା ଭିୱାନୀର ପ୍ରବୀଣ ହତ୍ୟାକାଣ୍ଡ ସବୁଥିରେ ପତ୍ନୀ ଏବଂ ତାଙ୍କ ପ୍ରେମିକଙ୍କ ହାତ ରହିଛି। ପରକୀୟାପ୍ରୀତି ପାଇଁ ସମାଜ, ସଂସ୍କୃତି ଏବଂ ସଂସ୍କାରକୁ ବି ଦେଖୁନାହାନ୍ତି। ପ୍ରେମ ପାଇବା ପାଇଁ ଛଳ କରୁଛନ୍ତି। ମିଛ କହୁଛନ୍ତି। ଏପରିକି ଅନ୍ୟର ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ଗତ କିଛି ବର୍ଷ ହେଲା ଏଭଳି ମାମଲା ଅଧିକ ବୃଦ୍ଧି ପାଇଛି। କାହାର ବିବାହ ପୂର୍ବରୁ ତ ଆଉ କାହାର ବିବାହ ପରେ ପ୍ରେମ ହେଉଛି। ଏହାର ଫଳ ନିରୀହ ସ୍ୱାମୀଙ୍କୁ ଭୋଗିବାକୁ ପଡୁଛି। ହାତ ଧରି ଘରକୁ ଆଣିଥିବା ପତ୍ନୀ ହିଁ ସ୍ୱାମୀ ପାଇଁ କାଳ ପାଲଟି ଯାଉଛି। କେଉଁଠି ନୀଳ ଡ୍ରମରେ ମୃତଦେହ ମିଳୁଛି ତ ଆଉ କେଉଁଠି ହତ୍ୟାକରି ନାଳରେ ଫୋପାଡ଼ି ଦିଆଯାଉଛି। ଏଭଳି ଅନେକ ମାମଲା ଦେଶରେ ଚର୍ଚ୍ଚାରେ ରହିଛି।


କ୍ରାଇମ ଡାଟା ଏବଂ ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ଦେଶର ୫ ରାଜ୍ୟରେ ୭୮୫ ପତ୍ନୀ ନିଜେ ନିଜ ସିନ୍ଦୂର ପୋଛିଛନ୍ତି। ପରକୀୟାପ୍ରୀତି ପାଇଁ ସ୍ୱାମୀଙ୍କୁ ମାରି ଦିଆଯାଉଛି। ଏହି ରାଜ୍ୟ ମଧ୍ୟରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମହାରାଷ୍ଟ୍ର ସାମିଲ ରହିଛି। ସେହିପରି ଦେଶରେ ବର୍ଷକୁ ୨୭୫ ସ୍ୱାମୀଙ୍କୁ ହତ୍ୟା କରାଯାଉଛି। ଏହି ତଥ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ମହିଳା କାହିଁକି ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠୁଛି।

ରିପୋର୍ଟ ଅନୁଯାୟୀ ସ୍ୱାମୀଙ୍କ ହତ୍ୟାରେ ୟୁପି ଆଗରେ ରହିଛି। ଏଠାରେ ୨୦୨୦ରେ ୨୦ ଜଣ, ୨୦୨୧ରେ ୫୨ ଜଣ, ୨୦୨୨ରେ ୬୦ ଜଣ, ୨୦୨୩ରେ ୫୫ ଜଣ ଏବଂ ୨୦୨୪ରେ ୬୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ଏହି କ୍ରମରେ ବିହାରରେ ୩୦ ଜଣ, ୩୫ ଜଣ , ୪୦ ଜଣ, ୩୯ ଜଣ ଏବଂ ୪୨ ଜଣ ସ୍ୱାମୀଙ୍କୁ ମାରି ଦିଆଯାଇଥିଲା। ସେହିପରି ରାଜସ୍ଥାନରେ ଗତ ୫ ବର୍ଷରେ ୨୦ ଜଣ, ୨୫ ଜଣ, ୨୮ ଜଣ, ୩୦ ଜଣ, ୩୫ ଜଣ, ମହାରାଷ୍ଟ୍ରରେ ୧୫ଜଣ, ୧୮ ଜଣ, ୨୦ ଜଣ, ୨୨ ଜଣ ଏବଂ ୨୫ ଜଣ, ମଧ୍ୟପ୍ରଦେଶରେ ୧୨ ଜଣ, ୧୫ ଜଣ, ୧୮ ଜଣ, ୨୦ ଜଣ ଏବଂ ୨୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ୨୦୨୨ର ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ହତ୍ୟାରେ ପ୍ରେମ ବ୍ୟାପାର ତୃତୀୟ ବଡ଼ କାରଣ ହୋଇଛି। ଏକ ଯାଞ୍ଚରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ବର୍ଷ ୨୭୫ ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରୁଛନ୍ତି। ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମହିଳାଙ୍କ ସମ୍ବନ୍ଧିତ ୬୦ ପ୍ରତିଶତ ହତ୍ୟା ପଛରେ ତାଙ୍କର ବର୍ତ୍ତମାନ କିମ୍ବା ପୂର୍ବତନ ପ୍ରେମିକର ହାତ ରହିଛି। ଦେଶରେ ୧୦ରୁ ଗୋଟିଏ ହତ୍ୟା ପଛରେ ପ୍ରେମିକ, ପତି କିମ୍ବା ପତ୍ନୀ ଦ୍ୱାରା କରାଯାଇଥାଏ। ୨୦୧୦ରୁ ୨୦୧୪ ମଧ୍ୟରେ ପ୍ରେମ ସମ୍ବନ୍ଧ ଏବଂ ସମ୍ପର୍କ ସମ୍ବନ୍ଧିତ ହତ୍ୟାର ଅନୁପାତ ୭ରୁ ୮ ପ୍ରତିଶତ ମଧ୍ୟରେ ଥିଲା। ମାତ୍ର ୨୦୧୫ରୁ ୨୦୨୨ ମଧ୍ୟରେ ଏହା ୧୦ରୁ ୧୧ ପ୍ରତିଶତରେ ପହଞ୍ଚି ଯାଇଛି।

## ବର୍ଷକୁ ୨୭୫ ସ୍ୱାମୀଙ୍କୁ କରାଯାଉଛି ହତ୍ୟା

# ୨୪ ଘଣ୍ଟାରେ ୧୦ କରୋନା ରୋଗୀଙ୍କ ମୃତ୍ୟୁ

## ଚିକିତ୍ସାଧୀନ ରୋଗୀସଂଖ୍ୟା ୭୩୮୩କୁ ବୃଦ୍ଧି



ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଦେଶରେ କରୋନା ମହାମାରୀ ଦ୍ରୁତଗତିରେ କାୟା ମେଲାଇବାରେ ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୫ ଘଣ୍ଟା ମଧ୍ୟରେ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନାର ଏହି ନୂଆ ପ୍ରଜାତି ଦିନକରେ ସର୍ବାଧିକ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ କେରଳରେ ୫ ଜଣ, ଦିଲ୍ଲୀରେ ୩ ଜଣ ଏବଂ ମହାରାଷ୍ଟ୍ରରେ ଜଣେ ସାମିଲ ଅଛନ୍ତି। ଜାନୁଆରୀ ପରଠାରୁ ଏ ପର୍ଯ୍ୟନ୍ତ ୯୭ ଜଣ ରୋଗୀଙ୍କ ପ୍ରାଣ ହରାଇଲେଣି। ସେହିପରି ଦେଶର ୩୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ମାମଲା ସଂଖ୍ୟା ୭୩୮୩ରେ ପହଞ୍ଚିଯାଇଛି। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ରବିବାର କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। ଏହି ସମୟରେ ୧୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। କେରଳରେ ସର୍ବାଧିକ ୨୦୦୭ ଜଣ, ଗୁଜରାଟରେ ୧୪୪୧ ଏବଂ ପଶ୍ଚିମବଙ୍ଗରେ ୭୪୭ ରୋଗୀ ଚିକିତ୍ସାଧୀନ ଅଛନ୍ତି।

ଏହା ମଧ୍ୟରେ କରୋନା ମାମଲା ବୃଦ୍ଧିକୁ ଦେଖି ଉତ୍ତର ପ୍ରଦେଶ ସରକାର ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଆବଶ୍ୟକୀୟ ଔଷଧ, ପିପିଇ କିଟ୍, ପରୀକ୍ଷା ସୁବିଧା, ଆଇସୋଲେସନ୍ ବେଡ୍, ଅକ୍ସିଜେନ୍ ସିଲିଣ୍ଡର, ଆଇସିୟୁ ଏବଂ ଭେଣ୍ଟିଲେଟର ପ୍ରସ୍ତୁତ ରଖିବାକୁ ସବୁ ଡାକ୍ତରଖାନାଗୁଡିକୁ କୁହାଯାଇଛି। ସେହିପରି କେରଳ ସରକାର କରୋନା ଏବଂ ଇନଫ୍ଲୁଏଞ୍ଜାର ଲକ୍ଷଣ ଥିବା ରୋଗୀଙ୍କୁ ଚିକିତ୍ସା କରିବା ୨୦୨୩ ଜୁନ୍‌ରେ ଜାରି ହୋଇଥିବା କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ କରିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ହସ୍ପିଟାଲରେ ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହା ସହିତ, ଥଣ୍ଡା, କାଶ ଏବଂ ଜ୍ୱର ଭଳି ଲକ୍ଷଣ ଥିବା ରୋଗୀଙ୍କ ପାଇଁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ହୋଇଛି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥୀଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।


## ଆଜିର ଇତିହାସ

- ୧୭୭୯ - ସ୍ପେନ୍ ଗ୍ରେଟ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଆରମ୍ଭ କଲା ।
- ୧୯୧୧ - ନ୍ୟୁୟର୍କରେ ଆଇବିଏମ୍ କମ୍ପାନିର ସ୍ଥାପନା ହେଲା ।
- ୧୯୨୫- ରାଷ୍ଟ୍ରବାଦୀ ନେତା ଚିତ୍ତରଞ୍ଜନ ଦାସଙ୍କ ଦେହାନ୍ତ ।
- ୨୦୦୭- ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍ସ ମହାକାଶରେ ଅଧିକ ଦିନ ରହିଥିବା ମହିଳା ମହାକାଶକାରୀ ହେବାର ଗୌରବ ଅର୍ଜନ କରିଥିଲେ ।
- ୨୦୧୯ - ନାଇଜେରିଆରେ ବୋମା ବିସ୍ଫୋରଣରେ ୩୦ ଲୋକଙ୍କ ପ୍ରାଣହାନି ।

## ଇଲେକଟ୍ରୋନିକ୍ ଟାଟୁ ମାନସିକ ଥକ୍କାକୁ ଚିହ୍ନଟ କରିବ



ଆମେରିକାର ବୈଜ୍ଞାନିକମାନେ ଏକ ଇଲେକଟ୍ରୋନିକ୍ ଟାଟୁ ବିକଶିତ କରିଛନ୍ତି । ଯାହାକି ମସ୍ତିଷ୍କର ଥକ୍କାପଣକୁ ମାପିବ । ଏହି ଟାଟୁକୁ ମଥାରେ ଲଗାଯିବ । ସେହିପରି ଉକ୍ତ ଟାଟୁ ଟ୍ରକ୍ ଚାଳକ ଏବଂ ଅନ୍ୟ କର୍ମଚାରୀଙ୍କୁ ସାହାଯ୍ୟ କରିବା ଆଶା କରାଯାଉଛି । ଏହା ହେଉଛି ଏକ ଅସ୍ଥାୟୀ ଟାଟୁ । ଟାଟୁଟି ମସ୍ତିଷ୍କର ବୈଦ୍ୟୁତିକ ଗତିବିଧିକୁ ମାପିଥାଏ । ଏହାର ବଡ଼ ବିଶେଷତ୍ୱ ହେଉଛି ଟାଟୁ ତୁରନ୍ତ ଫଳାଫଳ ପ୍ରଦାନ କରିଥାଏ । ଯାହାକୁ ଇଲେକଟ୍ରୋଏନସେଫେଲୋଗ୍ରାଫି (ଇଇଜି) ଏବଂ ଇଲେକଟ୍ରୋଓକୁଲୋଗ୍ରାଫି (ଇଓଜି) କୁହାଯାଏ । ଉକ୍ତ ଟାଟୁ ଚକ୍ଷୁର ଗତିକୁ ମଧ୍ୟ ଟ୍ରାକ୍ କରିଥାଏ । ବୈଜ୍ଞାନିକଙ୍କ ମତରେ, ଟେକ୍ନିକ୍ ଏବେ ମଣିଷଠାରୁ ଅଧିକ ବିକଶିତ ହେଉଛି । ଫଳରେ ମସ୍ତିଷ୍କ ଏହାର ସାଥ୍ ଦେଇ ନ ପାରି ସହଜରେ ଥକ୍କିଯାଏ । ମଣିଷ ଏକ ସନ୍ତୁଳିତ ମାନସିକ ଅବସ୍ଥାରେ ଭଲ କାମ କରିଥାଏ । ଏହାକୁ ଗୋଲଡିଲକ୍ସ ଜୋନ୍ କୁହାଯାଏ । ଏଥିରେ ଅଧିକ ଚିନ୍ତା କି ବିରକ୍ତିକର ପରିସ୍ଥିତି ନ ଥାଏ । ଏହି ସନ୍ତୁଳନ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଭିନ୍ନ ହୋଇଥାଏ । ତେବେ ପୂର୍ବରୁ ମାନସିକ ଥକ୍କାପଣକୁ ମାପିବା ପାଇଁ ନାସା ଟାସ୍କ ଲୋଡ୍ ଇଣ୍ଡେକସର ଉପଯୋଗ କରାଯାଉଥିଲା । ଏହା ଥିଲା ଏକ ଲମ୍ବା ସର୍ଭେ । ଲୋକେ ଏହାକୁ କାମ ପରେ ପୂରଣ କରୁଥିଲେ । ହେଲେ ଇଲେକଟ୍ରୋନିକ୍ ଟାଟୁ ଏହାକୁ ଆହୁରି ଅଧିକ ସହଜ କରିଛି । ଏହି ଟାଟୁ ହାଲୁକା ଏବଂ ଏଥିରେ ପତଳା ଷ୍ଟିକର୍ ଭଳି ସେନସର୍ ଅଛି । ସେହିପରି ପ୍ରତ୍ୟେକ ମଣିଷଙ୍କ ମସ୍ତିଷ୍କ ଅଲଗା ହୋଇଥାଏ । ତେଣୁ ମୁହଁର ଆକାରକୁ ମାପି ଏହି ଟାଟୁ ତିଆରି କରାଯାଏ । ଗବେଷକମାନେ ଛଅଜଣଙ୍କ ଉପରେ ଏହାର ପରୀକ୍ଷା କରିଥିଲେ । ଏହି ଟାଟୁ ମସ୍ତିଷ୍କର ଥକ୍କାପଣକୁ ସଠିକତାର ସହ ଅନୁମାନ ଲଗାଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି । କେବଳ ସେତିକି ନୁହେଁ ଏହା ଅଲଗା ଅଲଗା ସ୍ତରର ଥକ୍କାକୁ ଚିହ୍ନଟ କରିବାରେ ମଧ୍ୟ ସକ୍ଷମ । ସେମାନେ ଏକ କମ୍ପ୍ୟୁଟର ମଡେଲ ତିଆରି କରିଛନ୍ତି । ଏହି ମଡେଲ ଟାଟୁ ସିଗ୍ନାଲରୁ ମାନସିକ ଥକ୍କାକୁ ଚିହ୍ନଟ କରିଥାଏ । । କେଶ ନ ଥିବା ତ୍ୱଚାରେ ଏହି ଟାଟୁ କାମ କରେ । ଗବେଷକମାନେ ଏବେ ଏହାକୁ ଇଙ୍କ ଆଧାରିତ ସେନସର୍ ସହ ଯୋଡ଼ିବା ପାଇଁ ଚେଷ୍ଟା ଚଳାଇଛନ୍ତି ଯଦ୍ୱାରା ଏହା କେଶଯୁକ୍ତ ତ୍ୱଚା ଉପରେ ମଧ୍ୟ କାମ କରିବ । ଏହାଦ୍ୱାରା ପୂରା ମସ୍ତିଷ୍କ ଉପରେ ନଜର ରଖିବା ସହଜ ହେବ । ସେହିପରି ପାରମ୍ପରିକ ଇଇଜି ଉପକରଣର ଦାମ୍ ୧୩ ଲକ୍ଷ ଟଙ୍କା ହୋଇଥିବାବେଳେ ଏହି ଟାଟୁର ବ୍ୟାଟେରି ପ୍ୟାକ୍ ୧୭ ହଜାର ଟଙ୍କା ଏବଂ ଉକ୍ତ ଟାଟୁର ଡିସପୋଜେବଲ ସେନସର୍‌ର ଦାମ୍ ୧୭୦୦ ଟଙ୍କା ରହିଛି । ଏଣୁ ଏହା ଶସ୍ତା ହୋଇଥିବାରୁ ଏହି ଟେକ୍ନିକ ସମସ୍ତଙ୍କ ପାଇଁ ସୁଲଭ ହୋଇପାରିବ । ଅନ୍ୟପକ୍ଷରେ ଏହି ଗବେଷଣା ଡିଭାଇସ୍ ଜର୍ଣ୍ଣାଲରେ ପ୍ରକାଶ ପାଇଛି ।





## 'ମେଟ୍ରୋ ଇନ୍ ଦିନୋ'

### ସାରାଙ୍କୁ ଦେଖି ସୈଫଙ୍କୁ ମନେ ପକାଇଲେ ଦର୍ଶକେ

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ଅନୁରାଗ ବସୁଙ୍କ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ'ରେ ନଜର ଆସିବେ । ଏଥିରେ ତାଙ୍କ ବିପକ୍ଷରେ ଆଦିତ୍ୟ ରାୟ କପୁର ଦେଖାଯିବେ । ଇତିମଧ୍ୟରେ ଫିଲ୍ମର କଳାକାରମାନଙ୍କ ଲୁକ୍ ସାମ୍ନାକୁ ଆସିଛି । ଫିଲ୍ମରେ ସବୁଠୁ ଅଧିକ ସାରାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚା ହେଉଛି । ଏଥିରେ ସେ ପୂରା ଅଲଗା ଅନ୍ଦାଜରେ ଦେଖାଯାଇଛନ୍ତି । କିଛି ଦିନ ପୂର୍ବରୁ ଫିଲ୍ମର ଟ୍ରେଲର୍ ଆସିଥିଲା । ଟ୍ରେଲର୍‌ରେ ଫିଲ୍ମରେ ଏକାଧିକ କାହାଣୀକୁ ଦେଖାଯାଇଛି ବୋଲି ସ୍ପଷ୍ଟ ହୋଇଛି । ତେବେ ଫିଲ୍ମରେ ସାରାଙ୍କ ଲୁକ୍ ଦେଖି ଦର୍ଶକେ ତାଙ୍କ ବାପା ସୈଫ୍ ଅଲ୍ଲୀ ଖାନ୍‌ଙ୍କ ଏକ ଫିଲ୍ମର ଲୁକ୍ ସହ ତୁଳନା କରୁଛନ୍ତି । ୨୦୧୪ରେ ଆସିଥିବା 'ହମ୍‌ସକଲ୍' ଫିଲ୍ମରେ ସୈଫ୍‌ଙ୍କ ଲୁକ୍ ସାରାଙ୍କ ଲୁକ୍ ସହ ମେଳ ଖାଉଛି ବୋଲି ଦର୍ଶକେ ମତ ଦେଇଛନ୍ତି । ଏହି ଫିଲ୍ମରେ ରୀତେଶ ଦେଶମୁଖ ଓ ସୈଫ୍ ଉଭୟ ଝିଅ ବେଶରେ ଦେଖାଯାଇଥିଲେ । ତେବେ ସାରା ଓ ସୈଫ୍‌ଙ୍କ ଏହି ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

## ଦେଶଭକ୍ତିର ଅନନ୍ୟ ନିଦର୍ଶନ ତନୋଟ ମାତା ମନ୍ଦିର

ରାଜସ୍ଥାନ, ଜୈସଲମେର ଠାରୁ ୧୨୦ କିଲୋମିଟର ଦୂରରେ ତନୋଟ ମାତାଙ୍କ ମନ୍ଦିର ରହିଛି । ଏହି ମନ୍ଦିରଟି ଭାରତ-ପାକିସ୍ତାନ ସୀମାରେ ଅବସ୍ଥିତ । ଏହା ଏବେ ଦେଶଭକ୍ତି ଓ ଚମତ୍କାରର ପ୍ରତୀକ ପାଲଟିଛି । ତନୋଟ ମାତାଙ୍କୁ ଦେବୀ ଦୁର୍ଗାଙ୍କ ଅବତାର ବୋଲି କୁହାଯାଏ । ଦ୍ୱାଦଶ ଶତାବ୍ଦୀରେ ଜୈସଲମେରର ରାଜପୁତ ଶାସକ ମହାରାୱାଲ ଲୋନକାବତ ଏହାକୁ ନିର୍ମାଣ କରିଥିଲେ । ୧୯୬୫ ଓ ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିରର ଚମତ୍କାରକୁ ନେଇ ଆଜିବି ଚର୍ଚ୍ଚା ହୁଏ । ପାକିସ୍ତାନୀ ସେନା ଅନେକ ଥର ମନ୍ଦିରକୁ ଟାର୍ଗେଟ୍ କରିଥିବାବେଳେ ପ୍ରତିଥର ମାତାଙ୍କ କୃପାରୁ ସେମାନଙ୍କ ଯୋଜନା ପଣ୍ଡ ହୋଇଯାଇଛି । ମାତାଙ୍କ କୃପାରୁ ମନ୍ଦିରର କୌଣସି କ୍ଷତି ହୋଇ ନ ଥାଏ । ସ୍ଥାନୀୟ ଲୋକଙ୍କ ସହ ଭାରତୀୟ ସେନାର ଯବାନମାନଙ୍କ ମଧ୍ୟରେ ମନ୍ଦିରକୁ ନେଇ ଅତୁଟ ବିଶ୍ୱାସ ରହିଛି । ୧୯୬୫ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିର ବେଶ୍ ଚର୍ଚ୍ଚାକୁ ଆସିଥିଲା । ପାକିସ୍ତାନ ପକ୍ଷରୁ ତନୋଟରେ ଭାରୀ ମାତ୍ରାରେ ଗୁଳିଗୋଳା ବର୍ଷଣ କରାଯାଇଥିଲା । ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ୩୦୦୦ ବୋମା ବର୍ଷଣ କରାଯାଇଥିଲେ ମଧ୍ୟ ମନ୍ଦିରର କୌଣସି କ୍ଷତି ହୋଇ ନ ଥିଲା । ଯେଉଁ ବୋମାଗୁଡ଼ିକ ଫୁଟି ନ ଥିଲା ସେଗୁଡ଼ିକ ଆଜିବି ମନ୍ଦିର ମଧ୍ୟରେ ଏକ କାଚ ବାକ୍ସ ଭିତରେ ରଖାଯାଇଛି । 'ବର୍ଡର' ଫିଲ୍ମରେ ମଧ୍ୟ ଏହି ମନ୍ଦିରକୁ ଦେଖାଯାଇଛି । ଭାରତୀୟ ସୀମା ସୁରକ୍ଷା ବଳ(ବିଏସ୍ଏଫ୍)ର ଯବାନମାନେ ଏହି ମନ୍ଦିରର ଦେଖାଶୁଣା କରି ଥାଆନ୍ତି ।












## ଅଣସର ପଞ୍ଚମୀ

**ଆଜି ହେଉଛି ମହାପ୍ରଭୁଙ୍କ ଅଣସର ସେବାର ପଞ୍ଚମ ଦିନ ବା ଅଣସର ପଞ୍ଚମୀ । ସ୍ନାନ ବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ଅଛନ୍ତି । ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର । ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି । ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି ।**

ଦେବସ୍ନାନ ପୂର୍ଣ୍ଣିମାରେ ଦେବସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ । ଏହାପରେ ସେମାନେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ସେଥିପାଇଁ ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି । ଏହି କାଳକୁ ଅଣସର ବା ଅନବସର କୁହାଯାଏ । ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି । ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ ।

ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ । ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର । ସାଧାରଣ ଅଣସର ୧୫ଦିନ ପାଳିତ ହୁଏ । ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ । ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି । ବଳଭଦ୍ର ବାସୁଦେବ ରୂପରେ ପୂଜା ପାଉଥିବାବେଳେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ନାରାୟଣ ରୂପରେ ପୂଜା ପାଇଥାନ୍ତି । ତେବେ ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ ।

କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ । ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ । ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ । ତେବେ ଅଣସର ପଞ୍ଚମୀରେ ଫୁଲୁରି ତେଲ ଲାଗି ହେବାର ପରମ୍ପରା ଅଛି ।

## ସ୍ପନ୍ଦନ

## ବସୁମତୀ ସ୍ନାନ

**ଝିଅମାନଙ୍କ ଦ୍ୱାରା ପାଳନ କରାଯାଉଥିବା ରଜପର୍ବର ଚତୁର୍ଥ ଅର୍ଥାତ୍ ଶେଷ ଦିନଟି ବିଶେଷ ମହତ୍ତ୍ୱ ବହନ କରେ । ଏହିଦିନଟିକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଢ଼ ଭାବେ ପାଳନ କରାଯାଏ । ଏହାର ବିଧିବିଧାନ ବୈଚିତ୍ର୍ୟମୟ । ରଜସ୍ୱଳା ନାରୀ ଯେଭଳି ଚତୁର୍ଥ ଦିନ ସ୍ନାନ କରି ଶୁଦ୍ଧ ହୁଏ । ଏହାକୁ 'ଧରାସ୍ନାନ', 'ମହାଲକ୍ଷ୍ମୀ ଗାଧୁଆ' ତଥା 'ଶୁଦ୍ଧ ସ୍ନାନ' ବୋଲି ମଧ୍ୟ କୁହାଯାଏ ।**

ନାରୀ ସହ ମାଟି ମାଆର ନିବିଡ଼ ସମ୍ପର୍କ ରହିଛି । କଥିତ ରହିଛି ଯେ, ରଜପର୍ବରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ତିନିଦିନ ଧରି ସେ ଅଛୁତ ରହନ୍ତି । ଏହି ସମୟରେ ଠାକୁର ପୂଜା, ଭୂମି ଦହନ, ବଟାବଟି, କଟାକଟି ଆଦି ଶାରୀରିକ କାର୍ଯ୍ୟ କରିବା ପାଇଁ ନାରୀଙ୍କୁ ବାରଣ କରାଯାଇଥାଏ । ଶେଷଦିନ ବସୁଧା ମା'ଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଛି । ଏହା ହେଉଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ । ରଜସ୍ୱଳା ନାରୀ ସଦୃଶ ବସୁମତୀ ମାତା ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଶୁଦ୍ଧ ସ୍ନାନ ପର୍ବ କରାଯାଏ । ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି । ପିଢ଼ା ଉପରେ ଶିଳପୁଆ ରଖାଯାଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ରଖି ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ହଳଦିପାଣିରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଏ । ଚନ୍ଦନ, ସିନ୍ଦୂର, ଫୁଲ,ଭୋଗ ସହ ପୂଜା କରାଯାଏ । ଶୁଦ୍ଧ ସ୍ନାନ ପରେ ବସୁମାତା ସୃଜନକ୍ଷମ ହୋଇଥାନ୍ତି । ଏହିପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିଥାଏ ।



## କେଉ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ

**ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଠିକ୍ ସ୍ଥାନରେ ଜୋତା ଚପଲ ନ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଏ । ଏହା ସହ ଘରେ ଅଶାନ୍ତି ଏବଂ ଦାରିଦ୍ର୍ୟତା ଦେଖା ଦିଏ । ତେବେ କେଉଁ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ, ସେ ସମ୍ପର୍କରେ ଜାଣିବା ।**

**ବେଡ୍‌ରୁମ୍:** ବାସ୍ତୁ ଶାସ୍ତ୍ର ଅନୁସାରେ, ବେଡ୍‌ରୁମ୍ ଭିତରେ ତଥା ଖଟ ତଳେ ଜୋତା ଚପଲ ରଖିବା ଭଲ ନୁହେଁ । ଏଭଳି କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦିଏ । ଏଣୁ ଜୋତାକୁ ଘର ବାହାର ଷ୍ଟାଣ୍ଡରେ ରଖନ୍ତୁ ।

**ରୋଷେଇ ଘର:** ଘରର ରୋଷେଇ ଘରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ରୋଷେଇ ଘରେ ମା' ଅନ୍ନପୂର୍ଣ୍ଣା ବାସ କରନ୍ତି । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଅପରିଷ୍କାର ଓ ନକାରାତ୍ମକ ଶକ୍ତି ଭିତରକୁ ଆସେ । ଏହା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଓ ଧନ ହାନି ହୋଇଥାଏ ।

**ପୂଜା ଘର:** ଘରର ପୂଜା ସ୍ଥାନରେ ଦେବୀ ଦେବତା ବାସ କରନ୍ତି । ଏଣୁ ପୂଜା ଘରକୁ ଜୋତା ଚପଲ ପିନ୍ଧି ଯିବା ଅନୁଚିତ । ପୂଜା ଘରେ ଜୋତା ଚପଲ ପିନ୍ଧିଲେ ମାନସିକ ସମସ୍ୟା ସାମ୍ନା କରିବାକୁ ପଡ଼େ ।

**ମୁଖ୍ୟ ଦ୍ୱାର:** ଘରର ମୁଖ୍ୟ ଦ୍ୱାର ସାମ୍ନାରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଦେବୀ ଦେବତାଙ୍କ ମାର୍ଗ ଅବରୋଧ ହୁଏ । ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତି ହୁଏ ନାହିଁ । ଫଳରେ ଜୀବନରେ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼େ ।

## ଗୁରୁ ଚଣ୍ଡାଳ ଯୋଗର ପ୍ରଭାବ

**ଜାତକରେ ଗ୍ରହର ସ୍ଥିତି ଆଧାରରେ ଶୁଭ-ଅଶୁଭ ଯୋଗ ସୃଷ୍ଟି ହୁଏ । ଏମିତି ଏକ ଅଶୁଭ ଯୋଗ ହେଉଛି ଗୁରୁ ଚଣ୍ଡାଳ ଯୋଗ । ଯେତେବେଳେ ବୃହସ୍ପତି ବା ଗୁରୁ ଏବଂ ରାହୁ-କେତୁ ଜାତକରେ ଏକାଠି ହୁଅନ୍ତି, ଗୁରୁ ଚଣ୍ଡାଳ ଯୋଗ ସୃଷ୍ଟି ହୁଏ । ଏହାକୁ ବିନାଶକାରୀ ଯୋଗ ଭାବେ ବିବେଚନା କରାଯାଏ । ତେବେ ଏହା ଜୀବନ ଉପରେ କ'ଣ ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା ।**



- ଗୁରୁ ଚଣ୍ଡାଳ ଯୋଗ ଥିବା ବ୍ୟକ୍ତି ବିଶେଷ ନିଶା ସେବନ କରନ୍ତି ।
- ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । କୌଣସି ଗୁରୁତର ରୋଗରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ ।
- ଆର୍ଥିକ ସ୍ତରରେ ସୁଦୃଢ଼ ହୋଇ ନ ଥାନ୍ତି । ରୋଜଗାର ହେଲେ ବି ଅର୍ଥ ସମସ୍ୟା ଦେଖା ଦିଏ ।
- ବ୍ୟବସାୟ ହେଉ ଅବା ଚାକିରି, କୌଣସି କ୍ଷେତ୍ରରେ ଦୀର୍ଘ ସମୟ ଟିକି ରହିପାରନ୍ତି ନାହିଁ ।
- ଲଗାତାର ଜୀବନରେ କ୍ଷତି ସହିବାକୁ ପଡ଼େ ।
- ଏଭଳି ଲୋକେ ଖୁବଶୀଘ୍ର ଅବସାଦ ଦେଇ ଗତି କରନ୍ତି ।

ଦୁଲୀପ ଟ୍ରଫି ଫର୍ମାଟରେ ପରିବର୍ତ୍ତନ

# ରଣଜୀ ଟ୍ରଫି ଗ୍ରୁପ-ଏ'ରେ ଓଡ଼ିଶା





ନୂଆଦିଲ୍ଲୀ,୧୫।୬ (ଏଜେନ୍ସି): ୨୦୨୫-୨୬ ଘରୋଇ କ୍ରିକେଟ ସିଜନ ଲାଗି ବିସିସିଆଇ ପକ୍ଷରୁ ଖେଳସୂଚୀ ଘୋଷଣା କରାଯାଇଛି। ଏହି କ୍ରମରେ ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ ହେବ ଓ ଅକ୍ଟୋବର ୧ରୁ ୫ ତାରିଖ ଯାଏ ଇରାନି କପ୍ ଖେଳାଯିବ। ଅଗଷ୍ଟ ୨୮ରୁ ସିଜନ ଆରମ୍ଭ ହେବା ସହ ଆନ୍ତଃଜୋନ୍ ଭିତ୍ତିରେ ଦୁଲୀପ ଟ୍ରଫି ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଓଡ଼ିଶା ଏଥର ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡକୁ ଏଥର ଓଡ଼ିଶା ସହ ଏଲିଟ୍ ଗ୍ରୁପ୍-ଏ'ରେ ମୁକାବିଲା କରିବାକୁ ପଡ଼ିବ। ବିଶଦ୍ ଖେଳସୂଚୀ ପରେ ପ୍ରକାଶ ପାଇବ। ସେହିପରି ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଅନେକ ପରିବର୍ତ୍ତନ କରାଯାଇଛି। ସୟଦ ମୁସ୍ତାକ ଅଲୀ ଟି-୨୦ ଓ ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଉଭୟ ଗ୍ରୁପ୍ ଲିଗ୍ ପର୍ଯ୍ୟାୟ ଓ ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ବରିଷ୍ଠ ଘରୋଇ ଲିଷ୍ଟ-ଏ' ଓ ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ଲେଟ୍ ଡିଭିଜନ ସୃଷ୍ଟି କରାଯାଇଛି।

### ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ ମହିଳା ଚ୍ୟାଲେଞ୍ଜର୍ସ

ଚଳିବର୍ଷ ଦୁଲୀପ୍ ଟ୍ରଫି ପୂର୍ବ ଫର୍ମାଟକୁ ଫେରିଛି। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ସମାନ ଫର୍ମାଟରେ ଖେଳାଯିବ। ଚଳିତବର୍ଷ ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ। ଏଥର ୬ଟି ଜୋନ ଯଥା ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ଅଂଶଗ୍ରହଣ କରିବେ। ଖେଳାଳିମାନେ ନିଜ ଜୋନ୍‌କୁ ପ୍ରତିନିଧିତ୍ୱ କରିବେ। ପୂର୍ବରୁ ଟିମ-ଏ, ବି, ସି ଓ ଡି' ଭାବରେ ଜାତୀୟ ମନୋନୟନ କମିଟି ଦ୍ୱାରା ଖେଳାଳି ଚୟନ କରାଯାଇ ଦଳ ଗଠନ କରାଯାଇଥିଲା। ଏହାକୁ ଏବର୍ଷ ବନ୍ଦ କରିଦିଆଯାଇଛି। ଜୋନାଲ ଚୟନ କମିଟି ଏଥର ଖେଳାଳି ଚୟନ କରିବେ। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ଜୋନାଲ ଫର୍ମାଟରେ ୬ଟି ଦଳକୁ ନେଇ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ।

### ଅକ୍ଟୋବର ୧୫ରୁ ରଣଜୀ ଟ୍ରଫି

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଗତବର୍ଷ ଭଳି ଏହା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ପରେ ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦେଶର ବିଭିନ୍ନ ଭାଗରେ ଜଳବାୟୁର ସ୍ଥିତିକୁ ଆଖି ଆଗରେ ରଖି ଏହି ଟୁର୍ଣ୍ଣାମେଣ୍ଟର ଖେଳସୂଚୀରେ ପରିବର୍ତ୍ତନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି କେଉଁ ଗ୍ରୁପ୍‌ରେ କେଉଁ ଦଳ ସ୍ଥାନ ପାଇବ ତାହା ସ୍ଥିର କରାଯାଇଛି। ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ଏଥର ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ ସହ ସ୍ଥାନ ପାଇଛି। ଏଲିଟ୍ ଗ୍ରୁପ୍‌ରେ ୩୦ଟି ଦଳ ଓ ପ୍ଲେଟ୍ ଗ୍ରୁପ୍‌ରେ ୫ଟି ଦଳକୁ ସ୍ଥାନ ଦିଆଯାଇଛି। ପ୍ଲେଟ୍ ଗ୍ରୁପ୍‌ରେ ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର ଓ ଅରୁଣାଚଳ ପ୍ରଦେଶକୁ ସ୍ଥାନ ମିଳିଛି।

### ସୁପରଲିଗ୍ ଓ ପ୍ଲେଟ୍ ଡିଭିଜନ

ଚଳିତ ସିଜନଠାରୁ ବିସିସିଆଇ ଦ୍ୱାରା ଆୟୋଜିତ ଏକାଧିକ ଟୁର୍ଣ୍ଣାମେଣ୍ଟରେ ସୁପର ଲିଗ୍ ଓ ପ୍ଲେଟ୍ ଡିଭିଜନ ସୃଷ୍ଟି ହେବ। ବରିଷ୍ଠ ପୁରୁଷ ଓ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ଲାଗି ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ୨ ଶ୍ରେଷ୍ଠ ଦଳ ସୁପର ଲିଗ୍‌କୁ ଉନ୍ନୀତ ହେବେ। ଉନ୍ନୀତ ହୋଇଥିବା ୮ଟି ଦଳକୁ ପୁନର୍ବାର ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

ସେହିପରି ବିଜୟ ହଜାରେ ଟ୍ରଫି, ବରିଷ୍ଠ ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟ ଓ ପୁରୁଷ ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫିରେ ପ୍ଲେଟ୍ ଡିଭିଜନ ସୃଷ୍ଟିହେବ। ୨୦୨୪-୨୫ ସିଜନରେ ଶେଷ ୬ଟି ସ୍ଥାନ ଅଧିକାର କରିଥିବା ଦଳ ପ୍ଲେଟ୍ ଡିଭିଜନ୍‌ରେ ଖେଳିବେ। ଚଳିତ ସିଜନଠାରୁ ପ୍ଲେଟ୍ ଡିଭିଜନରେ ପ୍ରଥମସ୍ଥାନ ଅଧିକାର କରିଥିବା ଦଳ କେବଳ ଏଲିଟ ଡିଭିଜନକୁ ଉନ୍ନୀତ ହେବ। ସେହିପରି ଏଲିଟ ଗ୍ରୁପ୍‌ରେ ଶେଷ ସ୍ଥାନ ହାସଲ କରିଥିବା ଦଳ ପ୍ଲେଟ୍ ଲିଗ୍‌କୁ ଖସି ଆସିବ।

### କଟକରେ ବରିଷ୍ଠ ମହିଳା ପ୍ଲେଟ୍ ଲିଗ୍ ଦିନିକିଆ

ଏଥର ଘରୋଇ କ୍ରିକେଟରେ ବରିଷ୍ଠ ମହିଳା କ୍ରିକେଟ ପ୍ଲେଟ୍ ଲିଗ୍ ଦିନିକିଆ ମ୍ୟାଚ୍ କଟକରେ ଖେଳାଯିବ। ଏହି ପ୍ରତିଯୋଗିତା ଫେବୃଆରୀ ୬ରୁ ଆରମ୍ଭ ହୋଇ ୧୬ ତାରିଖ ଯାଏ ଚାଲିବ। ଏହି ପ୍ରତିଯୋଗିତା ବ୍ୟତୀତ ଗୋଟିଏ ଭେନ୍ୟୁରେ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଓଡ଼ିଶା ସୁଯୋଗ ପାଇନାହିଁ। ଅନ୍ୟ ଟୁର୍ଣ୍ଣାମେଣ୍ଟର ଘରୋଇ ମ୍ୟାଚ୍‌ର ସୂଚୀ ପରେ ଜଣାପଡ଼ିବ।

### ବିସିସିଆଇ ୨୦୨୫-୨୬ ଖେଳସୂଚୀ

| | | |
|---|---|---|
| ଦୁଲୀପ ଟ୍ରଫି | : | ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୫ |
| ଇରାନି କପ୍ | : | ଅକ୍ଟୋବର ୧ରୁ ୫ |
| ରଣଜୀ ଟ୍ରଫି-୧ | : | ଅକ୍ଟୋବର ୧୫ରୁ ନଭେମ୍ବର ୧୯ |
| ରଣଜୀ ଟ୍ରଫି-୨ | : | ଜାନୁଆରୀ ୨୨ରୁ ଫେବୃଆରୀ ୧, ୨୦୨୬ |
| ରଣଜୀ ନକ୍‌ଆଉଟ | : | ଫେବୃଆରୀ ୬ରୁ ୨୮, ୨୦୨୬ |
| ମୁସ୍ତାକ ଅଲି ଟି-୨୦ | : | ନଭେମ୍ବର ୨୬ରୁ ଡିସେମ୍ବର ୧୮ |
| ବିଜୟ ହଜାରେ ଟ୍ରଫି | : | ଡିସେମ୍ବର ୨୪ରୁ ଜାନୁଆରୀ ୧୮ |
| ସିକେ ନାଇଡୁ ଟ୍ରଫି | : | ଅକ୍ଟୋବର ୧୬ରୁ ଜାନୁଆରୀ ୧୨, ୨୦୨୬ |
| ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫି | : | ନଭେମ୍ବର ୧୦ରୁ ଡିସେମ୍ବର ୧ |
| ବିନୁ ମଙ୍କଡ ଟ୍ରଫି | : | ଅକ୍ଟୋବର ୯ ରୁ ନଭେମ୍ବର ୧ |
| ୧୯ ବର୍ଷରୁ କମ୍ ଦିନିକିଆ ଚ୍ୟାଲେଞ୍ଜର | : | ନଭେମ୍ବର ୫ରୁ ୧୧ |
| କୁଚ୍ ବେହାର ଟ୍ରଫି | : | ନଭେମ୍ବର ୧୬ରୁ ଜାନୁଆରୀ ୨୦, ୨୦୨୬ |
| ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | : | ଡିସେମ୍ବର ୭ରୁ ଜାନୁଆରୀ ୨୮ । |

#### ମହିଳା କ୍ରିକେଟ୍

| | | |
|---|---|---|
| ଅକ୍ଟୋବର ୮ ରୁ ୩୧ | : | ବରିଷ୍ଠ ମହିଳା ଏଲିଟ୍ ଟି-୨୦ |
| ନଭେମ୍ବର ୪ରୁ ୧୪ | : | ଆନ୍ତଃଜୋନ୍ ଟି-୨୦ |
| ଫେବୃଆରୀ ୬ରୁ ୨୮ | : | ବରିଷ୍ଠ ମହିଳା ଏଲିଟ୍ ଦିନିକିଆ ଟ୍ରଫି |
| ମାର୍ଚ୍ଚ ୨୦ରୁ ଏପ୍ରିଲ ୩ | : | ଆନ୍ତଃଜୋନ୍ ମଲ୍ଟି ଡେ ଟ୍ରଫି |

### ରଣଜୀ ଏଲିଟ୍ ଗ୍ରୁପ୍

ଗ୍ରୁପ-ଏ: ଓଡ଼ିଶା, ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ।

ଗ୍ରୁପ-ବି: ସୌରାଷ୍ଟ୍ର, ଚଣ୍ଡିଗଡ଼, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ ଓ ଗୋଆ।

ଗ୍ରୁପ-ସି: ଗୁଜରାଟ, ହରିୟାଣା, ସର୍ଭିସେସ୍, ବେଙ୍ଗଲ, ରେଳବାଇ, ତ୍ରିପୁରା, ଉତ୍ତରାଖଣ୍ଡ, ଆସାମ।

ଗ୍ରୁପ-ଡି: ମୁମ୍ବାଇ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଦିଲ୍ଲୀ, ହାଇଦରାବାଦ୍, ରାଜସ୍ଥାନ, ଛତିଶଗଡ଼, ପୁଡୁଚେରୀ।

### ରଣଜୀ ପ୍ଲେଟ୍ ଗ୍ରୁପ୍

ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର, ଅରୁଣାଚଳ ପ୍ରଦେଶ ଓ ବିହାର।

### କେଉଁ ଗ୍ରୁପ୍‌ରେ ସ୍ଥାନ ପାଇଛି ଓଡ଼ିଶା

**ସୟଦ ମୁସ୍ତାକ ଅଲୀ ଟି-୨୦:** ଏଲିଟ୍ ଗ୍ରୁପ-ଏ: ମୁମ୍ବାଇ, ବିଦର୍ଭ, ଆନ୍ଧ୍ର, କେରଳ, ରେଳବାଇ, ଆସାମ, ଛତିଶଗଡ଼ ଓ ଓଡ଼ିଶା।

**ବିଜୟ ହଜାରେ ଟ୍ରଫି:** ଏଲିଟ୍ ଗ୍ରୁପ-ଡି : ହରିୟାଣା, ଗୁଜରାଟ, ରେଳବାଇ, ଆନ୍ଧ୍ର, ସୌରାଷ୍ଟ୍ର, ଦିଲ୍ଲୀ, ସର୍ଭିସେସ୍ ଓ ଓଡ଼ିଶା।

**ସିକେ ନାଇଡୁ ଟ୍ରଫି:** ଏଲିଟ୍ ଗ୍ରୁପ-ବି : ମୁମ୍ବାଇ, ରାଜସ୍ଥାନ, ବେଙ୍ଗଲ, ହରିୟାଣା, ହାଇଦରାବାଦ୍, ବିଦର୍ଭ, ଆସାମ ଓ ଓଡ଼ିଶା।

**୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍ ଟ୍ରଫି:** ଏଲିଟ୍ ଗ୍ରୁପ-ବି : ଗୁଜରାଟ, ଆନ୍ଧ୍ର, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ମୁମ୍ବାଇ, ଆସାମ, ଗୋଆ ଓ ଓଡ଼ିଶା।

**ବିନୁ ମଙ୍କଡ ଟ୍ରଫି:** ଏଲିଟ୍ ଗ୍ରୁପ-ଏ : ଗୁଜରାଟ, ଆନ୍ଧ୍ର, ବିଦର୍ଭ, ଗୋଆ, ବରୋଦା ଓ ଓଡ଼ିଶା।

**କୁଚ୍ ବେହାର ଟ୍ରଫି:** ଏଲିଟ୍ ଗ୍ରୁପ-ସି: ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ହିମାଚଳ ।

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି:** ଏଲିଟ୍ ଗ୍ରୁପ-ବି: ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼, ପଣ୍ଡିଚେରୀ, ବିହାର ଓ ଓଡ଼ିଶା।

**ବରିଷ୍ଠ ମହିଳା ଟି-୨୦ ଟ୍ରଫି:** ଏଲିଟ୍ ଗ୍ରୁପ-ସି : ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣ୍ଣାଟକ, ହରିୟାଣା, ହାଇଦରାବାଦ୍, ଛତିଶଗଡ଼, ତ୍ରିପୁରା ଓ ଓଡ଼ିଶା।

**ବରିଷ୍ଠ ମହିଳା ଦିନିକିଆ ଟ୍ରଫି:** ଏଲିଟ୍ ଗ୍ରୁପ-ଏ: ଏମ୍‌ପି, ୟୁପି, ମହାରାଷ୍ଟ୍ର, କର୍ଣ୍ଣାଟକ, ବରୋଦା, ଆସାମ, ପଣ୍ଡିଚେରୀ।

● ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତୀୟ ପୁରୁଷ ଓ ମହିଳା ହକି ଦଳ ପରାସ୍ତ

# ଅଷ୍ଟ୍ରେଲିଆଠୁ ଡବଲ୍ ଝଟ୍‌କା



ଅନ୍ତୱର୍ପ, ୧୫।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ୟୁରୋପ୍ ଲେଗ୍‌ରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଛି। ଫଳରେ ଅଷ୍ଟ୍ରେଲିଆ ଗୋଟିଏ ଦିନରେ ଭାରତର ପୁରୁଷ ଓ ମହିଳା ଦଳକୁ ପରାସ୍ତ କରି ହକି ଦଳ ଡବଲ୍ ଝଟ୍‌କା ଦେଇଛି।

**କ୍ରମାଗତ ୬ଷ୍ଠ ପରାଜୟ:**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧିନ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଅଷ୍ଟ୍ରେଲିଆ ନିକଟରୁ ଭାରତ ୨-୩ ଗୋଲରେ ମ୍ୟାଚ୍ ହାରିଥିଲା। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୩ଟି ଯାକ ଗୋଲ୍ ଦେଇଥିଲା। ଭାରତ ପକ୍ଷରୁ ସଞ୍ଜୟ ଓ ଦିଲ୍‌ପ୍ରୀତ୍ ସିଂହ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ୟୁରୋପ୍ ଲେଗ୍ ପୂର୍ବରୁ ଭାରତ ପ୍ରୋ ଲିଗ୍‌ରେ ୮ ମ୍ୟାଚ୍ ଖେଳି ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଥିଲା। କିନ୍ତୁ କ୍ରମାଗତ ୬ଟି ମ୍ୟାଚ୍ ହାରିବା ପରେ ବର୍ତ୍ତମାନ ୧୪ ମ୍ୟାଚରୁ ୯ ପରାଜୟ ସହ ସେହି ସମାନ ୧୫ ପଏଣ୍ଟ ପାଇ ୭ମ ସ୍ଥାନକୁ ଖସିଯାଇଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁନ ୨୧ରେ ବେଲ୍‌ଜିୟମକୁ ଭେଟିବ।

**ପୁଣି ହାରିଲା ମହିଳା ଦଳ:**

ମହିଳା ପ୍ରୋ ଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସାମ୍ନା କରିଛି। ଲଣ୍ଡନରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ହକି ଦଳ ୩-୨ ଗୋଲରେ ଭାରତକୁ ହରାଇଥିଲା। ରବିବାର ମଧ୍ୟ ଅଷ୍ଟ୍ରେଲିଆ ଏହି ବିଜୟଧାରା ବଜାୟ ରଖି ୨-୧ ଗୋଲରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ମାତ୍ ଦେଇଛି। ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ଭାରତର ଏହା ୧୨ତମ ମ୍ୟାଚରୁ ୭ମ ପରାଜୟ ଥିଲା। ୯ ପଏଣ୍ଟ ସହ ଦଳ ବର୍ତ୍ତମାନ ୭ମ ସ୍ଥାନରେ ରହିଛି।

ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍

# ଦିଲୀପଙ୍କ କ୍ଲବ୍‌ରେ ମନପ୍ରୀତ୍




ଅନ୍ତୱର୍ପ, ୧୫।୬ (ଏଜେନ୍ସି): ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ରବିବାର ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଭାରତୀୟ ପୁରୁଷ ଖେଳାଳି ଭାବେ ମନପ୍ରୀତ୍ ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ)ର ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ଖେଳି ମନପ୍ରୀତ୍ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ବର୍ତ୍ତମାନ ହକି ଇଣ୍ଡିଆର ସଭାପତି ଥିବା ପଦ୍ମଶ୍ରୀ ଦିଲୀପ ତିର୍କି (୪୧୨ ମ୍ୟାଚ୍) ପ୍ରଥମ ଭାରତୀୟ ପୁରୁଷ ହକି ଖେଳାଳି ଭାବେ ୪୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ରେକର୍ଡ କରିଥିଲେ। ବର୍ତ୍ତମାନ ମନପ୍ରୀତ୍ ଏହି କ୍ଲବରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅଷ୍ଟ୍ରେଲିଆ ହକି ପକ୍ଷରୁ ମନପ୍ରୀତ୍‌ଙ୍କୁ ସମସ୍ତ ଖେଳାଳିଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ୱତନ୍ତ୍ର ଜର୍ସି ଉପହାର ଆକାରରେ ପ୍ରଦାନ କରାଯାଇଥିଲା।

୨୦୧୧ରେ ମାତ୍ର ୧୯ ବର୍ଷ ବୟସରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ମନପ୍ରୀତ୍ ଦୁଇ ଦୁଇଥର ଅଲିମ୍ପିକ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲା। ମନପ୍ରୀତ୍ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର (୨୦୨୧) ସମେତ ଅର୍ଜୁନ (୨୦୧୮), ବର୍ଷର ଶ୍ରେଷ୍ଠ ହକି ଖେଳାଳି (୨୦୧୯) ପୁରସ୍କାର ଜିତିଛନ୍ତି।

### କ୍ୱିନ୍ସ କ୍ଲବ୍ ଚାମ୍ପିଅନସିପ୍: ମାରିଆ ବୟୋଜ୍ୟେଷ୍ଠ ଚାମ୍ପିଅନ

ଲଣ୍ଡନ, ୧୫।୬ (ଏଜେନ୍ସି): ୫୨ ବର୍ଷ ପରେ ଖେଳାଯାଇଥିବା କ୍ୱିନ୍ସ କ୍ଲବ ଡବ୍ଲ୍ୟୁଟିଏ ୫୦୦ ଇଭେଣ୍ଟ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ ଜର୍ମାନୀର ଯୋଗ୍ୟତା ଅର୍ଜନକାରୀ ଖେଳାଳି ତାତ୍‌ଜାନା ମାରିଆ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ମାରିଆ ୬-୩, ୬-୪ ସିଧାସଳଖ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ୩୭ ବର୍ଷୀୟା ମାରିଆ କ୍ୱିନ୍ସ କ୍ଲବରେ ଚାମ୍ପିଅନ ହେବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୭୩ରେ ଶେଷଥର ଲାଗି କ୍ୱିନ୍ସ କ୍ଲବରେ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସେହିବର୍ଷ ରୁଷିଆର ଓଲଗା ମୋରୋଜୋଭା ଚାମ୍ପିଅନ ହୋଇଥିଲେ।

ଜାତୀୟ କରାଟେ

# ୮ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩୬ ପଦକ



ଭୁବନେଶ୍ୱର, ୧୫।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ ତାରିଖରୁ ଚାଲିଥିବା ଜାତୀୟ ଉପକନିଷ୍ଠ, କନିଷ୍ଠ ଓ ଯୁବ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୩୬ ପଦକ ବିଜୟୀ ହୋଇ ୪ର୍ଥ ସ୍ଥାନ ହାସଲ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୫ କାଂସ୍ୟ ପଦକ ରହିଛି। ଶେଷ ଦିନରେ ଓଡ଼ିଶା ପାଇଁ ବୈଭବ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳକ କାଟାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ନୀତିକ ମହନ୍ତ, ବିଶ୍ୱଦୀପ ବେହେରା ଓ ଅଭିଜ୍ଞାନ ଦାଶ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ବ୍ୟକ୍ତିଗତ ବିଭାଗରେ ୫ଜଣ ଓ ଦଳଗତ ବିଭାଗରେ ଓଡ଼ିଶା ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲା।

ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ପ୍ରଶିକ୍ଷକ ଭାବେ ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା, ରାଜେନ୍ଦ୍ର ସାମଲ, କେ.ଜି.କେ. ପ୍ରତିହାରୀ, ସୁସମିନୀ ପାଲଟାସିଂ, କୃଷ୍ଣଚନ୍ଦ୍ର ମହାରଣା, ଭାଲେନା ଭାଲେଣ୍ଟିନା, ଦେବେନ୍ଦ୍ର ରଣା ଦଳ ସହ ଗସ୍ତ କରିଥିଲେ। ସେହିଭଳି ଅବିନାଶ ପୁହରି ମ୍ୟାନେଜର ଓ ରାଜୀବ ସିଂ ଅଫିସିଆଲ୍ ଦାୟିତ୍ୱରେ ରହିଥିଲେ।

୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍

# ଅକ୍ଷରା ଓ ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୧୫।୬ (ସମିସ): ଅକ୍ଷରା ହାନଗା ଓ ସତ୍ୟସ୍ୱରୂପ ମିଶ୍ର ଚଳିତବର୍ଷ ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଅକ୍ଷରା ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଅନିଷା ଆଚାର୍ଯ୍ୟ ରନର୍ସ ଅପ୍ ଓ ଶ୍ରୀୟାଦିତ୍ୟ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗରେ ଆର୍ଯ୍ୟାଂଶ ମିଶ୍ର ଦ୍ୱିତୀୟ ଓ ନମନ ରାଜ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରୋ ଭାଇସ୍ ଚାନ୍ସେଲର ଗୁଞ୍ଜା ଶ୍ରୀଦେବୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଭବେଶ ମହାନ୍ତି, ସ୍ୱଙ୍ଗଶୁ ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ଷଡଙ୍ଗୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଖଣ୍ଡିତର ସର୍ବଭାରତୀୟ କବାଡ଼ି

# ପୁରୁଷ ସେମିଫାଇନାଲରେ ପୁରୀ, ଭୋପାଳ



ରସୁଲପୁର,୧୫।୬(ସମିସ): ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଭୋପାଳ ଦଳ ରସୁଲପୁର ବ୍ଲକ୍ ଖଣ୍ଡିତର ଠାରେ ଚାଲିଥିବା ୭୦ତମ ସର୍ବ ଭାରତୀୟ କବାଡି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ପୁରୀ ଟିମ୍ ଜବରଦସ୍ତ ଖେଳ ପ୍ରଦର୍ଶନ କରି ୪୦- ୧୭ ପଏଣ୍ଟରେ ଗୁଜରାଟକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଭୋପାଳ ଦଳ ମଧ୍ୟ ଦମ୍‌ଦାର ଖେଳିଥିଲା। ଏହି ମୁକାବିଲାକୁ ଭୋପାଳ ୩୩-୨୧ ପଏଣ୍ଟରେ ନାଗପୁର ଟିମ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ବା ସୋମବାର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ୩ୟ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍ ଏ'ର ବିଳାସପୁର ସହ ପୁଲ୍ ଡି'ର ଭଞ୍ଜନଗର, ୪ର୍ଥ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍-ଡି ର ଦିଲ୍ଲୀ ସହ ପୁଲ୍ ଏ'ର କଟକ ମୁହାଁମୁହିଁ ହେବେ। ଷ୍ଟାର୍ ଖଚିତ ରେଳବାଇ ଦଳର ଭଲ ଖେଳ ପ୍ରଦର୍ଶନ ସତ୍ତ୍ୱେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିନପାରିବା ଦର୍ଶକ ମାନଙ୍କୁ ନିରାଶ କରିଥିଲା।

ପୂର୍ବରୁ ଆଜି ସକାଳେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନାଗପୁର ଏନ୍‌ଏସଏସ ପଶ୍ଚିମବଙ୍ଗକୁ ୪୭-୧୧ପଏଣ୍ଟର ଏକ ବଡ ବ୍ୟବଧାନ ହରାଇଥିଲା। ସେହିପରି ବିଳମ୍ବରେ ଆରମ୍ଭ ହୋଇଥିବା ମହିଳା ବିଭାଗର ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବ ରେଳବାଇ ୩୧-୨୦ ପଏଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଆଜିର ୨ୟ ମ୍ୟାଚ୍ ତଥା ପୁରୁଷ ବିଭାଗର ୧୬ତମ ମ୍ୟାଚ୍‌ରେ ବିଳାସପୁର ୩୪-୨୩ ପଏଣ୍ଟରେ କଟକକୁ ହରାଇଥିଲା। ୧୭ତମ ମ୍ୟାଚ୍‌ରେ କିନ୍ତୁ ଓଡିଶାର ଏସଜେଏସୟୁ ପୁରୀ କଡ଼ା ମୁକାବିଲାରେ ଭୋପାଳକୁ ୨୩-୧୯ ପଏଣ୍ଟରେ ହରାଇଥିଲା। ତେବେ ଗତକାଲି ଭଳି ଆଜି ମଧ୍ୟ ରାଜ୍ୟ ବାହାରର ଦଳ ମାନଙ୍କର ଦବଦବା ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS